ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୮୫
୧୨ ନଭେମ୍ବର, ୨୦୨୫ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍
ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 185
12th November, 2025 Wednesday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ସକୃତ୍କନ୍ଦୁକ ପାତେନୋତ୍ ପତତ୍ୟଧଃ ପତନ୍ନପି**
**ତଥା ତ୍ୱନାର୍ଯ୍ୟଃ ପତତି ମୃତ୍ପିଣ୍ଡପତନଂ ଯଥା ।**

ସାଧୁ ଲୋକର ପତନ ହେଲେ ମଧ୍ୟ ତା'ର ପୁଣି ଅଭ୍ୟୁଦୟ ହୁଏ ଯେପରି କନ୍ଦୁକ ଭୂମିରେ ପତିତ ହେଲେ ଉପରକୁ ଉଠେ, ମାତ୍ର ମାଟିର ପାତ୍ର ଭୂମିରେ ପଡ଼ିଲେ ଭଗ୍ନ ହୁଏ, ସେହିପରି ଅସାଧୁ ଲୋକର ପତନ ହିଁ ତା'ର ବିନାଶର କାରଣ ହୁଏ ।

## ଏକଜିଟ୍ ପୋଲ୍
# ବିହାରବାସୀଙ୍କୁ ପସନ୍ଦ ଏନ୍‌ଡିଏ !



**ନୂଆଦିଲ୍ଲୀ,୧୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିହାର ନିର୍ବାଚନ ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ଏକଜିଟ୍ ପୋଲ ପ୍ରକାଶ ପାଇଛି । ମାଟ୍ରିଜ-ଆଇଏଏନ୍ଏସ୍ ଏକଜିଟ୍ ପୋଲ ଅନୁଯାୟୀ, ବିହାରରେ ଏନଡିଏକୁ ୧୪୭-୧୬୭ ଆସନ ଏବଂ ମହାଗଠବନ୍ଧନକୁ ୭୦-୯୦ ଆସନ ଦିଆଯାଇଛି । ମାଟ୍ରିଜ-ଆଇଏଏନ୍ଏସ୍ ଏକଜିଟ୍ ପୋଲ ଅନୁଯାୟୀ, ଏନଡିଏକୁ ୪୮ ପ୍ରତିଶତ, ମହାଗଠବନ୍ଧନକୁ ୩୭ ପ୍ରତିଶତ ଏବଂ ଅନ୍ୟାନ୍ୟକୁ ୧୫ ପ୍ରତିଶତ ଭୋଟ ଦିଆଯାଇଛି ।

ମାଟ୍ରିଜ-ଆଇଏଏନ୍ଏସ୍ ଏକଜିଟ୍ ପୋଲ ଅନୁଯାୟୀ ଏନଡିଏକୁ ଯେଉଁ ୧୪୭ରୁ ୧୬୭ ଆସନର ଆକଳନ କରାଯାଇଛି ସେଥିରୁ ବିଜେପି ୬୫ରୁ ୭୩, ଜେଡିୟୁ ୬୭ରୁ ୭୫, ଲୋକଜନଶକ୍ତି ପାର୍ଟି(ରାମବିଳାସ) ୭ରୁ ୯, ହମ ୪ରୁ ୫ ଓ ଆରଏଲଏମ ୧ରୁ ୨ଟି ଆସନ ପାଇପାରନ୍ତି । ସେହିପରି ମାଟ୍ରିଜ-ଆଇଏଏନ୍ଏସ୍ ଏକଜିଟ୍ ପୋଲ ଅନୁଯାୟୀ ମହାଗଠବନ୍ଧନକୁ ଆକଳନ ଅନୁସାରେ ମିଳିଥିବା ୭୦ରୁ ୯୦ ଆସନ ମଧ୍ୟରୁ ଆରଜେଡିକୁ ୫୩ରୁ ୫୮, କଂଗ୍ରେସକୁ ୧୦ରୁ ୧୨, ବାମଦଳକୁ ୯ ରୁ ୧୪, ଭିଆଇପିକୁ ୧ରୁ ୧୪ଟି ଆସନ ମିଳିବାର ଆକଳନ କରାଯାଇଛି ।

ସେହିପରି ଚାଣକ୍ୟ ଷ୍ଟ୍ରାଟେଜି ଅନୁଯାୟୀ, ଏନଡିଏ ୧୩୦-୧୩୮ ଆସନ, ମହାଗଠବନ୍ଧନକୁ ୧୦୦-୧୦୮ ଏବଂ ଅନ୍ୟାନ୍ୟଙ୍କୁ ୩-୫ ଆସନ ମିଳିବ ବୋଲି ଆକଳନ କରାଯାଇଛି । ଚାଣକ୍ୟ ଷ୍ଟ୍ରାଟେଜି ଅନୁଯାୟୀ ଏନଡିଏକୁ ଯେଉଁ ୧୩୦ରୁ ୧୩୮ ଆସନ ମିଳିବାର ଆକଳନ କରାଯାଇଛି ସେଥିରୁ ବିଜେପି ୭୦ରୁ ୭୫, ଜେଡିୟୁ ୫୨ରୁ ୫୭, ଲୋକଜନଶକ୍ତି ପାର୍ଟି(ରାମବିଳାସ) ୧୪ରୁ ୧୯, ହମ ୦ରୁ ୨ ଓ ଆରଏଲଏମ ୨ରୁ ୩ଟି ଆସନ ପାଇପାରନ୍ତି ଝ ସେହିପରି ମହାଗଠବନ୍ଧନକୁ ଆକଳନ ଅନୁସାରେ ମିଳିଥିବା ୧୦୦ ରୁ ୧୦୮ ଆସନ ମଧ୍ୟରୁ ଆରଜେଡିକୁ ୭୫ରୁ ୮୦, କଂଗ୍ରେସକୁ ୧୭ରୁ ୨୩, ବାମଦଳକୁ ୧୦ ରୁ ୧୬, ଭିଆଇପିକୁ ୭ରୁ ୯ଟି ଆସନ ମିଳିବାର ଆକଳନ କରାଯାଇଛି ।

ପୋଲଷ୍ଟ୍ରାଟ୍ ଦ୍ୱାରା ପ୍ରକାଶିତ ଏକଜିଟ୍ ପୋଲ ଅନୁଯାୟୀ, ଏନଡିଏ ୧୩୩-୧୪୮ ଆସନ, ମହାଗଠବନ୍ଧନକୁ ୮୭-୧୦୨ ଏବଂ ଅନ୍ୟାନ୍ୟଙ୍କୁ ୩-୫ ଆସନ ମିଳିବ ବୋଲି ଆକଳନ କରାଯାଇଛି । ବିହାର ନିର୍ବାଚନ ପାଇଁ ଟିଆଇଏଫ୍ ରିସର୍ଚ୍ଚର ଏକଜିଟ୍ ପୋଲ ମଧ୍ୟ ପ୍ରକାଶ ପାଇଛି । ଏହି ଏକଜିଟ୍ ପୋଲ ଏନଡିଏକୁ ୧୪୫-୧୬୩ ଆସନ, ମହାଗଠବନ୍ଧନକୁ ୭୬-୯୫ ଆସନ ଏବଂ ଅନ୍ୟାନ୍ୟଙ୍କୁ ୩-୬ ଆସନ ଜିତିବେ ବୋଲି ଆକଳନ କରିଛି । ବିହାରରେ, ପ୍ରଜା ପୋଲ ଆନାଲିଟିକ୍ସ ଏକଜିଟ୍ ପୋଲ ଏନଡିଏକୁ ୧୮୬ ଆସନ, ମହାଗଠବନ୍ଧନକୁ ୫୦ ଆସନ ଏବଂ ଅନ୍ୟାନ୍ୟଙ୍କୁ ୭ (ଶେଷ ପୃଷ୍ଠା ଦେଖନ୍ତୁ)

# ଶ୍ରୀମନ୍ଦିରରେ ପହଞ୍ଚିଲା ପୋଡୁଆଁ ଭାର



**ପୁରୀ/ଚାରିଛକ/ନିଆଳି,୧୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାତି ପାହିଲେ ପ୍ରଥମାଷ୍ଟମୀ । ଶ୍ରୀମନ୍ଦିରରେ ପୋଡୁଆଁ ହେବେ ବଡ଼ ଠାକୁର । ଏଥିପାଇଁ ମହାପ୍ରଭୁଙ୍କ ମାମୁ ଘର କଟକ ନିଆଳି ଶ୍ରୀମାଧବାନନ୍ଦଜୀଉ ମନ୍ଦିରରୁ ଆସିଛି ପୋଡୁଆଁ ଭାର । ପ୍ରତିବର୍ଷ ଭଳି ଚଳିତ ବର୍ଷ ଚାରିଛକ ନିକଟସ୍ଥ ପୂର୍ଣ୍ଣ୍ୟତୋୟା ପବିତ୍ର ପ୍ରାଚୀନଦୀ ତଟସ୍ଥ ନିଆଳି ମାଧବ ଠାରେ ଅବସ୍ଥିତ ଶ୍ରୀଜଗନ୍ନାଥଙ୍କ ମାମୁ ଘର ମାଧବାନନ୍ଦ ଜିୟୁ ମନ୍ଦିରରୁ ଆଜି ସକାଳୁ ଚତୁର୍ଦ୍ଧାମୂର୍ତ୍ତୀଙ୍କ ନିମନ୍ତେ ପ୍ରଥମାଷ୍ଟମୀ ଉପଲକ୍ଷେ ପୋଡୁଁଆ ଭାର ପଠାଯାଇଛି । ପୁରାଣ ବର୍ଣ୍ଣିତ ଜଗନ୍ନାଥଙ୍କ ମାମୁ ଘର ଶ୍ରୀ ମାଧବାନନ୍ଦ ଜୀଉ ପରିଚିତ । ଗତ କିଛି ବର୍ଷ ହେବ ଏହି ପୋଡୁଆଁ ଭାର ପ୍ରଥା ବନ୍ଦ ରହିଥିଲା । ମାତ୍ର ଭକ୍ତ ଓ ଜଗନ୍ନାଥ ପ୍ରେମୀଙ୍କ ଆବେଗ ତଥା ମାଧବ ବିକାଶ ପରିଷଦର, ମାଧବାନନ୍ଦ ଜୀଉ ଟ୍ରଷ୍ଟର ଉଦ୍ୟମରେ ୭ବର୍ଷ ହେବ ଏହି ଭାର ପ୍ରଥା ପୁନଃ ପ୍ରଚଳନ ହୋଇଆସୁଛି । ସେଥିପାଇଁ ଚଳଚଞ୍ଚଳ ହୋଇପଡିଥିଲା ନିଆଳି ବ୍ଲକ ଅନ୍ତର୍ଗତ ଚାରିଛକ ନିକଟସ୍ଥ ମାଧବସ୍ଥିତ ମହାପ୍ରଭୁଙ୍କ ମାମୁଘର ଭାବେ ପରିଚିତ ମାଧବାନନ୍ଦଜୀୟୁ ପୀଠ । ଆଜି ପ୍ରତ୍ୟୁଷରୁ ମାଧବାନନ୍ଦଙ୍କ ନିତିକ୍ରାନ୍ତି ପରେ ପ୍ରସ୍ତୁତ ହୋଇ ରହିଥିବା ଏହି ଭାରରେ ମହାପ୍ରଭୁ ପୋଡୁଆଁ ପାଇଁ ନବ ପାଟବସ୍ତ୍ର, ଖଣ୍ଡୁଆ ପାଟ, ଫୁଲ, ତୁଳସୀ, (ଶେଷ ପୃଷ୍ଠା ଦେଖନ୍ତୁ)

# ନୂଆପଡା ଉପନିର୍ବାଚନରେ ୭୯.୯୩% ମତଦାନ

**ଭୁବନେଶ୍ୱର,୧୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି । ଶେଷ ଖବର ସୁଦ୍ଧା ୭୯.୯୩ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି । ନିର୍ବାଚନ ମଇଦାନରେ ୧୪ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି ଓ ଆସନ୍ତା ୧୪ତାରିଖରେ ଗଣତି ସହ ଫଳାଫଳ ଘୋଷଣା ହେବାର କାର୍ଯ୍ୟକ୍ରମ ରହିଛି । ୩ ପ୍ରମୁଖ ଦଳଙ୍କର ପରସ୍ପର ପ୍ରତି ଆରୋପ-ପ୍ରତ୍ୟାରୋପ ମଧ୍ୟରେ ନୂଆପଡାରେ ମତଦାନ ଶାନ୍ତିପୂର୍ଣ୍ଣ ହୋଇଥିବା ନିର୍ବାଚନ ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

ଉପନିର୍ବାଚନ ପାଇଁ ସକାଳ ୭ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇଥିଲା । ସକାଳ ୯ଟା ସୁଦ୍ଧା ମାତ୍ର ୧୪.୯୯ ପ୍ରତିଶତ ମତଦାନ ରେକର୍ଡ କରାଯାଇଥିବାବେଳେ ୩ଟା ସୁଦ୍ଧା ଏହା ୬୫.୨୦ ପ୍ରତିଶତ ଓ ୫ଟା ସୁଦ୍ଧା ୭୫.୩୭ପ୍ରତିଶତ ରେକର୍ଡ କରାଯାଇଥିଲା । ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡା ବିଧାନସଭା ଆସନରେ ୭୫.୪୪% ମତଦାନ ହୋଇଥିଲା । ମତଦାନ ପାଇଁ ସ୍ଥାନୀୟ ଭୋଟରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । ବିଶେଷକରି ଗ୍ରାମାଂଚଳରେ ଭୋଟରମାନେ ବହୁ ସଂଖ୍ୟାରେ ନିଜର ମତାଧିକାର ସାବ୍ୟସ୍ତ କରିଥିବା ଦେଖିବାକୁ ମିଳିଛି । ନୂଆପଡା ବିଧାନସଭା ମଣ୍ଡଳୀରେ ମୋଟ ପ୍ରାୟ ୨ଲକ୍ଷ ୫୩ହଜାର ୬୨୪ ଭୋଟର ଥିବାବେଳେ ନିର୍ବାଚନ କମିଶନଙ୍କ ଶେଷ ତଥ୍ୟ ଅନୁସାରେ(ରାତି ୯ଟା ସୁଦ୍ଧା) ମୋଟ ମତଦାନ ୭୯.୯୩% ରେକର୍ଡ କରାଯାଇଛି ।

ସନ୍ଧ୍ୟାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର.ଏସ୍ ଗୋପାଳନ କହିଛନ୍ତି ଯେ, ନୂଆପଡା ବିଧାନସଭା ମଣ୍ଡଳୀର ସମସ୍ତ ୪୭ଟି ସମ୍ବେଦନଶୀଳ ବୁଥରେ ଭୋଟିଂ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ସୁନାବେଡାର ୮ଟି ଅତି ସମ୍ବେଦନଶୀଳ ବୁଥରେ ମତଦାନ ଶେଷ (ଶେଷ ପୃଷ୍ଠା ଦେଖନ୍ତୁ)

# ୫ ଜିଲ୍ଲା ପାଇବେ ଜଳ ସଞ୍ଚୟ ଜନ ଭାଗିଦାରୀ ପୁରସ୍କାର

**ଭୁବନେଶ୍ୱର,୧୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର: ଜଳ ଶକ୍ତି ମନ୍ତ୍ରଣାଳୟ ଜଳ ସଂଚୟ ଜନ ଭାଗୀଦାରୀ ପ୍ରୟାସ ଅନ୍ତର୍ଗତ ଉତ୍କୃଷ୍ଟ ପ୍ରଦର୍ଶନକାରୀଙ୍କ ପାଇଁ ପୁରସ୍କାର ଘୋଷଣା କରିଛି । ଏଥିରେ ଓଡିଶାର ୫ଟି ଜିଲ୍ଲା ମନୋନୀତ ହୋଇଛି । ଓଡିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ଜିଲ୍ଲା ରହିଛି । ପୁରସ୍କାର ବାବଦକୁ ୨୫ ଲକ୍ଷ ଟଙ୍କା ମିଳିବ । ୨୦୨୫ ମସିହା ପାଇଁ ପୁରସ୍କାରଗୁଡ଼ିକ ନଭେମ୍ବର ୧୮ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ଏକ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ କରିବେ ।

ଜଳ ସଞ୍ଚୟ ଜନ ଭାଗିଦାରୀ ପଦକ୍ଷେପ ୨୦୨୪ ସେପ୍ଟେମ୍ବର ୬ରେ ଗୁଜୁରାଟର ସୁରଟ ଠାରେ ଆରମ୍ଭ କରାଯାଇଥିଲା । ଏହି ପଦକ୍ଷେପ ଅଧୀନରେ ରାଜ୍ୟଗୁଡ଼ିକୁ ପାଞ୍ଚଟି ଜୋନରେ ବିଭକ୍ତ କରାଯାଇଛି । ଜିଲ୍ଲାଗୁଡ଼ିକୁ ସର୍ବନିମ୍ନ ୧୦ ହଜାର କୃତ୍ରିମ ପୁନଃଭରଣ ଏବଂ ସଂରକ୍ଷଣ ଢାଞ୍ଚା ନିର୍ମାଣ କରିବେ । ଉତ୍ତର-ପୂର୍ବ ଏବଂ ପାହାଡିଆ ରାଜ୍ୟଗୁଡ଼ିକର ଜିଲ୍ଲାଗୁଡ଼ିକ ପାଇଁ ଏହି ସଂଖ୍ୟା ୩ ହଜାର ରହିଛି । ଯେତେବେଳେ ଦେଶବ୍ୟାପୀ ନଗର ନିଗମ ପାଇଁ ଏହା ୧୦ ହଜାର ରହିଛି । ଏହି ଢାଞ୍ଚାଗୁଡ଼ିକ ମଧ୍ୟରେ ଛାତ ଉପରେ ବର୍ଷାଜଳ ଅମଳ, ହ୍ରଦ, ପୋଖରୀ (ଶେଷ ପୃଷ୍ଠା ଦେଖନ୍ତୁ)

# ବ୍ରହ୍ମପୁର ଏସପିଙ୍କ ନିସର୍ତ୍ତ କ୍ଷମା ପ୍ରାର୍ଥନା

**କଟକ,୧୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବରିଷ୍ଠ ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ବିବାଦୀୟ ବୟାନ ଦେବା ପ୍ରସଙ୍ଗରେ ଶେଷରେ

## ପୀତବାସ ହତ୍ୟା ମାମଲା

ହାଇକୋର୍ଟରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି ବ୍ରହ୍ମପୁର ଏସପି ଡାକ୍ତର ଶର୍ବଣା ବିବେକ । ଏହାପରେ ତାଙ୍କ ବିରୁଦ୍ଧରେ ଅଦାଲତ ମାମଲା ନ ଚଳାଇବାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ।



ସୂଚନାଯୋଗ୍ୟ, ରାଜ୍ୟ ଆଇନଜୀବି ପରିଷଦ ସଦସ୍ୟ ତଥା ବରିଷ୍ଠ ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଏସପି ଗଣମାଧ୍ୟମରେ ଦେଇଥିବା ବୟାନରେ ହାଇକୋର୍ଟରେ ବିଚାରଧୀନ ବ୍ରହ୍ମପୁର ବିଧାନସଭା ଆସନ ସଂପର୍କିତ ନିର୍ବାଚନୀ ମୋକଦ୍ଦମା ସଂକ୍ରାନ୍ତରେ ଦେଇଥିବା ଟିପ୍ପଣୀ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ହାଇକୋର୍ଟ ଏହି ପ୍ରସଙ୍ଗକୁ ଗୁରୁତର ସହିତ ଗ୍ରହଣ କରିବା ସହିତ ବ୍ରହ୍ମପୁର ଏସପିଙ୍କ ନିକଟରୁ ସ୍ପଷ୍ଟୀକରଣ ଲୋଡ଼ିଥିଲେ । କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ଏସପି ଏପରି ବକ୍ତବ୍ୟ ଦେଇଥିଲେ, ସେ ନେଇ ସ୍ପଷ୍ଟୀ କରଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଶେଷ କରି ହାଇକୋର୍ଟ ଶୁଣୁଥିବା ନିର୍ବାଚନୀ ମୋକଦ୍ଦମା ପ୍ରସଙ୍ଗରେ ଉଲ୍ଲେଖ କରି ଏସପି କେଉଁ ସ୍ଥିତିରେ ଏପରି ବକ୍ତବ୍ୟ ରଖିଥିଲେ ଓ ଏପରି ଆଚରଣକୁ ଅଦାଲତଙ୍କ ଅବମାନନା ଭାବେ କାହିଁକି ଗ୍ରହଣ କରାନଯିବ, ସେ ନେଇ ସ୍ପଷ୍ଟୀକରଣ ଦେବାକୁ ହାଇକୋର୍ଟ କହିଥିଲେ । ନଭେମ୍ବର ୭ ତାରିଖ ସୁଦ୍ଧା ହାଇକୋର୍ଟରେ ଏପରି ସ୍ପଷ୍ଟୀକରଣ ଏସପି ଦାଖଲ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ରହ୍ମପୁର ଆସନ ସଂପର୍କିତ ନିର୍ବାଚନୀ ମୋକଦ୍ଦମାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

ଆଜି ମାମଲାର ଶୁଣାଣି ସମୟରେ ନିର୍ବାଚନୀ ମୋକଦ୍ଦମାର ଆବେଦନକାରୀ ମନୋଜ କୁମାର ପଣ୍ଡାଙ୍କ ତରଫରୁ ଏକ ସତ୍ୟପାଠ ଦାଖଲ କରାଯାଇ ଦର୍ଶାଯାଇଥିଲା ଯେ, ଅକ୍ଟୋବର ୨୨ରେ ସେ ରେଳଷ୍ଟେସନରୁ (ଶେଷ ପୃଷ୍ଠା ଦେଖନ୍ତୁ)

## ସରକାରୀ ଡାକ୍ତରଖାନାରେ ଗୁରୁତରଙ୍କ ଚିକିତ୍ସା ନାହିଁ
# ପ୍ରସୂତୀଙ୍କ ନିରାପଦ ମାତୃତ୍ୱ ବି ବାଜିରେ ଲାଗିଛି

**କେନ୍ଦ୍ରାପଡ଼ା,୧୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱାଧୀନତାର ୭୮ବର୍ଷ ପରେ ବି ସରକାର ଲୋକଙ୍କୁ ଉପଯୁକ୍ତ ଗୁଣାତ୍ମକ ଶିକ୍ଷା ଓ ଉଚ୍ଚତର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସମର୍ଥ ହୋଇନାହାଁନ୍ତି । ସରକାର ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଜାଣିଶୁଣି ବିପର୍ଯ୍ୟସ୍ତ କରିବା ସହିତ ଘରୋଇ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଅନୁରୂପ ଅବସ୍ଥା । ସରକାରୀ ଚିକିତ୍ସାଳୟଗୁଡ଼ିକରେ କୌଣସି ଗୁରୁତର ରୋଗୀ ଚିକିତ୍ସା ହୋଇ ସୁସ୍ଥ ହେବା ଆଉ ସମ୍ଭବ ହେଉନାହିଁ ।

ସରକାର ନିଜର ଅପାରଗତାକୁ ଘୋଡ଼ାଇବା ପାଇଁ ବୀମା ଯୋଜନାରେ ଲୋକଙ୍କୁ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେବାକୁ ନିର୍ଦ୍ଦିଷ୍ଟ ପରିମାଣର ବୀମା ଯୋଜନା ପ୍ରଣୟନ କରିଛନ୍ତି । ଏଥିରେ ସେହି ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଖର୍ଚ୍ଚ ହେବା ଯାଏ ରୋଗୀଟିଏ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ପାଇପାରୁଛି । ତେବେ ସରକାର ଜନନୀ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବାର କୁହାଯାଉଛି । ଏଥିପାଇଁ ଗର୍ଭଧାରଣ ଦିନ ଠାରୁ ଅଙ୍ଗନବାଡ଼ି ଜରିଆରେ ସୁଷମ ଖାଦ୍ୟ ଯୋଗାଣ, ପ୍ରସୂତୀଙ୍କୁ ଚିକିତ୍ସାଳୟକୁ ଆଣିବା ଓ ପ୍ରସବ ପରେ ନେଇ ଘରେ ଛାଡ଼ିବା ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା ଏବଂ ପ୍ରସବ କାଳୀନ ପ୍ରୋତ୍ସହନ ରାଶି ପ୍ରଦାନ ଆଦିର ଅନେକ ବ୍ୟବସ୍ଥା କରିଛନ୍ତି । ସୁରକ୍ଷିତ ପ୍ରସବ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତି ଜିଲ୍ଲାରେ ବହୁ କୋଟି ଟଙ୍କାରେ ସ୍ୱତନ୍ତ୍ର ମାତୃ ଓ ଶିଶୁ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଛି । ହେଲେ ସୁରକ୍ଷିତ ପ୍ରସବ କରାଇବା ଭଳି ଜନନୀ ସୁରକ୍ଷାର ମୂଳ କଥାଟିକୁ ସରକାର ଏଯାଏ ଗୁରୁତ୍ୱ ଦେଇନାହାଁନ୍ତି । ଫଳରେ ପ୍ରସୂତୀ ମହିଳା ଭାଗ୍ୟକୁ ଆଦରି ଚିକିତ୍ସାଳୟକୁ ଯାଉଛନ୍ତି । ସୌଭାଗ୍ୟ ବସତଃ ଦୁଇ ହଜାର ଟଙ୍କା ଯାଉପଛେ ଯଦି ସ୍ୱାଭାବିକ ପ୍ରସବ ହୋଇଗଲା ତ ଭଲ । ଅନ୍ୟଥା ଘରୋଇ ହସ୍ପିଟାଲକୁ ଯାଇ ମୋଟା ଅଙ୍କର ଟଙ୍କା ଗଣିବାକୁ ପଡ଼ିବ ନଚେତ ଜୀବନ ଚାଲିଯିବ । କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ପରିସ୍ଥିତିକୁ ଲୋକେ କ୍ରମାଗତ ଭାବେ ଅଙ୍ଗେ ନିଭାଇ ଅତିଷ୍ଠ ହୋଇପଡ଼ିଲେଣି ।

ଏହି ଜିଲ୍ଲାର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ କଥା ଦୂରେ ଥାଉ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସ୍ୱତନ୍ତ୍ର ମାତୃ ଓ ଶିଶୁ ଚିକିତ୍ସାଳୟରେ ପ୍ରସବ ନିମନ୍ତେ ପ୍ରତିଦିନ ଭର୍ତ୍ତି ହେଉଥିବା ପ୍ରସୂତୀ ମହିଳାଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମହିଳାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ରେଫର କରାଯାଏ ନାଇତ ରେଫର କରିବାକୁ କୁହାଯାଏ । ଯେଉଁମାନେ ଟିକେ ଅସଚେତନ, ନିରୀହ ତଥା ସରଳ ଓ କିଛି ମୋଟା ଅଙ୍କର ଟଙ୍କା ଦେବାର ସାମର୍ଥ୍ୟ ଥିବା ଜଣାଯାଏ ସେମାନଙ୍କ ଆକୁଳ ଆବେଦନ ନିବେଦନ ପରେ ବିଶେଷଜ୍ଞ ଡ଼ାକ୍ତର ସେହି ଡ଼ାକ୍ତର ଖାନାରେ ଅପରେସନ୍ କରାଇ ଅନାୟସରେ ପ୍ରସବ କରାଇ ଦିଅନ୍ତି । ବଡ଼ ବଡ଼ିଆ ଲୋକେ ବିଚରା ଭୟ ଭୀତ ହୋଇ ନିଜର ପ୍ରସୂତୀଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ନେବେ କ'ଣ କଥା ବାର୍ତ୍ତା କରି ଘରୋଇ ହସ୍ପିଟାଲ ବା ନର୍ସିଂହୋମକୁ ନେଇ ପ୍ରସବ କରାଇଥାନ୍ତି । ଆଉ ଗରିବ ଗରୁବା (ଶେଷ ପୃଷ୍ଠା ଦେଖନ୍ତୁ)



# ବେଆଇନ ଦୁଇ ମାଛଧରା ଡଙ୍ଗା ଜବତ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଆର୍ଯ୍ୟପଲ୍ଲୀ ସମୁଦ୍ରକୁ ବେଆଇନ ଭାବେ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଅଧିକାଂଶ ସମୟରେ ବଡ ବଡ ଡଙ୍ଗା ଓ ଟ୍ରଲର ଆସି ଏଠାରେ ବଡ ବଡ ଜାଲରେ ମାଛ ମାରୁଥିବା ନେଇ ସ୍ଥାନୀୟ ମତ୍ସ୍ୟଜୀବିମାନେ ବହୁବାର ଅଭିଯୋଗ କରିଆସୁଥିଲେ। ସୋମବାର କିଛି ବଡ ବଡ ଡଙ୍ଗା କାକିନଡା ଓ ବିଶାଖାପଟନମରୁ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ମାଛ ମାରୁଥିବା ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ଜାଣିପାରି ଦୁଇଟି ଡଙ୍ଗାକୁ ଜବତ କରି ଜେଟି ନିକଟକୁ ଆଣିଥିଲା। ସୀମା ପାର କରି ବେନିୟମ ଭାବେ ମାଛ ମାରୁଥିବାରୁ ସେମାନଙ୍କ ମତ୍ସ୍ୟଜିବୀମାନଙ୍କୁ ବିଭାଗ ପକ୍ଷରୁ ତାଗିଦ କରାଯାଇଥିଲା। ପରେ ଦୁଇ ଡଙ୍ଗାକୁ ଛଡାଯାଇଥିଲା, ଯେପରି ଏହାର ପୁନରାବୃତ୍ତି ନହେବ ସେଥିପ୍ରତି ଧ୍ୟାନ ଦେବାକୁ ସେମାନଙ୍କୁ କଡାନିର୍ଦ୍ଦେଶ ଦିଆଯାଇଥିଲା। ଯଦି ପୁଣି ବେନିୟମ ଭାବେ ଏଠାକୁ ଆସି ମାଛ ଧରିବ ସେମାନଙ୍କ ଡଙ୍ଗାକୁ ଜବତ କରାଯିବ ବୋଲି ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ କୁହାଯାଇଛି। ଏପରିକି ମେ ୩୧ ପର୍ଯ୍ୟନ୍ତ ଆର୍ଯ୍ୟପଲ୍ଲୀ ଠାରୁ ପ୍ରୟାଗି ପର୍ଯ୍ୟନ୍ତ ନୋ ଫିସିଙ୍ଗ ଜୋନ ରହିଛି। ବେନିୟମ ଭାବେ ଆନ୍ଧ୍ରରୁ ବଡ ବଡ ଡଙ୍ଗା ଓ ଟ୍ରଲର ଆସି ବଡ ବଡ ଜାଲରେ ବେନିୟମ ଭାବେ ମାଛ ଧରି ନେଇଯାଉଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବିଙ୍କ ଛୋଟ ଡଙ୍ଗା ଓ ଜାଲ ଥିବାରୁ ସେମାନଙ୍କ ଜାଲରେ ମାଛ ସଂଖ୍ୟା କମିଯାଉଥିଲା ଏନେଇ ସେମାନେ ବହୁବାର ଅଭିଯୋଗ କରିଆସୁଥିଲେ।


# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୨ ନଭେମ୍ବର ୨୦୨୫ । ବୁଧବାର




# ଅଚ୍ଚ୍ୟୁତପୁର ବଜାରରୁ ବାରିକ ସାହି ଗ୍ରାମ୍ୟ ରାସ୍ତା ଶୋଚନୀୟ



**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗାଁମାନଙ୍କରେ ଜନସାଧାରଣମାନଙ୍କ ଯାତାୟତ ନିମନ୍ତେ କଂକ୍ରିଟ ରାସ୍ତାମାନ ନିର୍ମାଣ କରିଥିଲେ ମଧ୍ୟ କେତେକ ରାସ୍ତା ଅବସ୍ଥା ଏବେ ବେହାଲ ହେବା ସହ ଶୋଚନୀୟ ହୋଇ ପଡିଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଞ୍ଚାୟତ ଅଚ୍ଚ୍ୟୁତପୁର ବଜାରରୁ ବାରିକ ସାହି ଗ୍ରାମ୍ୟ ରାସ୍ତାରେ। ବିଶେଷ କରି ଏହି ରାସ୍ତାଟି ଗୋଟିଏ ପଟେ ନିଶ୍ଚିନ୍ତକୋଇଲି-ଲଳିତଗିରିକୁ ସଂଯୋଗ କରୁଥିବାବେଳେ ଅନ୍ୟପଟେ ମାହାଙ୍ଗା-କଟିକଟାକୁ ସଂଯୋଗ କରୁଅଛି । ଏବେ ଏହି ରାସ୍ତାର ଅନେକ ସ୍ଥାନରେ ଖାଲ ଖମା ହେବା ସହ ବର୍ଷା ଦିନେ ପାଣି ଜମୁଥିବା ଦେଖିବାକୁ ମିଳିଛି । ଯାହା ଫଳରେ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟିଥାଏ। ଏପରିକି ଏହି ରାସ୍ତା ପାର୍ଶ୍ୱରେ ଚାଷ ଜମି ଥିବାରୁ ଚାଷୀମାନେ ରବି ଓ ଖରିଫ ଋତୁରେ ବିଭିନ୍ନ ପ୍ରକାରର ଚାଷ କରିଥାନ୍ତି। ଏବେ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଥିବାରୁ ଯାତାୟତରେ ନାନା ସମସ୍ୟା ଦେଖାଦେଇଛି। ଏହି ରାସ୍ତା ଦେଇ ପ୍ରତ୍ୟହ କୁନି କୁନି ପିଲାଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବିଦ୍ୟାଳୟ, ମହାବିଦ୍ୟାଳୟ, ଭଦ୍ରେଶ୍ୱର ଥାନା, ଡାକ୍ତରଖାନା, ଡାକଘର, ବ୍ୟାଙ୍କ, ବ୍ଲକ, ତହସିଲ, ନିଶ୍ଚିନ୍ତକୋଇଲି, ଲଳିତଗିରି, କଟିକଟା ଓ କେନ୍ଦ୍ରପଡା ଆଦି ସ୍ଥାନକୁ ଯାତାୟତ କରିଥାନ୍ତି। ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ କଟକ ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ତୁରନ୍ତ ରାସ୍ତା ମରାମତି ପାଇଁ ସାଧାରଣରେ ଦାବି ହୋଇଛି।

# କଳିଙ୍ଗ ବାଲିଯାତ୍ରା ଉଦଯାପିତ: ଯୋଗଦେଲେ ରାଜ୍ୟପାଳ

**ପାରାଦୀପ: ଏକ୍ସପ୍ରେସ ନ୍ୟୁଜ୍**




ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ୩୩ତମ କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୫ ସୋମବାର ସନ୍ଧ୍ୟାରେ ଶାନ୍ତିପୂର୍ଣ୍ଣ ଭାବେ ଉଦଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ମହତ୍ୱ ବୃଦ୍ଧି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ପୋଲିସ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଅଧ୍ୟକ୍ଷ ଜେ.ସୋନାଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉତ୍ସବ ନଭେମ୍ବର ୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିବା ବେଳେ ଉଦଯାପନୀ ଉତ୍ସବରେ ଲଗାତାର ଦ୍ୱିତୀୟଥର ଯୋଗଦାନ କଳିଙ୍ଗ ବାଲିଯାତ୍ରା ମହୋତ୍ସବର ଗାରିମା ବେସ ବୃଦ୍ଧି କରିଥିଲା। ସାତଦିନ ବ୍ୟାପି ଏହି ଉତ୍ସବର ପ୍ରତ୍ୟକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଖ୍ୟାତନାମା କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ସାଧାରଣରେ ବେସ ଆକର୍ଷଣୀୟ ହୋଇପାରିଥିଲା। ତେବେ ଅନ୍ତିମ ସନ୍ଧ୍ୟାରେ ବଲିଉଡ ଜଗତର ଖ୍ୟାତନାମା ଗାୟକ ଅଙ୍କିତ ତିୱାରୀଙ୍କ ସଙ୍ଗୀତ ପରିବେଷଣ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବାର ଦେଖିବାକୁ ମିଳିଥିଲା। ଜିଲ୍ଲାପାଳ ତଥା ବାଲିଯାତ୍ରା କମିଟିର ଅଧ୍ୟକ୍ଷ ଜେ.ସୋନାଲଙ୍କ ତତ୍ୱାବଧାନରେ ଆୟୋଜିତ ଏହି ସପ୍ତାହ ବ୍ୟାପି ମହୋତ୍ସବରେ କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ସମ୍ପାଦକ ତଥା ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଓ ସଦସ୍ୟା ସକ୍ରିୟ ସହଯୋଗ କରିଥିଲେ। ତେବେ ଚଳିତ ମହୋତ୍ସବରେ ନୌକା ପ୍ରତିଯୋଗିତା ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ ବେସ ଆକର୍ଷଣୀୟ ହୋଇଥିବା ବେଳେ ପଲ୍ଲିଶ୍ରୀ ମେଳାରେ ଭଲ ବ୍ୟବସାୟ ହୋଇଥିଲା। ପ୍ରଚାରପ୍ରସାର ଅଭାବରୁ ମହୋତ୍ସବର ପ୍ରାରମ୍ଭରେ ସେଭଳି ଜନସମାଗମ ଦେଖିବାକୁ ମିଳିନଥିବା ବେଳେ ଶେଷ ପର୍ଯ୍ୟାୟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

# ମାପଚୁପ ଆରମ୍ଭ: ଭଙ୍ଗା ହେବ ଅଟ୍ଟାଳିକା

**ଅସ୍ତରଙ୍ଗ: ଏକ୍ସପ୍ରେସ ନ୍ୟୁଜ୍**



ଦୀର୍ଘ ଦିନ ଧରି ଅସ୍ତରଙ୍ଗ କାକଟପୁର ମୁଖ୍ୟ ବଜାର କିଛି ଅସାଧୁ ବ୍ୟକ୍ତି ମାଡ଼ିବସି ମାର୍କେଟ କମ୍ପ୍ଲେକ୍ସ ଗଢ଼ି ଭଡ଼ା ଆଦାୟ କରୁଥିବା ନେଇ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଘଟଣାକୁ ଗୁରୁତର ସହ ନେଇ ମାପଚୁପ କରି ପୂର୍ତ୍ତ ବିଭାଗ ରାସ୍ତା ଖାଲି କରି ବେଆଇନ୍ ମାର୍କେଟ କମ୍ପ୍ଲେକ୍ସ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ନିମାପଡ଼ା ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶଳ ହେମ୍ବ୍ରମ ଓ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପତିଙ୍କ ମିଳିତ ସହଯୋଗରେ ଏକ ୫ ଜଣିଆ ଟିମ୍ ମଙ୍ଗଳବାର ଅସ୍ତରଙ୍ଗ ରାଜସ୍ୱ କାର୍ଯ୍ୟାଳୟ ଠାରୁ ମାପଚୁପ ଆରମ୍ଭ କରିଛି। ସୂଚନା ଥାଉକି ପୂର୍ତ୍ତ ବିଭାଗ ରାସ୍ତାରେ ବେଆଇନ ଭାବେ ମାର୍କେଟ କମ୍ପ୍ଲେକ୍ସ ଗଢ଼ି ଉଠିଥିବା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଛାନିଆ ପଶିଥିଲା ପ୍ରଶାସନର ଏଠି ପ୍ରଶ୍ନ ଉଠୁଛି ଖାଲି ମାପଚୁପ ହେବ ନା ବେଆଇନ ମାର୍କେଟ କମ୍ପ୍ଲେକ୍ସ ଅଟ୍ଟାଳିକା ଭାଙ୍ଗିବ ତ ଦେଖିବାକୁ ବାକି ରହିଲା।

# କ୍ରୋମ ଓର ବେନେଫିସିଏସନ ପ୍ଲାଣ୍ଟ ସ୍ଥାପନକୁ ସରପଞ୍ଚଙ୍କ ବିରୋଧ

**ଭଣ୍ଡାରିପୋଖରୀ: ଏକ୍ସପ୍ରେସ ନ୍ୟୁଜ୍**

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବୟାବନାପୁର ପଞ୍ଚାୟତ ଯାବିନିବିନ୍ଧା ଗ୍ରାମରେ ଶ୍ରୀ ମୋନୋଲିଥିକ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପ୍ରସ୍ତାବିତ କ୍ରୋମ ଓର ବେନେଫିସିଏସନ ପ୍ଲାଣ୍ଟ ସ୍ଥାପନକୁ ସ୍ଥାନୀୟ ସରପଞ୍ଚ ମିନତୀ ସାହୁ ବିରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ପରିବେଶ ପ୍ରତିବର୍ତ୍ତନ ବିଭାଗର ବାଲେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗତ ଅକ୍ଟୋବର ୨୮ ତାରିଖ ପତ୍ର ସଂଖ୍ୟା ୪୪୬୩ ଅନୁଯାୟୀ ସରପଞ୍ଚଙ୍କ ମତାମତ ଲୋଡାଯାଇଥିଲା। ସରପଞ୍ଚ ଶ୍ରୀମତୀ ସାହୁ, ପାଟୁଳି ସରପଞ୍ଚ ଗୁରୁପ୍ରସାଦ ଗିରି, ସମାଜସେବୀ ରଜନୀକାନ୍ତ ଚନ୍ଦ ଓ ନଗୁଆଁ ସେବା ସମବାୟ ସଭାପତି ରମେଶ ଚନ୍ଦ୍ର ଭାରତୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଲିଖିତ ବିରୋଧ ପତ୍ର ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ବହୁ ପରିମାଣର ଭୂତଳ ଜଳସ୍ତର ବିନିଯୋଗ ହୋଇ ପାନୀୟ ଜଳ ସଙ୍କଟ ସୃଷ୍ଟି ହେବ। ପ୍ଲାଣ୍ଟରୁ ନିର୍ଗତ ହେବାକୁ ଥିବା ବର୍ଜ୍ୟ ତରଳ ବିଷାକ୍ତ ପଦାର୍ଥ ପ୍ରାକୃତିକ ଜଳଧାରାରେ ମିଶି ଜୀବଜନ୍ତୁଙ୍କ କ୍ଷତି ସାଧନ କରିବ। ଏଥିଯୋଗୁଁ ପାରିପାର୍ଶ୍ୱିକ ଚାଷଜମି କୃଷି ଉପଯୋଗୀତା ହରାଇବ। ପ୍ଲାଣ୍ଟରୁ ନିର୍ଗତ ଧୂଳି, ଧୂଆଁ ଓ ଶବ୍ଦ ପରିବେଶ ପ୍ରଦୂଷଣ କରିବା ସହ ଧ୍ୱନୀ ପ୍ରଦୂଷଣ ସୃଷ୍ଟି କରିବ। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଜୈବ ବିବିଧତା ଉପରେ ଏହାର ଗୁରୁତର ପ୍ରଭାବ ପକାଇବ ବୋଲି ଦର୍ଶାଯାଇ ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟଙ୍କୁ ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଏହାର ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବାରିପଦା ଖଣି ଉପନିର୍ଦ୍ଦେଶକ, ଓଏମସି ପରିଚାଳନା ନିର୍ଦ୍ଦେଶକ ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅଗତ କରାଯାଇଛି ବୋଲି ସରପଞ୍ଚ ଶ୍ରୀମତୀ ସେଠୀ ସୂଚନା ଦେଇଛନ୍ତି।

# ଡ଼ଃ ପ୍ରତିଭା ମହାରଥୀ ପାଇବେ ଶିଶୁ ଅନନ୍ତ ସମ୍ମାନ



**ବାଲିପାଟଣା: ଏକ୍ସପ୍ରେସ ନ୍ୟୁଜ୍**

ଆସନ୍ତା ଡିସେମ୍ବର ତିନି ତାରିଖରେ ବାଲିପାଟଣା ସ୍ଥିତ ମହାପୁରୁଷ ଶିଶୁ ଅନନ୍ତଙ୍କ ପୀଠରେ ପାଳନ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଶିଶୁ ଅନନ୍ତ ଜୟନ୍ତୀ ଉତ୍ସବ। ଏହି ଅବସରରେ ଚଳିତ ବର୍ଷର ମର୍ଯ୍ୟାଦା ଜନକ ଶିଶୁଅନନ୍ତ ସଂମ୍ମାନ ପାଇବେ ବାଗ୍ମୀ ତଥା ସଂସ୍କୃତି ଗବେଷିକା ଡ଼ଃ ପ୍ରତିଭା ମହାରଥୀ। ଏଠାରେ ଉଲ୍ଲେଖଯୋଗ୍ୟ ରାଜ୍ୟର ୩୦୦ତମ ପର୍ଯ୍ୟଟନ ସ୍ଥଳୀ ଶିଶୁମଠ ଗ୍ରାମ ସ୍ଥିତ ସିଶୁଅନନ୍ତ ପୀଠରେ ଆସନ୍ତା ଡିସେମ୍ବର ୩ ତାରିଖ ବୁଧବାର ରାଜ୍ୟସ୍ତରୀୟ ମହାପୁରୁଷ ଶିଶୁ ଅନନ୍ତଙ୍କ ଜୟନ୍ତୀ ଉତ୍ସବ ୨୦୨୫ ପାଳନ ହେବ। ପ୍ରତିବର୍ଷ ପରି ଚଳିତ ବର୍ଷ ଶିଶୁ ଅନନ୍ତ ସ୍ମୃତି ସଂସଦ ଓ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କିଛି ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ସବୁଠାରୁ ମର୍ଯ୍ୟାଦା ଜନକ ଶିଶୁ ଅନନ୍ତ ସମ୍ମାନ ବାଗ୍ମୀ ତଥା ସଂସ୍କୃତି ଗବେଷିକା ଡ଼ଃ ପ୍ରତିଭା ମହାରଥୀଙ୍କୁ ପ୍ରଦାନ କରାଯିବ। ଏଥିସହ ବାବା ମଧୁସୂଦନ ସମ୍ମାନ ପାଇବେ ବରିଷ୍ଠ କଣ୍ଠ ଶିଳ୍ପୀ ଗୀତାରାଣୀ ଦାଶ, ଶ୍ରେଷ୍ଠ ସମୀକ୍ଷକ ଭାବରେ ଦିଲ୍ଲିପ ହାଲିଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ଅବସର ପ୍ରାପ୍ତ ପ୍ରଶାସକ ଅଖିଳ ବିହାରୀ ଓତାଙ୍କୁ ବାଲିପାଟଣା ଗୌରବ ସମ୍ମାନ, କବି ପୁର୍ଣ୍ଣ ଚନ୍ଦ୍ର ମହାରଣାଙ୍କୁ ଅଧ୍ୟାପକ ଅବଦୁଲ୍ ଓସିଦ୍ ସ୍ମୃତି ସମ୍ମାନ, ଡ଼ଃ ଇତିଶ୍ରୀ ସାମନ୍ତଙ୍କୁ ବଡ଼ ଭାଇ ନଦିଆ ବିହାରୀ ସ୍ମୃତି ସମ୍ମାନ ଏବଂ ଦୈନିକ ସମ୍ବାଦର ପ୍ରତିନିଧି ସାମ୍ବାଦିକ ବସନ୍ତ ଦାଶଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ ପାଇଁ ସ୍ଥିର ହୋଇଥିବା ଶିଶୁ ଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ସୂଚନା ଦେଇଛନ୍ତି। ଡ଼ଃ ନିରଞ୍ଜନ ସାହୁ ଓ ପଞ୍ଚସଖା ଗବେଷକ ଗୁରୁ ପ୍ରସାଦ ପୃଷ୍ଟି ଶିଶୁ ଅନନ୍ତଙ୍କ ମହିମା ଗାନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଉକ୍ତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେବାକୁ ସ୍ମୃତି ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି।

# କଦମପଡା ଶିଶୁମନ୍ଦିରରେ 'ଗଣିତ ହାଟ' କାର୍ଯ୍ୟକ୍ରମ



**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ଆଜି କଦମପଡା ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ 'ଗଣିତ ହାଟ' କାର୍ଯ୍ୟକ୍ରମ ଡ. ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ପାଳନ କରାଯାଇଛି। ଏଥିରେ ଉଦଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ତ୍ରିବିକ୍ରମ ଦାଶ ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ପ୍ରବନ୍ଧକ, ଷ୍ଟେଟ ବ୍ୟାଙ୍କ, ବଲାଙ୍ଗୀର ପ୍ରମୋଦ କୁମାର ଦାଶ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅତିଥି ପରିଚୟ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର କରିଥିବା ବେଳେ ସଂଯୋଜନା ଛାତ୍ର ପ୍ରତ୍ୟୁଷ ତ୍ରିପାଠୀ, ଇଚ୍ଛାମୟ ମିଶ୍ର ଓ ଗୁରୁମା ରଶ୍ମି ମିଶ୍ର କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ଅଧ୍ୟୟନରତ ୧୩୯ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଦ୍ୟାଳୟ ପରିସରରେ ସେମାନଙ୍କ ପାଇଁ ଉଠା ଦୋକାନର ବନ୍ଦୋବସ୍ତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ମୁଖ୍ୟତଃ ମିଷ୍ଟାନ୍ନ, ପିଠା, ଚାହା, ବହିପତ୍ର, ଖେଳଣା, ମାଟି ତିଆରି ବସ୍ତୁ, ପନିପରିବା, ଖାଦ୍ୟପଦାର୍ଥ, ଷ୍ଟିଲ ବସ୍ତୁ ଆଦି ବିଭିନ୍ନ ପ୍ରକାରର ଜିନିଷ ଆଣିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ/ ଅଭିଭାବିକାମାନେ ଆସି ସାମଗ୍ରୀ କିଣିଥିଲେ। ଗୁରୁଜୀ ଗୁରୁମାମାନେ ଏଥିରେ ଛାତ୍ରଛାତ୍ରୀଙ୍କୁ କିଣାବିକାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମଟି ସକାଳ ୭ଘ.୩୦ମି.ରୁ ଆରମ୍ଭ ହୋଇ ଦିନ ୧୦ଘ.୩୦ ମି. ଯାଏଁ ଚାଲିଥିଲା। ମୁଖ୍ୟଅତିଥି କହିଲେ ଯେ ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଗ୍ରାମ୍ୟହାଟର ଅନୁଭବ ସହ ଗାଣିତିକ ଜ୍ଞାନ ପ୍ରତି ରୁଚି ବଢାଇବ। ମଞ୍ଚାସିନ ଅନ୍ୟ ଅତିଥିଙ୍କ ମଧ୍ୟରେ ଉପ ସଭାପତି ରବୀନ୍ଦ୍ର ପଣ୍ଡା, ସଂପାଦକ ତରଣୀସେନ ପଟେଲ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ତରିଆ ଉପସ୍ଥିତ ଥିଲେ। ଗୁରୁଜୀ ପ୍ରଦୀପ ମେର୍ଲ୍ଲୀଙ୍କ ସଂଚାଳନରେ କାର୍ଯ୍ୟକ୍ରମଟି ସଫଳତା ସହ ସମ୍ପର୍ଣ୍ଣ ହୋଇଥିଲା।

## ବାଣିଜ୍ୟ

# ଅନ୍‌ଲାଇନ୍ ଗେମ୍ ପିଲାଙ୍କ ସ୍ୱାସ୍ଥ୍ୟ ବିଗାଡୁଛି: ରିପୋର୍ଟ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଅନ୍‌ଲାଇନ୍ ଗେମିଂ ଶିଳ୍ପ ଯେତେ ଆଗକୁ ବଢୁଛି ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସେତେ ଅଧିକ ହେବାରେ ଲାଗିଛି। ଅନଲାଇନ୍ ଗେମ୍‌ଗୁଡିକ ପ୍ରତି ଛୋଟ ଛୋଟ ପିଲାମାନେ ଅଧିକ ଆସକ୍ତ ହୋଇ ପଡୁଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ବିଗାଡୁଛି ବୋଲି ସାଇବରପିସ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

ଏହି ବିପଦରୁ ପିଲାଙ୍କୁ ସୁରକ୍ଷା ଦେବାକୁ ହେଲେ ନୀତିଗତ ହସ୍ତକ୍ଷେପ ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି। ଛୋଟ ପିଲାମାନେ ଯଦି କମ୍ ବୟସରୁ ଅନଲାଇନ୍ ଗେମିଂ ଦୁନିଆରେ ପଶିବେ ତାହେଲେ ସେମାନଙ୍କ ବିକାଶ ବାଧାପ୍ରାପ୍ତ ହେବ। ପିଲାମାନଙ୍କର ଉଭୟ ଶାରୀରିକ ଓ ମାନବିକ ବିକାଶ ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଉଥିବାରୁ ଗବେଷକ, ଶିକ୍ଷାବିତ୍ ଏବଂ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନ୍‌ଲାଇନ୍ ଗେମିଂ ସଂସ୍ପର୍ଶରେ ପିଲାମାନେ କମ୍ ବୟସରୁ ଆସିବା ଦ୍ୱାରା ତାହା ଚିନ୍ତାର ବିଷୟ ପାଲଟିଛି। ଦୀର୍ଘଦିନ ଧରି ଖେଳ ଜାରି ରଖିଲେ ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ ସ୍କ୍ରିନ ସାମ୍ନାରେ ଅଧିକ ସମୟ ବସି ରହୁଥିବା ପିଲାମାନଙ୍କର ବିଏମ୍‌ଆଇ( ବଡି ମାସ୍ ଇଣ୍ଡେକ୍ସ) ଅଧିକ ରହୁଛି ଏବଂ ସେମାନେ ମୋଟା ହେବାର ଆଶଙ୍କା ଅଧିକ।

ସେହିଭଳି କିଶୋର ବୟସର ପିଲା ଯେଉଁମାନେ ଅଧିକ ସମୟ ଭିଡିଓ ଗେମ୍ ଖେଳୁଛନ୍ତି ସେମାନଙ୍କର ମେଦବହୁଳତା ବୃଦ୍ଧି ପାଇବାର ଆଶଙ୍କା ଅଧିକ ରହିଛି। କାରଣ ସେମାନଙ୍କର ଶାରୀରିକ ପରିଶ୍ରମ କମିଯାଉଛି। ଲଗାତାର ଗେମିଂ ଜାରି ରଖିବା ଫଳରେ ମାଉସ୍ ବାରମ୍ବାର କ୍ଲିକ୍ କରିବାକୁ ପଡେ। ଏଥିଯୋଗୁ ହାତ ଏବଂ ଆଙ୍ଗୁଠି ଉପରେ ଚାପ ପଡିଥାଏ ବୋଲି କୁହାଯାଇଛି। ଅନ୍‌ଲାଇନ୍ ଗେମିଂ ପ୍ରତି ଅଧିକ ଆସକ୍ତ ହେବା ଫଳରେ ଶୋଇବାରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। କେବଳ ସେତିକି ନୁହେଁ ହୃତ୍‌ପିଣ୍ଡରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ରିପୋର୍ଟରେ କୁହାଯାଇଛି। ଏସବୁ ବିପଦକୁ କମାଇବା ପାଇଁ ସାଇବରପିସ୍ ପକ୍ଷରୁ ଏକାଧିକ ସୁପାରିସ କରାଯାଇଛି।

# ସୋଆରେ ଆନ୍ତର୍ଜାତିକ ସମ୍ମିଳନୀ 'ଆଜରା -୨୦୨୫' ଉଦ୍‌ଘାଟିତ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍), ଆପ୍ଲାଏଡ୍ ଜୁଲୋଜିଷ୍ଟସ୍ ରିସର୍ଚ୍ଚ ଆସୋସିଏସନ୍ (ଆଜରା) ଏବଂ ଇଣ୍ଟରନ୍ୟାସ୍ନାଲ ରାଇସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଆଇଆର୍‌ଆର୍‌ଆଇ), ଫିଲିପାଇନ୍ସ ର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ -୪ ପରିସରରେ ତିନି ଦିନ ବ୍ୟାପି ଆୟୋଜିତ ହେବାକୁ ଥିବା ୧୯ତମ ଆନ୍ତର୍ଜାତିକ ସମ୍ମିଳନୀ 'ଆଜରା -୨୦୨୫' ଉଦ୍‌ଘାଟିତ ହୋଇଯାଇଛି।

ଏହି ତ୍ରିଦିବସୀୟ ସମ୍ମିଳନୀରେ ଆର୍ନ୍ତଜାତିକ ଓ ଜାତୀୟ ସ୍ତରର ଦେଶ ତଥା ବିଦେଶରୁ ୨୫୦ଜଣ ଗବେଷକ, ଯୁବ ଗବେଷକ ଓ ବୈଜ୍ଞାନିକ ମାନେ ଯୋଗ ଦେଇଛନ୍ତି। ଏହି ଉଦ୍‌ଘାଟନୀ ସମ୍ମିଳନୀରେ 'ଆଜରା -୨୦୨୫' ନାମିତ ଏକ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଛି। ଜଳବାୟୁ ପରିବର୍ତ୍ତନ ପ୍ରାଣୀ, ଜୈବ, ଖାଦ୍ୟ ସୁରକ୍ଷା ଏବଂ ମାନବ ସ୍ୱାସ୍ଥ୍ୟ ଉପରେ ଏହା କିପରି ପ୍ରଭାବ ପକାଉଛି ତାହା ନେଇ ଏହି ସମ୍ମିଳନୀରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଉଦ୍‌ଘାଟନୀ ଉତ୍ସବରେ ପ୍ରସିଦ୍ଧ ବୈଜ୍ଞାନିକ ତଥା 'ଆଜରା'ର ସଭାପତି ଡକ୍ଟର ଡି.ଏସ୍ ଜୟସ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ, ଯୁବ ଗବେଷକ ଓ ଗବେଷକଙ୍କୁ ଉତ୍ସାହିତ କରିଥିଲେ।

ବର୍ତ୍ତମାନ ସମୟରେ ବିଶ୍ୱ ତଥା ଦେଶରେ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ଭାବରେ ମୁଣ୍ଡ ଟେକିଥିବା ବେଳେ ଏହାକୁ କିପରି ରୋକାଯାଇପାରିବ ସେ ସମ୍ପର୍କିତ ବିଭିନ୍ନ ତଥ୍ୟ ଆଧାରିତ ବୈଜ୍ଞାନିକ ଦିଗ ସଂପର୍କରେ ସେ ମତ ରଖିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସଭାପତିତ୍ୱ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଗବେଷକ ଓ ଯୁବ ଗବେଷକମାନଙ୍କୁ ଉତ୍ସାହିତ କରିବା ସହିତ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନ କିପରି ସମସ୍ୟା ଭାବେ ପ୍ରଭାବ ବିସ୍ତାର କରୁଛି ତଥା ସାରା ବିଶ୍ୱର ହାରାହାରି ତାପମାତ୍ରାକୁ କିଭଳି ଭାବରେ ପ୍ରଭାବିତ କରୁଛି ସେ ନେଇ ବକ୍ତବ୍ୟ ରଖିଥିଲେ।

କେବଳ ସେତିକି ନୁହେଁ ବୃଷ୍ଟିପାତରେ ଅନିୟମିତତା ଯୋଗୁଁ କୃଷି ଜଗତ, ପ୍ରାଣୀ ଜଗତ ଓ ମନୁଷ୍ୟ ଜଗତ ମଧ୍ୟ ପ୍ରଭାବିତ ହେଉଛି। ଏହା ଫଳରେ ତାପମାତ୍ରା ବୃଦ୍ଧି ହେବାରେ ଲାଗିଛି। ଏହାକୁ କିପରି ରୋକାଯାଇପାରିବ ଓ ଏହା ପାଇଁ କି କି ପଦକ୍ଷେପ ନିଆଯାଇପାରିବ ତାହା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଫେସର ନନ୍ଦ କହିଥିଲେ। ଏଭଳି ସମ୍ମିଳନୀ ଦ୍ୱାରା ଛାତ୍ରଛାତ୍ରୀ ତଥା ଗବେଷକ ମାନେ ବେଶ୍ ଉପକୃତ ହେବେ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇଏଏସ୍ ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଇଣ୍ଡିଆନ କାଉନସିଲ୍ ଫର ଏଗ୍ରିକଲଚରାଲ ରସିର୍ଚ୍ଚ (ଆଇସିଏଆର) ର ପ୍ରାକ୍ତନ ଉପନିର୍ଦ୍ଦେଶକ ( ହର୍ଟିକଲଚର) ଡକ୍ଟର ଏନ୍‌କେ କୃଷ୍ଣକୁମାର ଓ ଅନ୍ୟତମ ବିଶେଷଜ୍ଞ ଡ. ଆର୍‌ସି ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଆଜରା ସମ୍ମିଳନୀର ଯୁଗ୍ମ ସଂଯୋଜକ ଡକ୍ଟର ଲଡୁ କିଶୋର ରଥ ସମ୍ମିଳନୀର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହାର ମୁଖ୍ୟ ସଂଯୋଜକ ଡକ୍ଟର ସନ୍ତୋଷ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଆଇଏଏସ୍ ତଥା ଏହି ସମ୍ମିଳନୀର ଯୁଗ୍ମ ସଂଯୋଜକ ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀର କାର୍ଯ୍ୟକ୍ରମ ମଧ୍ୟରେ ବୈଜ୍ଞାନିକ ଆଲୋଚନା, ପ୍ରଦର୍ଶନୀ , ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ଷେତ୍ର ପରିଦର୍ଶନ ଅନ୍ତର୍ଭୁକ୍ତ।

## ସିନେମାଫିନେମା ଟିଭିଫିବି

# ଧର୍ମେନ୍ଦ୍ରଙ୍କ ପରଲୋକ ଖବରକୁ ଖଣ୍ଡନ କଲେ ଝିଅ ଇଶା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଆଉ ନାହାନ୍ତି ବଲିଉଡ୍ ଅଭିନେତା ଧର୍ମେନ୍ଦ୍ର। ଗୋଟିଏ ଯୁଗର ଅବସାନ। ସକାଳୁ ସକାଳୁ ହଠାତ୍ ଜାତୀୟ ଗଣମାଧ୍ୟମରେ ଏହି ଖବର ଛାଇଯାଇଥିଲା। ଫ୍ୟାନ୍ସଙ୍କୁ ସ୍ତବ୍ଧ କରିଦେଇଥିଲା ଖବରଟି। କେହି ବିଶ୍ୱାସ କରିନଥିଲେ। ହେଲେ ଧର୍ମେନ୍ଦ୍ର ବଞ୍ଚିଛନ୍ତି। ତାଙ୍କର କିଛି ହୋଇନାହିଁ। ଧର୍ମେନ୍ଦ୍ରଙ୍କ ପରଲୋକ ଖବରକୁ ଖଣ୍ଡନ କରିଛନ୍ତି ଝିଅ ଇଶା ଦେଓଲ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଟ୍ୱିଟ୍ କରି ସ୍ପଷ୍ଟ କରିଛନ୍ତି ଇଶା। ସ୍ୱାସ୍ଥ୍ୟାବସ୍ଥା ସ୍ଥିର ସହ ଧୀରେ ଧୀରେ ସୁସ୍ଥ ହେଉଥିବା କହିଛନ୍ତି। ପରିବାରର ଗୋପନୀୟତା ବଜାୟ ରଖିବାକୁ ଅପିଲ୍ କରିଛନ୍ତି ଧର୍ମେନ୍ଦ୍ରଙ୍କ ଝିଅ ଇଶା।

ମୁମ୍ବାଇର ବ୍ରିଜ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ୮୯ବର୍ଷୀୟ ଭେଟେରାନ୍ ଅଭିନେତା ଧର୍ମେନ୍ଦ୍ର। ସେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ଗଣମାଧ୍ୟମରେ ତାଙ୍କର ମୃତ୍ୟୁ ଖବରକୁ ଖଣ୍ଡନ କରିଛନ୍ତି ତାଙ୍କ ଝିଅ ଇଶା ଦେଓଲ। ଧର୍ମେନ୍ଦ୍ରଙ୍କ ଝିଅ ଇଶା ସୋସିଆଲ ମିଡିଆ ଇନ୍‌ଷ୍ଟାରେ ଲେଖିଛନ୍ତି, 'ଲୋକ ତରବରିଆ ହୋଇ ମିଛ ଖବର ପ୍ରକାଶ କରୁଛନ୍ତି। ମୋ ବାପା ଠିକ୍ ଅଛନ୍ତି ଏବଂ ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ସମସ୍ତଙ୍କୁ ଅନୁରୋଧ କରୁଛି ଆମ ପରିବାର ଗୋପନୀୟତା ବଜାୟ ରଖନ୍ତୁ।



ବାପାଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିବାରୁ ଧନ୍ୟବାଦ।'

ତେବେ ସ୍ୱାମୀଙ୍କ ମିଛ ମୃତ୍ୟୁ ଖବରକୁ ନେଇ ରାଗି ଯାଇଛନ୍ତି ପତ୍ନୀ ହେମାମାଳିନୀ। ସେ କହିଛନ୍ତି, 'ଯାହା ହୋଇଛି ତାହା କେବେ କ୍ଷମାଯୋଗ୍ୟ ନୁହେଁ। ଏମିତି ଜଣେ ବ୍ୟକ୍ତିଙ୍କ ବିଷୟରେ ମିଛ ଖବର ପ୍ରଚାର କରିବା ଯାହାଙ୍କର ଚିକିତ୍ସା ଚାଲିଛି ଏବଂ ସେ ସୁସ୍ଥ ହେଉଛନ୍ତି। ଏହା ଅତ୍ୟନ୍ତ ଅପମାନଜନକ ଏବଂ ଦାୟିତ୍ୱହୀନତା। ଦୟାକରି ଆମ ପରିବାର ଏବଂ ବ୍ୟକ୍ତିଗତ ମାମଲାର ସମ୍ମାନ କରନ୍ତୁ।'

ଦୀର୍ଘ ୬ ଦଶନ୍ଧିର ଧରି ସିନେମା ସଫଳତା ସାଉଁଟିଛନ୍ତି। ଦ ହି-ମ୍ୟାନ୍ ଅଫ୍ ବଲିଉଡ଼। ଓଜି ଅକ୍ସନ ଷ୍ଟାର ଧର୍ମେନ୍ଦ୍ର ୧୯୩୫ ମସିହା ଡିସେମ୍ବର ୮ରେ ପଞ୍ଜାବରେ ଜନ୍ମଗ୍ରହଣ କରିଥିଲେ ୧୯୬୦ରେ 'ଦିଲ୍ ଭି ତେରା ହମ୍ ଭି ତେରା' ଫିଲ୍ମରେ ଡେବ୍ୟୁ କରିଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବାରୁ ସେ ଚିକିତ୍ସାଧୀନ ଅଛନ୍ତି। ଭେଣ୍ଟିଲେଟର ସପୋର୍ଟରେ ରହିଛନ୍ତି। ଆଗାମୀ ୭୨ ଘଣ୍ଟା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସ୍ୱତନ୍ତ୍ର ଡାକ୍ତରୀ ଟିମ୍‌ଙ୍କ ନୀରିକ୍ଷଣରେ ଅଛନ୍ତି ଧର୍ମେନ୍ଦ୍ର। ପୁରା ଦେଓଲ ପରିବାର ହସ୍ପିଟାଲରେ ଉପସ୍ଥିତ ଅଛନ୍ତି। ଧର୍ମେନ୍ଦ୍ରଙ୍କୁ ଭେଟିବାକୁ ଗତ କିଛି ଦିନ ହେବ ସାଥୀ କଳାକାର ହସ୍ପିଟାଲ ଗସ୍ତ କରିଛନ୍ତି। ସଲମାନ ଖାନ, ଶାହାରୁଖ ଖାନ, ଗୋବିନ୍ଦାଙ୍କ ସମେତ ଅନେକ କଳାକାର ଲେଜେଣ୍ଡ୍ରୀ ଅଭିନେତା ଧର୍ମେନ୍ଦ୍ରଙ୍କୁ ଭେଟିଛନ୍ତି।

## ଆଜିର ରାଶିଫଳ

| ତାରିଖ | ବୁଧବାର– ଅଷ୍ଟମୀ |
|---|---|
| ୧୨.୧୧.୨୦୨୫ | ନକ୍ଷତ୍ର– ଅଶ୍ଳେଷା, କର୍କଟଚନ୍ଦ୍ର |



| | |
|---|---|
| ମେଷ | : ଦିନଟି କଷ୍ଟ ଓ ଯନ୍ତ୍ରଣା ମଧ୍ୟରେ କଟିବ । |
| ବୃଷ | : ବ୍ୟବସାୟରେ ସ୍ୱଳ୍ପଲାଭ ହେବ । |
| ମିଥୁନ | : ଅଯଥାରେ ଅଶାନ୍ତି ହେବେ । |
| କର୍କଟ | : ସୁଖ ଖବର ପାଇବେ । |
| ସିଂହ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| କନ୍ୟା | : ପାରିବାରିକ ସୁଖ ପାଇବେ । |
| ତୁଳା | : ଦିନଟି ସବୁଦିଗରୁ ଲାଭ ହିଁ ଲାଭ । |
| ବିଛା | : ମାନସିକ ଦୁଃଖ ବୃଦ୍ଧି ପାଇବ । |
| ଧନୁ | : ପୂର୍ବ କଥାକୁ ନେଇ ଅନୁଶୋଚନା କରିବେ । |
| ମକର | : ବକେୟା ପଡ଼ିଥିବା ଅର୍ଥଲାଭ ହେବ । |
| କୁମ୍ଭ | : ଦ୍ରବ୍ୟଲାଭ ଯୋଗ ରହିଛି । |
| ମୀନ | : ଭଲ କାମ କରି ଖୁସି ପାଇବେ । |

# ଦିବ୍ୟାଙ୍ଗ ନୀଳମଣିଙ୍କୁ ତିନିଚକିଆ ସାଇକେଲ ମିଳିବ କେବେ?

**୧୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଶିଳ୍ପ ଉନ୍ନୟନ ଓ ଅଗ୍ରଗତିର ଶିରୋଭାଗରେ ଥିବା କଳିଙ୍ଗନଗର ଅଞ୍ଚଳରେ ମଧ୍ୟ ଦିବ୍ୟାଙ୍ଗ ନାଗରିକମାନଙ୍କ ଦୁର୍ଦ୍ଦଶା ଶେଷ ହେଉନାହିଁ । ଯାଜପୁର ଜିଲ୍ଲାର ମାଣତିରା ପଞ୍ଚାୟତ ଅନ୍ତର୍ଗତ ଦଶମାଣିଆ ଗ୍ରାମର ୪୦ ବର୍ଷିୟ ନୀଳମଣି ପାତ୍ର ବର୍ଷ ବର୍ଷ ଧରି ତିନିଚକିଆ ଦିବ୍ୟାଙ୍ଗ ସାଇକେଲ ପାଇଁ ନିବେଦନ କରୁଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ ସେଥିରେ କୌଣସି ପଦକ୍ଷେପ ହୋଇନାହିଁ । ନୀଳମଣିଙ୍କ ପିତା ସ୍ୱର୍ଗତ ମଙ୍ଗୁଳି ପାତ୍ର ଏକ ଗରିବ କୃଷକ ଥିଲେ । ଘରେ ଏବେ ଅଛନ୍ତି ବୃଦ୍ଧ ମା' ଓ ସ୍ୱାମୀ ପରିତ୍ୟକ୍ତା ଭଉଣୀ । ତିନିଜଣେ ମିଶି ଏକ ଜୀର୍ଣ୍ଣ ଝୋପଡ଼ି ଘରରେ ଅସହାୟ ଜୀବନ ଜୀବିକା ଅତିବାହିତ କରୁଛନ୍ତି । ନୀଳମଣିଙ୍କ ଦୁଇ ପାଦ ଅସକ୍ଷମ– ତେଣୁ ଚାଲିବାକୁ ସମର୍ଥ ନୁହନ୍ତି । ବାରମ୍ବାର ନିବେଦନ– ତଥାପି ଆଶ୍ୱାସନ ଛଡ଼ା କିଛି ନାହିଁ । ନୀଳମଣି କହିଛନ୍ତି, ବିଡ଼ିଓ ଅଫିସ, ସମାଜ ସେବା ଶାଖା– ସବୁଠି ଗଲି, ଆବେଦନ କଲି, କିନ୍ତୁ ଆଜିପର୍ଯ୍ୟନ୍ତ ମୋ ପାଇଁ ସାଇକେଲ ମିଳିନି । ପେଟ ପାଇଁ ଏବେ ଗାଁ ଗାଁ ଘୁରି ମାଗିବାକୁ ପଡ଼ୁଛି । ପ୍ରତିଦିନ ସେ ଛୋଟେଇ



ଛୋଟେଇ ବୁଲି ମାଗନ୍ତି– ଯାହା ମିଳେ, ସେଥିରେ ତିନିଜଣଙ୍କ ପେଟ ପୂରିବା ସମ୍ଭବ ହୁଏନାହିଁ । ଅନେକ ଦିନ ଉପବାସ ରହିବା ତାଙ୍କ ଜୀବନର ଅଂଶ ହୋଇଯାଇଛି । ସ୍ଥାନୀୟ ଅଧିବାସୀଙ୍କ ଅଭିଯୋଗ– ଯୋଗ୍ୟ ଅବହେଳିତ, ଅଯୋଗ୍ୟ ସରକାରୀ ଯୋଜନାରେ ସୁବିଧାଭୋଗୀ ଗ୍ରାମବାସୀ । ମନୋଜ ନାୟକ କହିଛନ୍ତି –ନୀଳମଣି ଆଇ ବହୁ ବର୍ଷ ଧରି ଗୋଟିଏ ସାଇକେଲ ପାଇଁ ହାତ ଯୋଡ଼ି ନିବେଦନ କରୁଛନ୍ତି । ଯେଉଁମାନେ ଯୋଗ୍ୟ ନୁହେଁ ସେମାନେ ସରକାରୀ ସୁବିଧା ପାଉଛନ୍ତି, ଯେଉଁମାନେ ସତରେ ଦିବ୍ୟାଙ୍ଗ ସେମାନେ ସରକାରୀ ଲୋକାଭିମୁଖୀ ଯୋଜନାରୁ ଅବହେଳିତ ହେଉଥିବା ଅନେକ କରନ୍ତି ଅଭିଯୋଗ । ସ୍ଥାନୀୟ ଗ୍ରାମବାସୀ ଓ ସାମାଜିକ ସଂଗଠନମାନେ ଜିଲ୍ଲା ପ୍ରଶାସନ ଏବଂ ସମାଜ ସୁରକ୍ଷା ବିଭାଗକୁ ନୀଳମଣି ପାତ୍ରଙ୍କୁ ତିନିଚକିଆ ଦିବ୍ୟାଙ୍ଗ ସାଇକେଲ ଯୋଗାଇ ଦେବା ପାଇଁ ତୁରନ୍ତ ପଦକ୍ଷେପ ନେବା ଦାବି କରିଛନ୍ତି । ଗ୍ରାମବାସୀଙ୍କ ମତ –ଏମିତି ଗରିବ ଓ ଅସହାୟ ଦିବ୍ୟାଙ୍ଗମାନେ ସରକାରୀ ସହାୟତାରୁ ବଞ୍ଚିତ ହେବା ଉଚିତ ନୁହେଁ । ସହାୟତା ସିଧାସଳଖ ଗ୍ରାମ ସ୍ତରରେ ପହଞ୍ଚିଲେ ଏପରି ମାନବୀୟ ଯନ୍ତ୍ରଣା ଶେଷ ହେବ ।

### କାମ ନ ହୋଇ ବିଲ୍ ହୋଇଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ

# ଅଜଣା ବ୍ୟକ୍ତି ବା ଭୂତ ନେଇଛନ୍ତି ମଜୁରୀ ଟଙ୍କା

**ଅସ୍ତରଙ୍ଗ, ୧୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ କେନ୍ଦ୍ରାପାଟି ଗ୍ରାମ ପଞ୍ଚାୟତ କେନ୍ଦ୍ରାପାଟି ଗ୍ରାମରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀରେ କେବଳ ରଙ୍ଗ ମାରି ଅର୍ଥ ଲୁଟ୍ କରାଯାଇଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି । ସୂଚନା ଯୋଗ୍ୟ କି କେନ୍ଦ୍ରାପାଟି ବାତ୍ୟା ଆଶ୍ରୟସ୍ଥଳୀର ବିଦ୍ୟୁତ୍, ପାଣି ପାଇପ୍ ଓ ପ୍ଲାଷ୍ଟର କାମ କରାଯାଇଥିବା ଦର୍ଶାଇ ୬ ଲକ୍ଷ୍ୟ ଟଙ୍କା ଆତ୍ମସାତ ହୋଇଥିବା ପ୍ରସନ୍ନ କୁମାର ବେହେରାଙ୍କ ସମେତ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । କେବଳ ରଙ୍ଗ ମାରି ଅନ୍ୟ କାମ ହୋଇଥିବା ଦର୍ଶାଇ ଲୁଟ ହୋଇଛି । ଶ୍ରୀଯୁକ୍ତ ବେହେରା ଅଭିଯୋଗ ଆଣି କହିଛନ୍ତି ଉକ୍ତ ବାତ୍ୟା ଆଶ୍ରୟସ୍ଥଳୀର ବିଭିନ୍ନ ସରଞ୍ଜାମ ଭଡା କୁ ଦିଆଯାଇ ଟଙ୍କା ଆଦାୟ କରାଯାଇଛି ଏବଂ ନିଜ ଘରେ ବ୍ୟବହାର କରାଯାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଲା ସେହିପରି ଆଉ ଏକ ନାମରୋ ବାତ୍ୟା ଆଶ୍ରୟ ସ୍ଥଳୀ ରେ ଅନିୟମିତତା ସମ୍ପର୍କ ରେ ବ୍ଲକ୍ ସୂଚନା ଅଧିକାର ଆବାହକ ସୁବୋଧ କୁମାର ମହାନ୍ତି ପାଇଥିବା ସୂଚନା ଅନୁସାରେ କେବଳ ରଙ୍ଗ ମରାଯାଇ ୬ ଲକ୍ଷ୍ୟ ଟଙ୍କା ହଡପ ଅଭିଯୋଗ ଆଣିଛନ୍ତି । ଏଥିରେ ଜଣେ ଦିବ୍ୟାଙ୍ଗ କାବୁଲା ମହାରଣା ଯେ କି ଜମା କାମ କରନ୍ତି ନାହିଁ, ସରକାର ଙ୍କ ଠାରୁ ଭତ୍ତା ପାଉଛନ୍ତ । ସେ କିପରି କାମ କରି ୩୧ ହଜାର ଟଙ୍କା ନେଲେ ତାହା ପ୍ରଶ୍ନ ବାଚୀ ସୃଷ୍ଟି କରିଛି । କିନ୍ତୁ କାବୁଲା ମହାରଣା ଙ୍କ ବାପା ସିତ ମହାରଣା ଅଭିଯୋଗ ଆଣି କହିଛନ୍ତି କି ମୋ ପୁଅ ମାନସିକ ବିକାର ଗ୍ରସ୍ତ ସେ କିପରି ପଟା ଯୋଗାଣ ଓ ମହାରଣା କାମ କଲା ତାହା ତଦନ୍ତ ହେବା ଆବଶ୍ୟକ ବୋଲି କାବୁଲା ମହାରଣାଙ୍କ ବାପା ସିତ ମହାରଣା କହିଛନ୍ତି । ତା ନାମରେ ଚଞ୍ଚକତା କରି କିପରି ଭାବେ ଏକ ଭୁଲ୍ ରସିଦ୍ ତିଆରି କରି ଟଙ୍କା ପ୍ରଦାନ କରାଯାଇଥିବା ଦର୍ଶାଯାଇଛି ଯାହା ମୋ ମାନସିକ ବିକାର ଗ୍ରସ୍ତ ପୁଅକୁ ଉପହାସ କରାଯଇଥିବା ଅଭିଯୋଗ କରିଛନ୍ତି । ସେହିପରି ମାଣ୍ଡୁକି ଗ୍ରାମର ହରିହର ମହାରଣା ବୋଲି କୌଣସି ଲୋକ ଉକ୍ତ ଗ୍ରାମରେ ନାହାନ୍ତି । ସେ ମଧ ୪୯ ହଜାରରୁ ଉର୍ଦ୍ଧ ଟଙ୍କା ନେଇଥିବା ସୂଚନା ଅଧିକାର ବଳରେ ତଥ୍ୟ ମିଳିଛି । ଯାହା କାର୍ଯ୍ୟାଦେଶ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ରଶ୍ମିରେଖା ସାହୁଙ୍କ ନାମରେ ଅଛି । ସେ ଉକ୍ତ ମଜୁରୀ ଅର୍ଥ ପ୍ରଦାନ କରିଥିବା ତଥ୍ୟରୁ ଜଣାପଡିଛି । କିଭଳି ଭାବେ ବ୍ଲକ୍ ପ୍ରଶାସନିକ ଅଧିକାରୀ ନ ଜାଣି ଭୂତ ଓ ଦିବ୍ୟାଙ୍ଗଙ୍କୁ ମଜୁରୀ ପ୍ରଦାନ କଲେ ତାହା ତଦନ୍ତ ସାପେକ୍ଷ ବୋଲି ବ୍ଲକ୍ ସୂଚନା ଅଧିକାର ଆବାହକ ଶ୍ରୀଯୁକ୍ତ ମହାନ୍ତି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି ।

# ସରିବାକୁ ବସିଲାଣି ଶିକ୍ଷାବର୍ଷ : ପିଲାଙ୍କୁ ମିଳିନି ୟୁନିଫର୍ମ

**କନ୍ଧମାଳ, ୧୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**




କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ସମସ୍ତ ହାଇସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ୟୁନିଫର୍ମ ମିଳି ନ ଥିବା ଅଭିଯୋଗ ହୋଇଛି । ଚଳିତବର୍ଷ ଏପ୍ରିଲରୁ ଶିକ୍ଷାବର୍ଷ ଆରମ୍ଭ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ୮ ମାସ ବିତିଗଲାଣି କିନ୍ତୁ ସରକାରଙ୍କ ଯୋଜନାରେ ଦିଆଯାଉଥିବା ସ୍କୁଲ ଡ୍ରେସ୍ ଛାତ୍ରଛାତ୍ରୀଙ୍କୁ ଦିଆଯାଇନାହିଁ । ନବମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ଆଉ ୩ ମାସ ପରେ ଦଶମ ଶ୍ରେଣୀରେ ପଢ଼ିବେ । ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ୨ ମାସ ପରେ ବୋର୍ଡ ପରୀକ୍ଷା ଦେଇ ଘରେ ରହିଯିବେ । କିନ୍ତୁ ଏ ପର୍ଯ୍ୟନ୍ତ ପିଲାମାନଙ୍କୁ ୟୁନିଫର୍ମ ଡ୍ରେସ ମିଳିନାହିଁ । ଫଳରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି ।

ଏନେଇ ସ୍ଥାନୀୟ ବିଇଓ କାର୍ଯ୍ୟାଳୟରେ ଭାରପ୍ରାପ୍ତ ବିଇଓଙ୍କୁ ପଚାରିବାରୁ ଦୁଇଟି ଏସ୍ଏଚ୍‌ଜିକୁ ଡ୍ରେସ ତିଆରି ନିମନ୍ତେ ବ୍ଲକସ୍ତରୀୟ କମିଟି ଅନୁମୋଦନ ଦେଇସାରିଛନ୍ତି କିନ୍ତୁ ଜିଲାସ୍ତରୀୟ ଅନୁମୋଦନ କମିଟିର ଅନୁମୋଦନ ମିଳି ନ ଥିବ ତେଣୁ ବିଳମ୍ବ ହେଉଛି । ସ୍ଥାନୀୟ ବିଡିଓ ବ୍ଲକସ୍ତରୀୟ ଅନୁମୋଦନ କମିଟିର ଅଧ୍ୟକ୍ଷ ରହିଛନ୍ତି । ତାଙ୍କୁ ଉକ୍ତ ସମସ୍ୟା ନେଇ ଯୋଗାଯୋଗ ପରେ ସେ ତଦନ୍ତ କରି ସମସ୍ୟାର ଯଥା ଶୀଘ୍ର ସମାଧାନ କରାଯିବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି । ସ୍ଥାନୀୟ ଶିକ୍ଷା ବିଭାଗର ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁ ବର୍ଷ ସରିବାକୁ ଯାଉଛି ହେଲେ ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ନ ମିଳିବା ପରିତାପର ବିଷୟ ବୋଲି ଅଭିଭାବକ କହିଛନ୍ତି ।

# ମଣ୍ଡି ଅପେକ୍ଷାରେ ଚାଷୀ, ଅଭାବୀ ବିକ୍ରିର ଆଶଙ୍କା

**କଳାହାଣ୍ଡି, ୧୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ରିଷିଡ଼ା, ତେରେସିଂହା, ଗଜବାହାଲ, ରିଞ୍ଜା, ପୋରକେଲା, କର୍ଲାମୁଣ୍ଡା, ରାଜପୁର, ସାପଲହରା, ସରଗୁଲ ମାଳପଡ଼ା, ଯୋରାଡ୍ରବରା, ରେଗେଡ଼ା, ବୋରପଦର ଆଦି ପଞ୍ଚାୟତରେ ଚଳିତ ବର୍ଷ ଧାନଚାଷ ଭଲ ହୋଇଛି । ବର୍ତ୍ତମାନ ଏହିସବୁ ଅଞ୍ଚଳରେ ପ୍ରାୟ ୩୫ରୁ ୪୦ ପ୍ରତିଶତ ସହଳ କିସମ ଧାନ ଅମଳ ହୋଇଥିବାବେଳେ ଧାନକୁ ରଖିବା ପାଇଁ ଉପଯୁକ୍ତ ଗୋଦାମ ଘର ନ ଥିବାରୁ ସମସ୍ୟା ଦେଖାଦେଉଛି । ଅମଳ ହୋଇଥିବା ଧାନ ଅଧିକାଂଶ ଅଞ୍ଚଳରେ ରାସ୍ତା ପାର୍ଶ୍ୱରେ ରଖୁଥିବାରୁ ଗମନାଗମନ ସମୟରେ ଦୁର୍ଘଟଣା ଘଟିବା ଆଶଙ୍କା ସୃଷ୍ଟି ହୋଇଛି । ବର୍ତ୍ତମାନ ସୁଦ୍ଧା ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲ ପିସି) ବୈଠକ ବସି ନ ଥିବାରୁ ଓ ସାଟେଲାଇଟ୍ ସର୍ଭେ ଯୋଗୁ ମଣ୍ଡି ଖୋଲିବା ବିଳମ୍ବ ହୋଇପାରେ ବୋଲି ସୁଚନା ମିଳିଛି । ଏଭଳି ସ୍ଥିତିରେ ଚାଷୀ ଅଭାବୀ ବିକ୍ରିର ଶିକାର ହେବା ଆଶଙ୍କା ସୃଷ୍ଟି ହୋଇଛି ।

## ଅଧାରେ ଅଟକିଛି ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ

**ଖଣ୍ଡପଡ଼ା, ୧୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାର ମହତ ଲକ୍ଷ୍ୟ ନେଇ ଖଣ୍ଡପଡ଼ା ଏନଏସି ପକ୍ଷରୁ ବିଭିନ୍ନ ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର କେଉଁଠି ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ ତାଲା ଝୁଲୁଛି ତ ପୁଣି କେଉଁଠି ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ । ଖଣ୍ଡପଡ଼ା ସହରର ୧ ନଂ ୱାର୍ଡ ଅଧିନ ଟିଙ୍କଟୁଆ ଗ୍ରାମରେ ୫ ଲକ୍ଷ ଟଙ୍କା ଅନୁଦାନ ଅର୍ଥରେ ଆଜକୁ ୨ ବର୍ଷ ନିର୍ମାଣ ଆରମ୍ଭ ହୋଇଥିବା ମିଶନ ଶକ୍ତି ଗୃହ କାର୍ଯ୍ୟ ଏବେ ଅଧାରେ ଅଟକିଥିବା ବେଳେ ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ଦିଗରେ ପ୍ରଶାସନ ପଦକ୍ଷେପ ନେଉନଥିବା ବେଳେ ଏବେ ଅନାବନା ଗଛଲତା ଆଢୁଆଳରେ ଉକ୍ତ ଗୃହଟି ଲୁଚି ଯିବାକୁ ବସିଛି । ଏଥିପ୍ରତି ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଯୁବତୀଙ୍କ ଭିଡ଼ିଓ ଭାଇରାଲ୍ କରି ଯୁବକ କୋର୍ଟ ଚାଲାଣ

**ଢେଙ୍କାନାଳ, ୧୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ କପିସାହି ଗ୍ରାମର ଜଣେ ଯୁବକ ପଡୋଶୀ ଝିଅର ଅଶ୍ଳୀଳ ଭିଡ଼ିଓ ଭାଇରାଲ୍ କରି କୋର୍ଟ ଚାଲାଣ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ କପିସାହି ଗ୍ରାମର ବିରଳା ସାହୁଙ୍କ ପୁଅ ବିମଳ ସାହୁ ଓରଫ ଲୁଲୁ (୩୦) ଯୁକ୍ତ ଦୁଇ ପଢୁଥିବା ଏକ ପଡୋଶୀ ଝିଅର କିଛି ଅଶ୍ଳୀଳ ଫଟୋ ଭିଡ଼ିଓ ରଖି ତାକୁ ବିବାହ କରିବାକୁ ବାଧ କରୁଥିଲା। ଝିଅଟି ଏଥିରେ ରାଜି ନହେବାରୁ ରଖିଥିବା ଫଟୋ ଭିଡ଼ିଓକୁ ଯୁବକ ଜଣଙ୍କ ଭାଇରାଲ୍ କରିଦେଇଥିଲା । ଯାହାକୁ ନେଇ ଯୁବତୀଙ୍କ ମାଆ ରାସୋଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ କେସ୍ ନଂ ୩୨୬/୨୦୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ମୋରମ ଓ ବାଲି ଚୋରା ଚାଲାଣ ବେଳେ ୭ଗାଡି ଜବତ

**ବ୍ରହ୍ମପୁର, ୧୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲାରେ ଖଣିଜ ପଦାର୍ଥଗୁଡିକ ଚୋରଚାଲାଣ ହେଉଥିବା ନେଇ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ ହୋଇଆସୁଥିଲା । ବାଲି, ମୋରମ ଆଦି ଖଣିଜ ପଦାର୍ଥ ଗୁଡିକ ଚୋରା ଚାଲାଣ ରୋକିବା ସହ ଜୋରଦାର ଚଢାଉ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପେକ୍ଷୀରେ ଚମାଖଣ୍ଡି ଥାନା ଅନ୍ତର୍ଗତ ଜଗନ୍ନାଥପୁର ରେଳ ଫାଟକ ଦେଇ କିଛି ଗାଡିରେ ମୋରମ ଓ ବାଲି ଚୋରାଚାଲାଣ ହେଉଥିବାର ଖବର ପାଇଁ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତିଙ୍କ ନେତୃତ୍ୱରେ ଚମାଖଣ୍ଡି ପୋଲିସ ଅଚାନକ ଚଢାଉ କରିଥିଲା । ୬ଟି ମୋରମ ଗାଡି ଓ ଗୋଟିଏ ବାଲି ଗାଡି ପୋଲିସ ଜବତ କରିଥିଲା । ଯାଞ୍ଚ



ବେଳେ ଗାଡି ଚାଳକ ଯେଉ ଫର୍ମ ଦେଖାଇଥିଲେ ତାହା ତାରିଖ ଇନଭେଲିଡ୍ ରହିଥିବା ଚମାଖଣ୍ଡି ଥାନା ଅଧିକାରୀ ସୂଚନା ଦେଇଛନ୍ତି । ତେବେ ଜବତ ଗାଡି ସବୁ ଛତ୍ରପୁର ତହସିଲାଦାରଙ୍କ ନିର୍ଦ୍ଦେଶକ୍ରମେ ଥାନାରେ ଅଟକ ରଖାଯାଇଛି । କୌଣସି ମାମଲା ରୁଜୁ ହୋଇନଥିବା ପୋଲିସ ପକ୍ଷରୁ କୁହାଯାଇଛି । ଏହି ସବୁ କେଉଁଠୁ ଆସୁଥିଲା କେଉଁ ସ୍ଥାନକୁ ଯାଉଥିଲା ତାହାର ତଦନ୍ତ ହେବା ଆବଶ୍ୟକ ।

## ଅନୈତିକ ସମ୍ପର୍କରୁ ହତ୍ୟାକାଣ୍ଡ

**ପାରଳାଖେମୁଣ୍ଡି, ୧୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସାନ ଭାଇର ଛୁରା ମାଡ଼ରେ ବଡ଼ ଭାଇର ମୃତ୍ୟୁଛ ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲ୍ଲା ଆର ଉଦୟଗିରି ଥାନା ରେବିଡି ଗାଁରେ । ବଡ଼ ଭାଇ ଅଜ୍ୟମ ଦଳବେହେରା ଓ ସାନ ଭାଇ ସୁଦୀପ ଦଳ ବେହେରାଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ସାନ ଭାଇ ଏକ ଛୁରାରେ ବଡ଼ ଭାଇଙ୍କୁ ବୀଭତ୍ସ ଭାବେ ହତ୍ୟା କରିଥିବା ଜଣାପଡିଛି । ଖବର ପାଇ ଘଟଣାସ୍ଥଳରେ ଆର ଉଦୟଗିରି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ସାନ ଭାଇ ଫେରାର ହୋଇ ଯାଇଥିବା ସୂଚନା ରହିଛି । ବର୍ତ୍ତମାନ ପର୍ଯ୍ୟନ୍ତ ମରଶରୀର ଘଟଣାସ୍ଥଳରେ ପଡ଼ି ରହିଛି । ହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଅନୈତିକ ସମ୍ପର୍କରୁ ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି ।

## କୂଅରୁ ମହିଳାଙ୍କୁ ଉଦ୍ଧାର

**ବୁଗୁଡ଼ା, ୧୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ମୁଖ୍ୟ ସଡକ ନିବାସୀ ୟୁ.ଜଗଦିଶ ପାତ୍ରଙ୍କ ପତ୍ନୀ ୟୁ. ଗୀତାଞ୍ଜଳି ପାତ୍ର (୪୯) କୂଅରେ ପଡ଼ିଯାଇଥିବା ବେଳେ ତାଙ୍କୁ ଦମକଳବାହିନୀ ଉଦ୍ଧାର କରିଥିବା ଜଣାଯାଇଛି । ପ୍ରକାଶ ଯେ, ସୋମବାର ସକାଳେ ସେ ତାଙ୍କର ଘର କୂଅରେ କୌଣସି କାରଣରୁ ଖସିପଡି ଥିଲେ । ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କୂଅରୁ ଉଦ୍ଧାର କରି ବୁଗୁଡା ମେଡିକାଲରେ ଭର୍ତ୍ତି କରିଥିଲେ ।

# ପଞ୍ଚାୟତ କାର୍ଯ୍ୟାଳୟରେ ବଡ଼ଧରଣର ଡକାୟତି

**ହିନ୍ଦୋଳ୧୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଥାନା ଅନ୍ତର୍ଗତ ମାଧପୁର ପଞ୍ଚାୟତ କାର୍ଯ୍ୟାଳୟରେ ଡକାୟତମାନେ ବଡ଼ଧରଣର ଚୋରି କରିଥିବା ଜଣାପଡିଛି । ହିନ୍ଦୋଳ ଥାନା ମାଧପୁର ପଞ୍ଚାୟତ କାର୍ଯ୍ୟାଳୟର ସମସ୍ତ ଘରର ତାଲା ଭାଙ୍ଗି ସଭାଘରେ ଲାଗିଥିବା ଏଲଇଡି ଟିଭି ସହ ଆସବାବପତ୍ର, ଇନଭଟର ବ୍ୟାଟେରୀ ଇତ୍ୟାଦି ଡକାୟତମାନେ ଲୁଟି ନେଇଛନ୍ତି । ଆମ ବ୍ୟାଙ୍କ୍ ଖୋଲାଯାଇଥିବା ଘରର ମଧ ତାଲା ଭାଙ୍ଗି ଇନଭଟର ବ୍ୟାଟେରୀ ଆଦି ନେଇଯିବା ସହ ଡ୍ରରେ ଏବଂ ଗଡରେଜରେ ଥିବା ୧,୧୬,୫୦୦ (ଏକ ଲକ୍ଷ ଷୋହଳ ହଜାର ପାଞ୍ଚସହ) ଟଙ୍କା ମଧ ଚୋରି କରି ନେଇଯାଇଛନ୍ତି । ଏ ନେଇ ମାଧପୁର ପଞ୍ଚାୟତ ସରପଞ୍ଚ ବୀଣାପାଣି ନାଏକ ହିନ୍ଦୋଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡିଥିବାବେଳେ କେବଳ ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟରୁ ଟିଭି ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ ଲୁଟି ନେଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ଚୋରମାନେ ଏପରି କାଣ୍ଡ ଭିଆଇଛନ୍ତି ଏବଂ ସକାଳ ହେବା ମାତ୍ରେ ବିଭିନ୍ନ କାର୍ଯ୍ୟାଳୟର ତାଲା ଭଙ୍ଗା ହୋଇଥିବା ଏବଂ ଆସବାବପତ୍ର ଏଣେତେଣେ ପଡ଼ିଥିବା ଲୋକମାନେ ଦେଖିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ଏ ସଂପର୍କରେ ହିନ୍ଦୋଳ ଥାନାକୁ ଜଣାଇବାରେ ପୋଲିସ୍ ଆସି ତଦନ୍ତ ଆରମ୍ଭ କରିଥିଲା । ଗୋଟିଏ ରାତିରେ ବିଭିନ୍ନ ଅନୁଷ୍ଠାନରୁ ଚୋରି ହେବାକୁ ନେଇ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି । ତେବେ ବିଧିବଦ୍ଧ ତଦନ୍ତ ହେଲା ପରେ ଡକାୟତ ମାନେ ସ୍ଥାନୀୟ ନା ଆନ୍ତଃ ରାଜ୍ୟର ଏବଂ ସେମାନଙ୍କ ମାଷ୍ଟରମାଇଣ୍ଡ କିଏ ଏବଂ ଏହାର ଚେର କେଉଁଯାଏ ଲମ୍ବିଛି ଏହାର ପର୍ଦ୍ଦାଫାଶ ହେବ ବୋଲି ଜନସାଧାରଣ ଆଶା ରଖିଛନ୍ତି ।

## ଗୋରୁ ଗାଡ଼ି ଜବତ ଜଣେ ଗିରଫ

**କଣାସ, ୧୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ସନ୍ଧ୍ୟା ୫ଟା ବେଳେ ତିନିଜଣ ବ୍ୟକ୍ତି ୧୯ଟି ଗାଈଙ୍କୁ ବେଆଇନ ଓ ନିର୍ଦ୍ଦୟ ଭାବେ ଅଣ୍ଡା ଗ୍ରାମରୁ ବେଣାପଞ୍ଜରି ଗ୍ରାମ ଆଡ଼କୁ ଚୋରା ଚାଲାଣ କରୁଥିବା ସମୟରେ ସନ୍ଦେହରେ ଜଣେ ବ୍ୟକ୍ତି ତାଙ୍କୁ ପଚାରି ବିନା କାଗଜ ପତ୍ରରେ ନେଉଥିବା ଜାଣି କଣାସ ଥାନାକୁ ଖବର ଦେଇଥିଲେ । କଣାସ ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳ ଅଁଳାଯୋଡ଼ିରେ ପହଞ୍ଚି ସମସ୍ତ ୧୯ଟି ଗାଈ ଜବତ କରିବା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲେ । ଆଉ ଅନ୍ୟ ଦୁଇ ଜଣେ ଫେରାର ଅଛନ୍ତି । ଜବତ ଗାଈମାନଙ୍କୁ ଭୁବନେଶ୍ୱର ସ୍ଥିତ ଗୋଶାଳାକୁ ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରାଯାଇଛି । ଅଭିଯୁକ୍ତ ଗୋ–ଚାଲାଣକାରି କମର ଅଲ୍ଲୀ ଖାଁକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଚି । ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠା ଯାଇଚି । ବେଆଇନ ଗୋରୁ ଚାଲାଣ ଉପରେ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଣାସ ଆଇଆଇସି ସୂଚନା ଦେଇଛନ୍ତି ।

# ବିଶ୍ରାମଗାର ନିର୍ମାଣରେ ବିଳମ୍ବ ଯୋଗୁଁ ଯାତ୍ରୀ ହନ୍ତସନ୍ତ

**ଖଣ୍ଡପଡ଼ା, ୧୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ସହରର ବିଭିନ୍ନ ୱାର୍ଡରେ ଗତ ୬ ମାସ ଧରି ଉନ୍ନୟନମୂଳକ କାର୍ଯ୍ୟଗୁଡିକ ଅଧାରେ ଅଟକିଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟରେ ଖଣ୍ଡପଡ଼ା ସହରର ତ୍ରିନାଥ ଛକ ଠାରେ ଏନ୍ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମାଣାଧିନ ଯାତ୍ରୀ ବିଶ୍ରାମଗାର କାର୍ଯ୍ୟ ଅଧାରେ ଅଟକି ଥିବାରୁ ରାସ୍ତା ପାର୍ଶ୍ୱରେ ଯାତ୍ରୀମାନେ ଦୀର୍ଘ ସମୟ ଧରି ଅପେକ୍ଷା କରି ଯାତ୍ରୀବାହୀ ବସ ଯୋଗେ ଯାତାୟାତ କରୁଥିବା ନଜରକୁ ଆସୁଛି । ଦୈନିକ ଶହଶହ ସଂଖ୍ୟକ ଯାତ୍ରୀ ଜିନିଷପତ୍ର ଓ ପିଲା ଛୁଆଙ୍କୁ ଧରି ଏଭଳି ଦୟନୀୟ ସ୍ଥିତିରେ ତ୍ରିନାଥ ଛକରୁ



ଦୁର ଦୁରାନ୍ତକୁ ଯାତାୟାତ କରୁଥିବା ବେଳେ ଯାତ୍ରୀମାନଙ୍କ ଅସୁବିଧା ପ୍ରତି ସ୍ଥାନୀୟ ପ୍ରଶାସନ ଓ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ନଦେଇ ଆଖି ବୁଜି ଦେଇଥିବା ଜଣାପଡିଛି । ଗତ ୧୦ ମାସ ତଳେ ଏନଏସି କର୍ତ୍ତୃପକ୍ଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ବିଶ୍ରାମଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ବିଶ୍ରାମଗାର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ମନମାନି ଯୋଗୁଁ ବିଶ୍ରାମଗାର ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି । ଏବେ ଶୀତଋତୁ ଆରମ୍ଭ ହୋଇଥିବାରୁ ଭୋର ସମୟରେ ଯାତ୍ରୀବାହୀ ବସ ଯୋଗେ ଯାତାୟାତ କରୁଥିବା ଜନସାଧାରଣ ଶୀତ କାକରରେ ରାସ୍ତା ପାର୍ଶ୍ୱରେ ଅପେକ୍ଷା କରି ବସ ଯୋଗେ ଯାତାୟାତ କରୁଥିବା ବେଳେ ବିଶେଷ କରି ମହିଳା ଯାତ୍ରୀମାନେ ସମୟ ଅସମୟରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଯୁଦ୍ଧକାଳୀନ ଭିତ୍ତିରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ କାର୍ଯ୍ୟ ଶେଷ କରିବା ନିମନ୍ତେ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ଯୋଗାଯୋଗ କରିବାରେ ଖୁବଶୀଘ୍ର ଉକ୍ତ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କୁ ବାଦ ଦେଇ ଅନ୍ୟ ଠିକାଦାରଙ୍କ ଦ୍ୱାରା ଯାତ୍ରୀ ବିଶ୍ରାମାଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଛନ୍ତି ।

# ଲମ୍ବା ଛୁଟିରେ ଗଣିତ ଶିକ୍ଷକ : ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରରେ

**ରାୟଗଡ଼ା, ୧୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟ ସରକାର ମାଳମାଳ ଯୋଜନା କରୁଛନ୍ତି । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତ । ଛାତ୍ରଛାତ୍ରୀଙ୍କ ପାଠପଢା ନିମନ୍ତେ ବିଦ୍ୟାଳୟ, ଛାତ୍ରାବାସ ନିର୍ମାଣ ସାଙ୍ଗକୁ ପିଲାମାନଙ୍କ ପାଇଁ ମାଗଣା ଖାଦ୍ୟ, ପୋଷାକ, ପୁସ୍ତକ ପ୍ରଦାନ କରି ସେମାନଙ୍କ ଭବିଷ୍ୟତ ଗଢିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ କରୁଛନ୍ତି । ଏହିସବୁ ବିଦ୍ୟାଳୟର ପରିଚାଳନା ନିମନ୍ତେ ଓଡିଶା ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗକୁ ଦାୟୀତ୍ୱ ଦେଇଛନ୍ତ । ହେଲେ ଏହି ବିଭାଗର ଦୂରଦୃଷ୍ଟି ଅଭାବ ସାଙ୍ଗକୁ ପରିଚାଳନା ଗତ ତ୍ରୁଟି କାରଣରୁ କେଉଁ ବିଦ୍ୟାଳୟରେ ଶିକ୍ଷକ ଅଭାବ ରହୁଛି ତ ଆଉ କେଉଁ ବିଦ୍ୟାଳୟର ଶିକ୍ଷକ ସୂଚାର ରୂପେ ନିଜର କାର୍ଯ୍ୟ ନ ତୁଲାଇ ମାସାଧିକ କାଳ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି । ଯାହାଫଳରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଶିକ୍ଷାଦାନରୁ ବଞ୍ଚିତ ହୋଇଆସୁଛନ୍ତି । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଗୋଡିଗୁଡା ଠାରେ ଅବସ୍ଥିତ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାରିତ ସରକାରୀ ଉଚ୍ଚ ବିଦ୍ୟାଳୟରେ । ଏହି ବିଦ୍ୟାଳୟର ବିଜ୍ଞାନ ଓ ଗଣିତ ପାଠ୍ୟକ୍ରମ ନିମନ୍ତେ ବିଭାଗ ପି ହେମ କୁମାରଙ୍କୁ ନିଯୁକ୍ତି ଦେଇଛନ୍ତି ସତ ହେଲେ ଶିକ୍ଷକ ଜଣକ ମାସାଧିକ କାଳ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବାରୁ ଛାତ୍ରଛାତ୍ରୀମାନେ ଗଣିତ




ଓ ବିଜ୍ଞାନ ପାଠ୍ୟକ୍ରମରୁ ବଞ୍ଚିତ ହୋଇଛନ୍ତି । ଗତ ଅକ୍ଟୋବର ମାସ ୬ତାରିଖରୁ ନଭେମ୍ବର ୬ ତାରିଖ ଯାଏ ସ୍ୱାସ୍ଥ୍ୟ ଗତ ସମସ୍ୟା ଦର୍ଶାଇ ଏକ ମାସ ଇଏଲ୍ ଛୁଟିରେ ଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଶିକ୍ଷକ ଜଣକ ଆଉ ବିଦ୍ୟାଳୟକୁ ଫେରିନାହାନ୍ତି । ଇଏଲର ସମୟସୀମା ସରିଯାଇଥିଲେ ମଧ ନିଜ ଦାୟିତ୍ୱରେ ଯୋଗ ଦେଇନାହାନ୍ତି । ଏହା ଚଳିତ ମାସର ସମସ୍ୟା ନୁହେଁ ଏହା ହେଉଛି ନୀତି ଦିନିଆ ସମସ୍ୟା ରହି ଆସୁଛି । ସଂପୃକ୍ତ ଶିକ୍ଷକ ଜଣକ ଗତ ଦୁଇ ବର୍ଷ ହେବ ବିଭିନ୍ନ ଆଳରେ ବିଦ୍ୟାଳୟରେ ଲମ୍ବା ବ୍ୟବଧାନରେ ଛୁଟିରେ ରହୁଥିବାର ନଜିର ରହିଛି । ଏ ନେଇ ଅଭିଭାବକମାନେ ସଂପୃକ୍ତ ଶିକ୍ଷକ ବଦଳରେ ନୂତନ ଶିକ୍ଷକ ନିଯୁକ୍ତ ନିମନ୍ତେ ଦାବି କରିଆସୁଥିଲେ ମଧ ବିଭାଗ ତରଫରୁ କୌଣସି ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ କି କେଉଁ ପରିସ୍ଥିତିରେ ଶିକ୍ଷକ ଜଣକ ଲମ୍ବା ଛୁଟିରେ ରହୁଛି ତା'ର ତଦନ୍ତ ମଧ କରାଯାଉନାହିଁ । ଅପରପକ୍ଷେ ଛାତ୍ରଛାତ୍ରୀମାନେ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତ । ଆଉ ଦୁଇ ମାସ ପରେ ଦଶମ ବୋର୍ଡ ପରୀକ୍ଷା ରହିଥିବା ବେଳେ ଛାତ୍ରଛାତ୍ରୀମାନେ ବିଜ୍ଞାନ ଓ ଗଣିତ ଭଳି ପ୍ରମୁଖ ବିଷୟ ପଢିବାରୁ ବଞ୍ଚିତ ହୋଇ ଚିନ୍ତାରେ ପଡିଯାଇଛନ୍ତି । ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଘୁମଣି ଶବରଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଦୀର୍ଘ ଦୁଇ ବର୍ଷ ହେବ ସଂପୃକ୍ତ ଶିକ୍ଷକ ଏପରି ନିୟମିତ ଭାବେ ଇ.ଏଲ୍.ରେ ରହୁଛନ୍ତି । ଏ ନେଇ ବିଭାଗ ମଧ ଅବଗତ ଥିବା ପ୍ରକାଶ କରିଛନ୍ତି । ଦୀର୍ଘ ଦୁଇ ବର୍ଷ ହେବ ଶିକ୍ଷକ ଜଣକ ନିୟମିତ ବ୍ୟବଧାନରେ ଅନୁପସ୍ଥିତ ରହୁଥିବା ବିଭାଗ ନିକଟରେ ଖବର ଥାଇ ମଧ ବିଦ୍ୟାଳୟରେ ଶିକ୍ଷାଦାନର ବିକଳ୍ପ ବ୍ୟବସ୍ଥା ନ କରିବା ଦୁର୍ଭଗ୍ୟଜନକ । ଏହିଥିରୁ ସ୍ପଷ୍ଟ ଯେ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଅଧିନରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଶିକ୍ଷା ପ୍ରତି ବିଭାଗ କେତେ ଯତ୍ନବାନ ତାହା ସ୍ପଷ୍ଟ ବାରି ହେଉଛି । ଏହି ବିଦ୍ୟାଳୟରେ ନିୟମିତ ବ୍ୟବଧାନରେ ଶିକ୍ଷକଙ୍କ ଅନୁପସ୍ଥିତିର ତଦନ୍ତ ସାଙ୍ଗକୁ ତୁରନ୍ତ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ଶିକ୍ଷାଦାନର ବିକଳ୍ପ ବ୍ୟବସ୍ଥା ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିତାନ୍ତ ଜରୁରୀ ହୋଇପଡିଛି ।

ଆଗକୁ ଆମକୁ ଅଧିକ ସତର୍କ ହେବାକୁ ପଡ଼ିବ। ଯେକୌଣସି ବଡ଼ ସହରରେ ମଧ୍ୟ ଏଭଳି ଘଟଣା ଘଟିପାରେ । କାର୍ ପାର୍କିଂସ୍ଥଳରେ ମାରାତ୍ମକ ବିସ୍ଫୋରକ ସହ କାର୍ ରଖିଦେଇ ଗଲେ କିଏ ଏହାର ଟେର୍ ପାଇବ? ଦୋକାନ, ବଜାର, ମଲ୍ ସବୁଠି ତ ପାର୍କିଂ ବ୍ୟବସ୍ଥା ରହିଛି । ଜନଗହଳିପୂର୍ଣ୍ଣ ସ୍ଥାନରେ ମଧ୍ୟ ଆଜିକାଲି ମାଳମାଳ କାର୍ ପାର୍କିଂ ହୋଇଥିବା ଦେଖିବାକୁ ମିଳୁଛି । ତେଣୁ କେଉଁଠି କିଏ କାର୍ ଭିତରେ କ'ଣ ରଖିଲା ଜାଣିବା ସମ୍ଭବ ହୋଇନପାରେ । ତେଣୁ ଏସବୁ ଦିଗ ଉପରେ ପୁଲିସ ଏବଂ ଗୁଇନ୍ଦା ବିଭାଗ ତୀକ୍ଷ୍ଣ ନଜର ରଖିବା ଦରକାର । ଆଜିକାଲି ତ ମାଳମାଳ କାର୍ ସବୁଠି । ପ୍ରତିଦିନ ଏ ସଂଖ୍ୟା ବଢୁଛି । ତେଣୁ ପାର୍କିଂ ହୋଇଥିବା କାର୍‌ରେ କ'ଣ ଅଛି ଏବଂ ସେ କାର୍ କାହାର ଜାଣିବା ସବୁବେଳେ ସମ୍ଭବ ନୁହେଁ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୨ ନଭେମ୍ବର, ୨୦୨୫ | ବୁଧବାର

ଓଡ଼ିଶା ଏକ୍ସପ୍ରେସ

## ଆହୁରି ସତର୍କତା ଦରକାର

ଗତକାଲି, ୧୦-୧୧-୨୦୨୫ ତାରିଖ ସନ୍ଧ୍ୟାରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ଘଟିଥିବା ଶକ୍ତିଶାଳୀ କାର୍ ବିସ୍ଫୋରଣ ସାରା ଦେଶକୁ ସ୍ତବ୍ଧ କରିଛି । ଏ ବିସ୍ଫୋରଣରେ ୧୩ଜଣଙ୍କ ମୃତ୍ୟୁ ହୋଇଥିବା ସମୟରେ ୨୮ରୁ ଅଧିକ ଲୋକ ଆହତ ହୋଇଛନ୍ତି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଆଖପାଖ ଅଞ୍ଚଳ ଦୋହଲି ଯାଇଥିଲା । ନିକଟରେ ଥିବା ଗାଡ଼ିଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା ।

ବିସ୍ଫୋରଣର କିଛି ଘଣ୍ଟା ପୂର୍ବରୁ ହରିଆଣା ଫରିଦାବାଦର ପୁଲିସ ମୁଜାମ୍ମିଲ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରି ତାଙ୍କ ନିକଟରୁ ବିପୁଳ ପରିମାଣର ଆମୋନିୟମ ନାଇଟ୍ରେଟ ଜବତ କରିଛି । ଉତ୍ତରପ୍ରଦେଶ, ହରିଆଣା, ଗୁଜରାଟ ଓ ଜମ୍ମୁ-କାଶ୍ମୀରରେ ୪ଦିନ ଭିତରେ ୪ଜଣ ଡାକ୍ତରଙ୍କୁ ଗିରଫ କରାଯାଇଛି, ଯେଉଁମାନେ ସିଧାସଳଖ ଭାରତ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବାର ଜଣାଯାଇଛି । ଆତଙ୍କବାଦୀ ନେଟ୍‌ୱର୍କର ସ୍ଲିପର ଏଜେଣ୍ଟ ଭାବେ ଏଇ ଡାକ୍ତରମାନେ କାର୍ଯ୍ୟ କରୁଥିଲେ । ଆଗାମୀ ଦିନରେ ଏମାନେ ହୁଏତ ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଘଟାଇବାରେ ସାହାଯ୍ୟ କରିଥାନ୍ତେ ଯଦି ଧରାପଡ଼ିନଥାନ୍ତେ । ୧୦ ନଭେମ୍ବର ବିସ୍ଫୋରଣରେ ମଧ୍ୟ ଏମାନଙ୍କର ସଂପୃକ୍ତି ଥିବାର ସନ୍ଦେହ କରାଯାଇପାରେ ।

ପ୍ରଶ୍ନ ଉଠିପାରେ- ଏମାନେ ଅସଲି ଡାକ୍ତର ନା ନକଲି? ଡାକ୍ତରମାନେ ମଣିଷଙ୍କୁ ବଞ୍ଚାଇଥାନ୍ତି, ହେଲେ ଏ ଡାକ୍ତରମାନେ ଆତଙ୍କୀ ସଂଗଠନ ସହିତ ସମ୍ପର୍କ ରଖି ମଣିଷ ମାରିବା ପାଇଁ ସହଯୋଗ କରିବା ନିହାତି ଦୁର୍ଭାଗ୍ୟଜନକ ଘଟଣା । ଦେଶରେ ଡାକ୍ତରୀ ସେବା ଜାରି ରଖିଥିବା ଭଦ୍ରବେଶୀ ଡାକ୍ତରମାନେ ଯଦି ଅପରାଧିକ କାର୍ଯ୍ୟକଳାପ ସହିତ ଜଡ଼ିତ ରହିବେ, ତା'ହେଲେ ଏହା ଲୋକଙ୍କ ପାଇଁ କେତେ ବିପଜ୍ଜନକ ଏକଥା ଅନୁମାନ କରନ୍ତୁ । ଏ ଡାକ୍ତରମାନେ ଭାରତରେ କେତେବର୍ଷ ହେଲା ରହିଲେଣି, ଏମାନେ ଭାରତୀୟ କି ନୁହଁନ୍ତି, ଏମାନଙ୍କ ପାଖରେ ଡାକ୍ତରୀ ସାର୍ଟିଫିକେଟ୍ ଅଛି କି ନାହିଁ ଏହା ମଧ୍ୟ ଯାଞ୍ଚ କରାଯିବା ଜରୁରୀ । ବିଭିନ୍ନ ପଦପଦବୀରେ ଥିବା ବ୍ୟକ୍ତିମାନେ ଯଦି ଆତଙ୍କବାଦକୁ ପ୍ରୋତ୍ସାହିତ କରିବେ ତା'ହେଲେ ଏହା ଭାରତ ପାଇଁ ମୁଣ୍ଡବ୍ୟଥାର କାରଣ ହେବ । ଘର ଢ଼ିଙ୍କି କୁମ୍ଭୀର ହେଲେ ତ ଅଧିକ ବିପଦ ।

ଚାରିଜଣ ଡାକ୍ତର ଆତଙ୍କବାଦୀଙ୍କ ସହିତ ସମ୍ପର୍କରେ ଥିବା ଖବର ସୂଚାଉଛି- ଭାରତରେ ଏଭଳି ଅନେକ ବୃତ୍ତିଧାରୀ ଥାଇପାରନ୍ତି ଯେଉଁମାନେ ଚାକିରି କରିବା ସହିତ ଆତଙ୍କବାଦର ସୁପ୍ତ ସୈନିକ ବା ଏଜେଣ୍ଟ ମଧ୍ୟ ହୋଇଥାଇପାରନ୍ତି । ତେଣୁ ଏମାନଙ୍କୁ ଠାବ କରାଯିବା ଦରକାର । ଏମାନଙ୍କର ଗତିବିଧି ଉପରେ ଗୁଇନ୍ଦା ବିଭାଗ ନଜର ରଖିବାର ଆବଶ୍ୟକତା ରହିଛି । ଡାକ୍ତର ହୋଇ ଏଭଳି କାର୍ଯ୍ୟରେ ଲିପ୍ତ ରହିଲେ କେହି ସନ୍ଦେହ କରିବେ ନାହିଁ । ଏକ ଭଦ୍ର ଭାବମୂର୍ତ୍ତି ଭିତରେ ଯେ ସୈତାନଟିଏ ଲୁଚି ରହିଛି ଏକଥା ଜାଣିବା ସବୁବେଳେ କ'ଣ ସମ୍ଭବ? ତେଣୁ ଏଇ ସୁଯୋଗରେ ସେମାନେ ଏଇଭଳି ଘୃଣ୍ୟ କାର୍ଯ୍ୟରେ ଲିପ୍ତ ରହିପାରନ୍ତି ।

ଆଗକୁ ଆମକୁ ଅଧିକ ସତର୍କ ହେବାକୁ ପଡ଼ିବ। ଯେକୌଣସି ବଡ଼ ସହରରେ ମଧ୍ୟ ଏଭଳି ଘଟଣା ଘଟିପାରେ । କାର୍ ପାର୍କିଂସ୍ଥଳରେ ମାରାତ୍ମକ ବିସ୍ଫୋରକ ସହ କାର୍ ରଖିଦେଇ ଗଲେ କିଏ ଏହାର ଟେର୍ ପାଇବ? ଦୋକାନ, ବଜାର, ମଲ୍ ସବୁଠି ତ ପାର୍କିଂ ବ୍ୟବସ୍ଥା ରହିଛି । ଜନଗହଳିପୂର୍ଣ୍ଣ ସ୍ଥାନରେ ମଧ୍ୟ ଆଜିକାଲି ମାଳମାଳ କାର୍ ପାର୍କିଂ ହୋଇଥିବା ଦେଖିବାକୁ ମିଳୁଛି । ତେଣୁ କେଉଁଠି କିଏ କାର୍ ଭିତରେ କ'ଣ ରଖିଲା ଜାଣିବା ସମ୍ଭବ ହୋଇନପାରେ । ତେଣୁ ଏସବୁ ଦିଗ ଉପରେ ପୁଲିସ ଏବଂ ଗୁଇନ୍ଦା ବିଭାଗ ତୀକ୍ଷ୍ଣ ନଜର ରଖିବା ଦରକାର ।

ଆଜିକାଲି ତ ମାଳମାଳ କାର୍ ସବୁଠି । ପ୍ରତିଦିନ ଏ ସଂଖ୍ୟା ବଢୁଛି । ତେଣୁ ପାର୍କିଂ ହୋଇଥିବା କାର୍‌ରେ କ'ଣ ଅଛି ଏବଂ ସେ କାର୍ କାହାର ଜାଣିବା ସବୁବେଳେ ସମ୍ଭବ ନୁହେଁ । ତେଣୁ ଏ ଦିଗକୁ ଅଧିକ ଗୁରୁତ୍ୱ ଦେବା ଦରକାର । ଦିଲ୍ଲୀ ବିସ୍ଫୋରଣ ଘଟଣା ଭଳି ଅଘଟଣ ଅନ୍ୟାନ୍ୟ ସହରରେ ଯେଭଳି ନ ଘଟିବ ସେଥିପ୍ରତି ଅଧିକ ସତର୍କତା ଜରୁରୀ ।

# ନଈ ପରି ଭାଷାର ଗତି, ନ ହେଉ ଇତି - (୩)



ଇତିହାସର ଇତି କଥା

**ସତ୍ୟବାଦୀ ବଳିଆରସିଂହ**

ସେହି ସମୟରେ କଟକରୁ ପ୍ରକାଶ ପାଉଥିବା ଗଟକଟକ ଉତ୍କଳ ସମ୍ମିଳନୀ ବାଲେଶ୍ୱରରୁ ପ୍ରକାଶ ପାଉଥିବା ସମ୍ବାଦ ବାହିନୀ ସମ୍ବଲପୁରରୁ ପ୍ରକାଶ ପାଉଥିବା ହିତୈଷଣୀ, ବ୍ରହ୍ମପୁରରୁ ପ୍ରକାଶ ପାଉଥିବା ଦୈନିକ ଆଶା ଭଳି ସମ୍ବାଦପତ୍ରଗୁଡ଼ିକରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଓଡ଼ିଆ ଭାଷାର ନିଜସ୍ୱତା ଓ ପ୍ରାଚୀନତର ଉପରେ କ୍ରମାଗତ ଭାବେ ଲେଖାମାନ ପ୍ରକାଶ କରିବା ଫଳରେ ଓଡ଼ିଆ ଭାଷା ଉପରେ ହେଉଥିବା ଆକ୍ରମଣ ବନ୍ଦ ହୋଇଯାଇଥିଲା । ପରବର୍ତ୍ତୀ କାଳରେ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ବ୍ୟାସକବି ଫକୀରମୋହନ ସେନାପତି ଛଅମାଣ ଆଠଗୁଣ୍ଠ, ରାମଶଙ୍କର ରାୟଙ୍କ କାଞ୍ଚି କାବେରୀ କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ ପ୍ରମୁଖ ଅନେକ ପୁସ୍ତକ ରଚନା କରିବା ସହିତ ନିୟମିତ ପତ୍ର ପତ୍ରିକାରେ ପ୍ରବନ୍ଧମାନ ପ୍ରକାଶ କରୁଥିଲେ । ଓଡ଼ିଆ ଭାଷା ସାହିତ୍ୟକୁ ଲୋକପ୍ରିୟ କରିବା କ୍ଷେତ୍ରରେ ସେମାନଙ୍କର ଅତୁଳନୀୟ ଅବଦାନ ଥିଲା । ସୂଚନାଯୋଗ୍ୟ ଯେ ପଞ୍ଚଦଶ ଶତାବ୍ଦୀରେ ଶାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ଦାଣ୍ଡି ରାମାୟଣ ଓ ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆ ଭାଷାରେ ପୋଥି ଆକାରରେ ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟ ବଳଦେବ ରଥ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଲେଖିଥିଲେ-

କହେ ଉପଇନ୍ଦ୍ର ଟେକି
ସେ ବେନି ବାହାକୁ
ରବି ତଳେ କବି ପଣେ
ନଗଣେ ମୁଁ କାହାକୁ।
ଜୟକୃଷ୍ଣ, ଦୀନକୃଷ୍ଣ
ପଦେ ମୋର ଶରଣ
ଅନ୍ୟ ଯେତେ କବି ଶିରେ
ମୋର ବାମ ଚରଣ।

ବାସ୍ତବରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଏହି ଉକ୍ତି ଯଥାର୍ଥ, ଭକ୍ତ କବି ଜୟଦେବଙ୍କ ଦ୍ୱାଦଶ ଶତାବ୍ଦୀର ଗୀତଗୋବିନ୍ଦ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତ ବର୍ଷରେ ପ୍ରଚାରିତ, ପ୍ରସାରିତ ଓ ଆଦୃତ ମଧ୍ୟ । ଓଡ଼ିଆ ସାହିତ୍ୟ ଭଣ୍ଡାରରେ ଭରପୂର ଥିଲେ ମଧ୍ୟ ପଡ଼ୋଶୀ ଅଞ୍ଚଳରୁ ଓଡ଼ିଆ ଭାଷା ପ୍ରତି ଆକ୍ରମଣ ଅବ୍ୟାହତ ରହିଥିଲା । ୧୮୯୦ ମସିହା ବେଳକୁ ସମ୍ବଲପୁର, ବଲାଙ୍ଗୀର ସମେତ ପଶ୍ଚିମ ଓଡ଼ିଶାକୁ ସେତେବେଳେ ସ୍ରୋଲ ପ୍ରୋଭିନ୍ସ ରଖାଗଲା । ସ୍ରୋଲ ପ୍ରୋଭିନ୍ସର ରାଜ୍ୟପାଳ ସାର୍ ଜନ୍ ଉଡ଼ବର୍ଣ୍ଣ (Sir John Woodburn) ୧୮୯୫ ଜାନୁଆରୀ ୨୫ ତାରିଖରେ ସମ୍ବଲପୁର ଅଞ୍ଚଳ ତଥା ସେ ସମସ୍ତ ଗଡ଼ଜାତ ଯଥା- ବାମଣ୍ଡା, ରେଢ଼ାଖୋଲ, ଗାଙ୍ଗପୁର, ବଣାଇ, ପାଟଣା, କଳାହାଣ୍ଡି, ଖଡିଆଳ ଆଦି ଅଞ୍ଚଳରୁ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷାର ପ୍ରଚଳନ ପାଇଁ ଚିଠି କଲେ। ଏହା ଏ ସମସ୍ତ ଅଞ୍ଚଳ ତଥା ଅନ୍ୟାନ୍ୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିଲା । ଏକଥା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଫକୀର ମୋହନ ସେନାପତିଙ୍କ ଦୃଷ୍ଟି ଆକର୍ଷଣ କଲା। ଏ ପ୍ରସଙ୍ଗରେ ମଧୁବାବୁ କହିଲେ କେବଳ ପ୍ରତିବାଦ କଲେ ହେବନାହିଁ ଏ ପ୍ରସଙ୍ଗରେ ଦଲିଲ ଦେଖିବାକୁ ପଡ଼ିବ। ସେ John Beamsu Comparative Grammar of Modern Aryan Languages in India, Sir George Greeyarsonu linguistic survay of India ଏବଂ ସୁନୀଲ କୁମାର ଚାଟାର୍ଜୀଙ୍କ "The people, language and culture ପାଠକଲେ। ଏଣେ ସମ୍ବଲପୁର ହିତୈଷଣୀରେ ସମ୍ପାଦକ ନୀଳମଣି ବିଦ୍ୟାରତ୍ନ ହିନ୍ଦୀ ଭାଷା ପ୍ରଚଳନ ବିରୋଧରେ ଲେଖାମାନ ପ୍ରକାଶ କରୁଥାନ୍ତି। ମଧୁବାବୁ John Beamsu Comparative Grammar of Modern Indian Languages of Indiaରୁ ଓଡ଼ିଆ ଭାଷା ନେଇ ତଥ୍ୟଟିଏ ପାଇଲେ। ତାହା ଥିଲା ଏହିପରି :-

"When the case of oriyas came to be compared that it is spoken not only by the five millions in the selted and the civilised districts of the sea-coast but by an uncounted and widely dispersed mass of wild tribes in the vast track of mountains which cover hundreds of miles in land and estends as faras Nagpur and such as Telengana.

ମଧୁବାବୁ ଭାଷା ପ୍ରସଙ୍ଗରେ ସିମଲା ଠାରେ ଲର୍ଡ କର୍ଜନଙ୍କୁ ସାକ୍ଷାତ କରିଥିଲେ। ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଶିକ୍ଷା ପ୍ରଚଳନ ପାଇଁ ଯେଉଁ ଆଇନ କରାଯାଇଥିଲା ତାହା ରଦ୍ଦ କରାଗଲା । ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳଦେବ ଓଡ଼ିଆରେ ଏକ ଡାକ ଟିକେଟ ପ୍ରଚଳନ କରାଇ ଓଡ଼ିଆ ଭାଷାର ମହତ୍ତ୍ୱ ବୃଦ୍ଧି ପାଇଁ ଉଦ୍ୟମ କରିଥିଲେ। ତାଙ୍କ ପୁତ୍ର ରାଜା ତ୍ରିଭୁବନ ଗଙ୍ଗଦେବଙ୍କ ଉଦ୍ୟମ କ୍ରମେ ସମ୍ବଲପୁର ଅଞ୍ଚଳ ସ୍ରୋଲ ପ୍ରୋଭିନ୍ସ ଅଧୀନରୁ ୧୯୦୫ ଅକ୍ଟୋବର ମାସରେ ବେଙ୍ଗାଲ ପ୍ରେସିଡେନ୍ସିର ଓଡ଼ିଶା ଡିଭିଜନ ଅଧୀନକୁ ଆସିଥିଲା।

ଭାଷା ଭିରେ ଓଡ଼ିଶା ରାଜ୍ୟ ଗଠନ ପାଇଁ ଉତ୍କଳ ସମ୍ମିଳନୀ ଗଠନ କରାଯାଇଥିଲା। ଏଥିରେ ଉତ୍କଳ ଗୌରବ ମଧୁସୂଦନ ଦାସ, ବାଗ୍ମୀ ବିଶ୍ୱନାଥ କର, ପଲ୍ଲୀକବି ନନ୍ଦକିଶୋର ବଳ, କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ, ରାଜା ହରିହର ସିଂ ମର୍ଦ୍ଦରାଜ ଦେଓ, ଫକୀର ମୋହନ ସେନାପତି ପ୍ରମୁଖ ଓଡ଼ିଆ ଭାଷାର ସୁରକ୍ଷା ଓ ଭାଷା ସୂତ୍ରେ ପ୍ରଦେଶ ଗଠନ କରିବା ପାଇଁ ଆଗେଇ ଆସିଥିଲେ ।

ଉତ୍କଳ ସମ୍ମିଳନୀର ପ୍ରାରମ୍ଭିକ ସଭା ୧୯୦୨ ମସିହା ଜାନୁଆରୀ ୧୩ ତାରିଖ ଦିନ ରମ୍ଭା ରାଜପ୍ରାସାଦରେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ତା' ପରବର୍ଷ ୧୯୦୩ ଏପ୍ରିଲ ୧୧ ଓ ୧୨ ତାରିଖ ୨ଦିନ ଧରି ବ୍ରହ୍ମପୁରରେ ମଧୁସୂଦନ ଦାସ ଓ ଶ୍ୟାମସୁନ୍ଦର ରାଜଗୁରୁଙ୍କ ନେତୃତ୍ୱରେ ହୋଇଥିଲା। ଏହାପରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ଦୁଇଦିନ ଧରି କଟକ ଇଦଗା ପଡ଼ିଆରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଠାରେ ଭାଷା ଭିରେ ରାଜ୍ୟ ଗଠନ ପ୍ରସ୍ତାବ ପାରିତ ହୋଇଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସ ସମ୍ପାଦକ ଭାବେ କହିଥିଲେ, 'ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତିଗତ ଜୀବନ ଜାତୀୟ ଜୀବନ ପାଇଁ ବଳିଦାନ କରୁନାହିଁ, ସେତେଦିନ ପର୍ଯ୍ୟନ୍ତ ଜାତୀୟ ଜୀବନ ଗଠିତ ହୋଇନାହିଁ ବୋଲି ଧରି ନିଆଯିବ। ମୋ କାର୍ଯ୍ୟ ଦ୍ୱାରା ମୋ ଜାତିର ମାନ ବହୁତ ବଢୁଛି କି ନାହିଁ? ପ୍ରଶ୍ନଟି ସଂପୃକ୍ତ ଜାତିର ପ୍ରତ୍ୟେକ ବ୍ୟକ୍ତି ନିଜକୁ ନିଜେ ପଚାରିବା ଉଚିତ। ସେ ଉତ୍କଳ ଜନନୀର ଜରାକ୍ଲିଷ୍ଟ, ଜୀର୍ଣ୍ଣ ମୁର୍ମୁଷୁ ଅବସ୍ଥା ଅବଲୋକନ କରି ସଚେତନ ହେବା ପାଇଁ ପ୍ରତ୍ୟେକ ଉତ୍କଳୀୟମାନଙ୍କୁ ମଧୁବାବୁ ପ୍ରେରଣା ଦେଇଛନ୍ତି। ଉତ୍କଳ ସମ୍ମିଳନୀର ସ୍ୱେଚ୍ଛାସେବୀମାନଙ୍କୁ ସେ ଉତ୍କଳର ଭାବୀ ଆଶା ବୋଲି ସମ୍ବୋଧନ କରିଛନ୍ତି। ଉତ୍କଳୀୟମାନଙ୍କର ବ୍ୟକ୍ତିଗତ ଜୀବନ ଏବଂ ଜାତୀୟ ଜୀବନ ମଧ୍ୟରୁ ଜାତୀୟ ଜୀବନଟି ଅତ୍ୟନ୍ତ ଶିଥିଳ। ସେହି ଜାତୀୟ ଜୀବନକୁ ଉଜ୍ଜୀବିତ କରି ତାହାକୁ ବ୍ୟକ୍ତିଗତ ଜୀବନ ଭଳି ବଳବାନ କରାଇଲେ ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ପୂରଣ ହେବ ବୋଲି ସେ ବାରମ୍ବାର ଘୋଷଣା କରିଛନ୍ତି ।

୧୯୦୩ରୁ ୧୯୩୬ ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀ ପକ୍ଷରୁ ଭାଷା ଭିରେ ରାଜ୍ୟ ଗଠନ ପାଇଁ ଦାବି ହୋଇ ଆସିଥିଲା। ଏହି ସମୟ ମଧ୍ୟରେ ଯେଉଁ ଯେଉଁ ସ୍ଥାନ ମସିହାରେ ସଭାପତି ଓ ସମ୍ପାଦକ ଥିଲେ ସେମାନଙ୍କ ବିବରଣୀ ପ୍ରଦାନ କରୁଛି ।

ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ଉତ୍କଳ ସମ୍ମିଳନୀର ପ୍ରମୁଖ ଭୂମିକା ଥିଲା। ଭାଷା ଭିରେ ସ୍ୱତନ୍ତ୍ର ରାଜ୍ୟ ଗଠନ ହେବାରେ ସିନ୍ଧୁ ପ୍ରଦେଶ ଓ ଓଡ଼ିଶା ହେବା ଯୋଗୁଁ ଅବିଭକ୍ତ ଭାରତର ପ୍ରଦେଶ ସଂଖ୍ୟା ୯ରୁ ୧୩କୁ ବୃଦ୍ଧି ପାଇଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଉତ୍କଳ ସମ୍ମିଳନୀରେ ଜରିପଡ଼ା ଜମିଦାର ରଘୁନାଥ ରାୟ, ମଞ୍ଜୁଷା ରାଜା ଜଗନ୍ନାଥ ନାରାୟଣ ଦେଓ, ରାଧାନାଥ ରଥ, ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ପାଟନା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପ୍ରଫେସର ପ୍ରାଣକୃଷ୍ଣ ପରିଜା, ହରିଶ୍ଚନ୍ଦ୍ର ବକ୍ସିପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ ।

ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ପ୍ରେମୀ ମନୀଷୀମାନଙ୍କ ପାଇଁ ଭାଷା ଭିରେ ଓଡ଼ିଶା ରାଜ୍ୟ ପାଇଲେ। ଫକୀର ମୋହନ ସେନାପତିଙ୍କ ଭାଷାରେ-

ମୋ ଜୀବନ ସାରଧନ
ଜନନୀ ଉତ୍କଳ ଭାଷା
ଆସ ମୋ ମା! କରେ ପୂଜା
ପୂର୍ଣ୍ଣ ହେଉ ପ୍ରାଣ ଆଶା।

ଆମ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସହ ସୁରକ୍ଷା ନିହାତି ଆବଶ୍ୟକ। ସମସ୍ତେ ଜାଣିଛନ୍ତି, ଯେଉଁ ଭାଷା ଯେତେ ସହଜରେ ଅଧିକ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ଭାଷା ସେତେ ଅଧିକ ପ୍ରସାରିତ ହୋଇପାରିବ। ସେଥିପାଇଁ ଆବଶ୍ୟକତା ଦୃଢ଼ ମାନସିକତା ଓ ଭାଷା ପ୍ରୀତି ।

ଆମ ଶିକ୍ଷିତ ଓଡ଼ିଆମାନଙ୍କର ସ୍ୱାଭିମାନ ତଥା ଭାଷା ପ୍ରୀତି ନଥିବାରୁ ସେମାନେ ଇଂରାଜୀ ଭାଷାରେ ବିବାହ, ବ୍ରତ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମର ନିମନ୍ତ୍ରଣ ପତ୍ର ଲେଖନ୍ତି। ସେମାନେ ମା'ର ଭାଷାକୁ ତ୍ୟାଗକରି ମାଉସୀର ଭାଷାକୁ ଆଦରି ନିଅନ୍ତି। କିନ୍ତୁ ଆମ ପଡ଼ୋଶୀ ବଙ୍ଗାଳୀ ଓ ତେଲୁଗ ମାନେ ଏପରି କରନ୍ତି ନାହିଁ। ଆମ ଭାଷାକୁ ନେଇ ବ୍ରିଟିଶ ଶାସନରେ ନାଗପୁରରେ ଥିବା ସ୍ରୋଲ ପ୍ରୋଭିନ୍ସର ଗଭର୍ଣ୍ଣର ତଥା ଭାଷାତତ୍ତ୍ୱବିତ୍ ଲର୍ଡ ସାର୍ ଗ୍ରୀୟରସନ ଲେଖିଥିଲେ- "Oriya is a rich and ancient language which can not be compared with other languages of esterm India."

"Oriya is a rich language than Hindi, Bengali and Telugu."

(Linguistic servey of India)

ଏ ପ୍ରସଙ୍ଗରେ ଆମ ଭାଷାର ପରିଚୟ ନେଇ କ'ଣ କହିଥିଲେ ତାହା ଉଲ୍ଲେଖ କରୁଛି । ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଇଂଲିଶ ଶାସକଙ୍କ ପାଖରେ ଜାଗା ଚିହ୍ନଟ କରିବାକୁ ମଧୁବାବୁ ଦୁଇଜଣ କବିଙ୍କ ନାଁ କହିଥିଲେ। ସେ କହିଥିଲେ ଜଗନ୍ନାଥ ଦାସଙ୍କ ଭାଗବତ ଓ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ପଢ଼ାଯାଏ, ସେଠାରେ ଓଡ଼ିଆମାନେ ରହନ୍ତି ।

ଆମ ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା। ସେଥିପାଇଁ ଏହା ଶାସ୍ତ୍ରୀୟ ଭାଷାର ମାନଦଣ୍ଡରେ ଏହା ୧୫୦୦ରୁ ୨୦୦ ବର୍ଷର ପୁରାତନ ହୋଇଥିବ ଓ ଐତିହ୍ୟ ପରମ୍ପରା ଥିବା ଏହି ଭାଷା ଖ୍ରୀଷ୍ଟପୂର୍ବ ୫୦୦ବର୍ଷ ତଳର ଭାଷା। ଓଡ଼ିଆ ଭାଷା ଅନ୍ୟସବୁ ପୂର୍ବ ଭାରତୀୟ ଭାଷା ପରି ସଂସ୍କୃତରୁ ମାଗଧି ପ୍ରାକୃତି ବାଟଦେଇ ଦଶମ ଏକାଦଶ, ଶତାବ୍ଦୀରେ ଜନ୍ମ ନେଇଥିବା ଭାଷା ପରି ନୁହେଁ 'ଇଣ୍ଡୋ-ଆରିୟାନ' ଭାଷା ମଧ୍ୟରେ ଯେତେ ଭାଷା ହେଉଛି ପ୍ରାଚୀନତମ ଭାଷା। ଏହାର ଐତିହାସିକ ବିବରଣୀ ବୁଦ୍ଧଦେବଙ୍କ 'ଲଳିତ ବିସ୍ତାର' ପ୍ରସ୍ତରରୁ ପ୍ରଥମେ ମିଳେ। ବୁଦ୍ଧଦେବଙ୍କ ଏହି ଗ୍ରନ୍ଥରେ ୯୪ ପ୍ରକାର ଲିପି ମଧ୍ୟରେ ଉଡ୍ରଲିପି ରହିଥିବା ଉଲ୍ଲେଖ ରହିଛି। ଅଶୋକଙ୍କ ଧଉଳି, ଜଉଗଡ଼ ଶିଳାଲେଖରେ ଏହାର ସନ୍ଧାନ ମିଳେ ।

**(କ୍ରମଶଃ)**

*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୯୨୩୭୦୮୯୫୦୯*

# ଶିଶୁଙ୍କ ନିମୋନିଆ ରୋଗ

**ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ**

ସମ୍ପ୍ରତି ନିମୋନିଆ ରୋଗ ବା ଫୁସ୍‌ଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଜ୍ଜନକ ହୋଇପଡ଼ିଲାଣି । ଦେଖାଯାଉଛି ଆବଶ୍ୟକତା ଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇପଡୁଛି । ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଷଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ । ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କୁ ନିମୋନିଆର କାରଣ ହୋଇଥାଏ । ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର । ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇରସ୍ଟିସିଆଲ ନିମୋନିଆ । ସ୍ୱଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ । ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ହେଲେ ଏହା ନିମୋନିଆର ଲକ୍ଷଣ । ମନେରଖନ୍ତୁ ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ । ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ । ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ । ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମଧ୍ୟ ପଡ଼ିଆସେ । ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ । ପରର୍ବୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ । ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, ଇନ୍‌ଫ୍ଲୁଏଞ୍ଜି, କ୍ଲେବସିଲା, ଇ.କୋଲି, ଷ୍ଟାଫାଇଲୋକୋକସ ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି । ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ଗୁରୁତର ହୋଇ ରହିନାହିଁ । ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ । ଏହାକୁ ଚିହ୍ନଟ କରିବା ପାଇଁ ଷ୍ଟେଟିକ୍ ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମଧ୍ୟ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ । ତେବେ ପାକସ୍ଥଳୀ ଶୋଷଣରେ ଫୁସ୍‌ଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ । ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ । ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉପଯୁକ୍ତ ପରିବେଶରେ ରଖାଯାଇଥାଏ । ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମାଧ୍ୟରେ ଖାଦ୍ୟ ପ୍ରଦାନ କରାଯାଇଥାଏ । ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଦିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ । ତେବେ କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ ।

### ବିଶ୍ୱ ନିମୋନିଆ ଦିବସ

ନିମୋନିଆ ଲଢ଼େଇରେ ସମଗ୍ର ବିଶ୍ୱବାସୀଙ୍କୁ ଏକଜୁଟ କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ନଭେମ୍ବର ୧୨ରେ ପାଳନ କରାଯାଏ ବିଶ୍ୱ ନିମୋନିଆ ଦିବସ। ନିମୋନିଆ ଭୟାବହତାକୁ ଉଜାଗର କରିବାରେ ଏହିଦିବସ ସହାୟକ ହୁଏ ଏବଂ ଏହି ରୋଗଠୁ ଦୂରେଇ ରହିବାର ଉଚିତ ପଦକ୍ଷେପ ଦିଗରେ ଏକାଧିକ ସଂସ୍ଥାକୁ ଉତ୍ସାହିତ କରେ। ୨୦୦୯ରେ ପ୍ରଥମେ ଏହି ଦିବସ ପାଳନ କରାଗଲା, ଯେଉଁଠି ଶିଶୁ ନିମୋନିଆ ବିରୋଧରେ ଏକ ବିଶ୍ୱସ୍ତରୀୟ ଗଠବନ୍ଧନ ମାଧ୍ୟମରେ ୧ଶହରୁ ଅଧିକ ସଂସ୍ଥା ହାତ ମିଳାଇଥିଲେ। ୫ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ନିମୋନିଆ କିପରି ବିଶ୍ୱର ଏକ ପ୍ରମୁଖ ପ୍ରାଣଘାତକ ଭାବେ ଉଭା ହୋଇଛି, ସେଥିପ୍ରତି ଏହି ଦିବସ ସଚେତନତା ସୃଷ୍ଟି କରେ। ଏଥିରୁ ସୁରକ୍ଷା, ପ୍ରତିରୋଧ ଚିକିତ୍ସା ଉପାୟକୁ ପ୍ରୋତ୍ସାହନ ଦେବା ଓ ରକ୍ଷା ପାଇବାର ଉଚିତ କାର୍ଯ୍ୟାନୁଷ୍ଠାନ ଉପରେ ମଧ୍ୟ ଏହା ଗୁରୁତ୍ୱ ଦିଏ। ନିମୋନିଆ ଏକ ସମାଧାନଯୋଗ୍ୟ ସମସ୍ୟା ହେଲେ ହେଁ ପ୍ରତି ୨୦ ସେକେଣ୍ଡରେ ଜଣେ ଶିଶୁ ଏହି ସଂକ୍ରମଣରେ ପ୍ରାଣ ହରାଉଛି। ତେଣୁ ସମସ୍ତେ ଏକଜୁଟ ଓ ସଚେତନ ହୋଇ ବିରୋଧ କଲେ ନିମୋନିଆରୁ ରକ୍ଷା ମିଳିବା କଷ୍ଟସାଧ୍ୟ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାର ମୁକାବିଲା ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି। ସଚେତନତା ପାଇଁ ଏହା ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ବ୍ରେଥ୍‌ଇଲାଇଫ୨୦୩୦ ଡଟ ଓଆର୍‌ଜି ଅଭିଯାନ ଆରମ୍ଭ କରିବ। ବାୟୁ ପ୍ରଦୂଷଣ ନିମୋନିଆର ଅନ୍ୟତମ କାରକ ହୋଇଥିବାରୁ ଏହା ମାଧ୍ୟମରେ ବାୟୁ ପ୍ରଦୂଷଣ ରୋକିବାକୁ ପ୍ରୟାସ କରାଯିବ।

*ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,*

# ପ୍ରଥମାଷ୍ଟମୀର ଏଣ୍ଡୁରୀ ପିଠା

**■ ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ ■**

ଶ୍ରୀକୃଷ୍ଣଙ୍କ ଜନ୍ମତିଥିକୁ ଜନ୍ମାଷ୍ଟମୀ, ରାଧାଙ୍କ ଜନ୍ମତିଥିକୁ ରାଧାଷ୍ଟମୀ ଓ ଦେବୀ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ମହାଷ୍ଟମୀ ପାଳିତ ହୋଇଥାଏ। ମାତ୍ର ପ୍ରଥମାଷ୍ଟମୀ କୌଣସି ଦେବଦେବୀଙ୍କ ଜନ୍ମତିଥି ନୁହେଁ। ତଥାପି ହିନ୍ଦୁଘରେ ଆଜି ପାଳିତ ହୁଏ ପ୍ରଥମାଷ୍ଟମୀ। ଏହା ସ୍ୱତନ୍ତ୍ର ଭାବରେ ପ୍ରଚଳିତ ଏକ ପାରିବାରିକ ପର୍ବ। ଓଡ଼ିଆ ପାଞ୍ଜି ଅନୁସାରେ, ମାର୍ଗଶୀର ମାସ କୃଷ୍ଣ ପକ୍ଷର ଅଷ୍ଟମୀ ତିଥିରେ ପାଳିତ ହୁଏ ପ୍ରଥମାଷ୍ଟମୀ ବା ପଢୁଆଁ ଅଷ୍ଟମୀ। ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖ, ସମୃଦ୍ଧି ଓ ଦୀର୍ଘଜୀବନ ପାଇଁ ଏହି ପୂଜା କରାଯାଏ। ମାଆମାନେ ଏହି ଦିନରେ ଜ୍ୟେଷ୍ଠ ସନ୍ତାନକୁ ନୂଆ ବସ୍ତ୍ର ପରିଧାନ କରି ବନ୍ଦାପନା ଓ ମିଠାପିଠା ଆଦି ଖୁଆଇଥାନ୍ତି । ପଞ୍ଚବଲ୍ଲଭ ଓ ପଞ୍ଚଶସ୍ୟରେ କଳସ ଓ ବରୁଣ ପୂଜା କରାଯାଇଥାଏ। ପ୍ରଥମାଷ୍ଟମୀରେ ଏମିତି ଏକ ପିଠା ହୁଏ, ଯାହାର ନାଁ ହେଉଛି ଏଣ୍ଡୁରୀ ପିଠା। ଏହା ହିଁ ପ୍ରଥମାଷ୍ଟମୀର ବିଶେଷତ୍ୱ। ଏହି ପିଠା ଉଆପକ୍ଷିଆ ଚାଉଳ, ବିରି, ଛେନା, ଗୁଡ଼ ଓ ନଡ଼ିଆପୁରରେ ପ୍ରସ୍ତୁତ ହୁଏ। ଏହା ବ୍ୟତୀତ ଏହି ପିଠା ପାଇଁ ବ୍ୟବହୃତ ହୋଇଥାଏ ହଳଦୀପତ୍ର। ହଳଦୀ ପତ୍ରର ବାସ୍ନା ଏଣ୍ଡୁରି ପିଠାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ।

ପ୍ରଥମାଷ୍ଟମୀ ଓଡ଼ିଆଙ୍କର ଏକ ପାରମ୍ପରିକ ପର୍ବ। ପ୍ରତିବର୍ଷ ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହା ପାଳିତ ହୋଇଥାଏ ଯାହାକୁ ପ୍ରଥମାଷ୍ଟମୀ ବା ଲୋକମୁଖରେ ଅଷ୍ଟେଇଁ ବୋଲି କୁହାଯାଇଥାଏ। ଏହି ପର୍ବ ପାଇଁ ସବୁଆଡ଼େ ଚଳଚଞ୍ଚଳ ହୋଇପଡ଼େ। ପର୍ବକୁ ନେଇ ସମସ୍ତେ ପ୍ରସ୍ତୁତିରେ ବ୍ୟସ୍ତ ହୋଇଯାନ୍ତି। ପରିବାରରେ ଜ୍ୟେଷ୍ଠଙ୍କୁ ସମ୍ମାନ, ଦାୟିତ୍ୱବୋଧ ଓ ଆୟୁବୃଦ୍ଧିର କାମନା ସହ ମାମୁଘରର ସହିତ ସମ୍ପର୍କକୁ ନିବିଡ଼ ଓ ଦୃଢ଼ୀଭୂତ କରାଇବା ଏହି ପର୍ବର ମୁଖ୍ୟ ବୈଶିଷ୍ଟ୍ୟ। ବଂଶାନୁକ୍ରମେ ପରିବାରରେ ଯେଉଁମାନେ ଜ୍ୟେଷ୍ଠ, ପିଢ଼ି ପରେ ପିଢ଼ି ତାଙ୍କରି ଉପରେ ଘର ପରିବାରର ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ। ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କର୍ତ୍ତବ୍ୟପରାୟଣତା ସମ୍ପର୍କରେ ସଚେତନତା ସହ ପରିବାରର ସମସ୍ତଙ୍କୁ ସାଥିରେ ନେଇ ଚାଲିବାର ମହାନତା ସମ୍ପର୍କରେ ଶୈଶବ ଦିନରୁ ହିଁ ଏଥିରୁ ଶିକ୍ଷା ମିଳିଥାଏ। ପରୁହାଁ ହେବାକୁ ନେଇ ଘରର ବଡ଼ପୁଅ ଝିଅ ଏବଂ ଭଣଜା ଭାଣିଜୀମାନଙ୍କ ମନରେ ଉଦ୍ଦୀପନା ଓ ଆଗ୍ରହ ସୃଷ୍ଟି ହୋଇଥାଏ। ଶାସ୍ତ୍ର ଏବଂ ପଣ୍ଡିତଙ୍କ ମତାନୁଯାୟୀ, ଏହି ପର୍ବ ଜ୍ୟେଷ୍ଠମାନଙ୍କର ଆୟୁବୃଦ୍ଧି ପାଇଁ କରାଯାଉଥିବାରୁ ଭଣଜା ଭାଣିଜୀ ଓ ଘରର ବଡ଼ ପୁଅଝିଅ ପରୁହାଁ ହେବାର ପରମ୍ପରା ପର୍ବର ମୁଖ୍ୟ ଆକର୍ଷଣ। ଏହି ଦିନ ପ୍ରତ୍ୟୁଷରୁ ଘରର ଜ୍ୟେଷ୍ଠ ପିଲାମାନଙ୍କୁ ହଳଦୀ ପାଣିରେ ଗାଧୋଇ ଦେଇ ନୂଆ ବସ୍ତ୍ର ପରିଧାନ କରାଇବ। ପରେ ଅଗଣାରେ ଥିବା ତୁଳସୀ ଚଉଁରା ନିକଟରେ ପୂଜା କରାଯାଏ। ହଳଦୀ



ପାଣିରେ ଗାଧୋଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହାପରେ ମାମୁଁଘରୁ ଆସିଥିବା ନୂଆ ପୋଷାକ ପରିଧାନ କରି ମୁଣ୍ଡରେ ଚନ୍ଦନ ଟିପା ଲଗାଇ ପରିବାରର ମା, ଜେଜେମା'ଙ୍କ ଦ୍ୱାରା ବନ୍ଦାପନା ହୋଇ ପରୁହାଁ ହୋଇଥାନ୍ତି। ଏହି ପର୍ବର ଅନ୍ୟ ଏକ ବୈଶିଷ୍ଟ୍ୟ ସ୍ୱରୂପ କେବଳ ମାମୁଁଘର ଆସିଥିବା ପୋଷାକ ପରିଧାନ କରି ଜ୍ୟେଷ୍ଠମାନେ ହିଁ ପରୁହାଁ ହୋଇଥାନ୍ତି। ପୌରାଣିକ ତଥ୍ୟ ଅନୁଯାୟୀ, ଏହି ଦିନ ମା'ଦେବକୀଙ୍କ ଗର୍ଭରେ ଶ୍ରୀକୃଷ୍ଣ ରହିଥିଲେ ଏବଂ ଦଶମାସ ଦଶଦିନ ପରେ ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଜନ୍ମ ଗ୍ରହଣ କରିଥିଲେ। ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପ୍ରାଣ। ଜଗନ୍ନାଥଙ୍କ ପାଇଁ ଏହି ପର୍ବ ପାଳନ ହେଉଥିବା ବେଳେ ଏହିଦିନ ମନ୍ଦିର ମାନଙ୍କରେ ବଡ଼ଭାଇ ବଳଭଦ୍ରଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇ ହଳଦୀ ପତ୍ରରେ ପ୍ରସ୍ତୁତ ସୁସ୍ୱାଦୁ ଏଣ୍ଡୁରୀ ପିଠା ଭୋଗ ଲାଗି କରାଯାଇଥାଏ।

ମହିଳାମାନେ ପ୍ରଥମାଷ୍ଟମୀର ପୂର୍ବଦିନ ଏଣ୍ଡୁରୀ ପିଠା ପାଇଁ ଅଥାର ହାଣ୍ଡି ପ୍ରସ୍ତୁତ କରିଥାନ୍ତି। ପିଠାଲାଗି ହଳଦୀ ପତ୍ର ଆବଶ୍ୟକ ପଡ଼ିଥାଏ। ଅଥାର ହାଣ୍ଡି ମଧ୍ୟରେ ସରୁ ସରୁ କାଠି ଖଞ୍ଜା ହୋଇ ସ୍ୱତନ୍ତ୍ର ଶୈଳୀରେ ଏହା ତିଆରି ହୋଇଥାଏ। ହଳଦୀପତ୍ରରେ ବଟାଯାଇଥିବା ଉଆପଖିଆ ଚାଉଳ ଏବଂ ବିରି ସହ ଏହି ପିଠାରେ ନଡ଼ିଆ, ଛେନା ଓ ଖସାପୁର ମଧ୍ୟ ଦିଆଯାଏ। ଗାଁ ଗହଳିରେ ଏହି ପିଠା ଅଷ୍ଟମୀ ଦିନରୁ ଆଠଦିନ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥାଏ ଏବଂ ଶେଷଦିନ ଯେଉଁ ପିଠା ପ୍ରସ୍ତୁତ ହୋଇଥାଏ ତାକୁ ଅଥାର ଭଙ୍ଗା ପିଠା ବୋଲି ମଧ୍ୟ କୁହାଯାଇଥାଏ। ହଳଦୀ ପତ୍ରରେ ପ୍ରସ୍ତୁତ ଏହି ପିଠାର ଔଷଧୀୟ ଗୁଣ ମଧ୍ୟ ରହିଛି। ପିଠା ହଳଦୀ ପତ୍ରରେ ତିଆରି ହୋଇଥିବାରୁ ଏହା ଜୀବାଣୁନାଶକ ଏବଂ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ବୋଲି ଡାକ୍ତର ମତ ଦିଅନ୍ତି। ଅରୁଆ ଚାଉଳରେ ତିଆରି ଓ ଉଆପଖିଆ ଚାଉଳରେ ତିଆରି ଏଣ୍ଡୁରୀ ପିଠା ମଧ୍ୟରେ ଯଥେଷ୍ଟ ଫରକ ଥାଏ। ଅରୁଆ ଚାଉଳ ତିଆରି ପିଠା ସହଜରେ ହଜମ ହୋଇନଥାଏ କିନ୍ତୁ ଉଆପଖିଆ ଚାଉଳରେ ଶର୍କରା, ଶ୍ୱେତସାର ଓ ପୁଷ୍ଟିସାର ରହିଥିବାରୁ ତାହା ସହଜରେ ହଜମ ହୋଇଯାଏ। ଅରୁଆ ଧାନକୁ ଉଆପଖିଆ କରାଯିବା ପରେ ଏହାର ମାନ ବଢ଼ିଥାଏ। ଏଣ୍ଡୁରୀ ପିଠା ତିଆରିରେ ହଳଦୀ ପତ୍ର ବ୍ୟବହାର ହେଉଥିବାରୁ ହଳଦୀ ପତ୍ରର ଚାହିଁଦା କାହିଁରେ କ'ଣ। ଯେଉଁ ଅ*ଳରେ ହଳଦୀ ଚାଷ ହୁଏନି ସେଠାକୁ ଅନ୍ୟ ଜିଲ୍ଲାମାନଙ୍କରୁ ଏହି ପତ୍ର ବିକ୍ରି ଉଦ୍ଦେଶ୍ୟରେ ଆସିଥାଏ। ପ୍ରଥମାଷ୍ଟମୀରେ ହେଉଥିବା ସ୍ୱତନ୍ତ୍ର ତରକାରୀରେ ମାଟିଆଳୁ, ମୂଳା, କଦଳୀ ଓ ସାରୁ ସହ ଅନ୍ୟ ଆଠପ୍ରକାରର ପରିବା ବ୍ୟବହୃତ ହୋଇଥାଏ, ଯାହାକୁ ଅଷ୍ଟମୀ ଘା ବୋଲି ମଧ୍ୟ କୁହାଯାଏ। ପରମ୍ପରା, ପୌରାଣିକ ତଥ୍ୟ ଉପରେ ଆଧାରିତ ଏବଂ ଔଷଧୀୟ ଗୁଣଥିବା ସ୍ୱାସ୍ଥ୍ୟକର ହଳଦୀ ପତ୍ରରେ ପ୍ରସ୍ତୁତ ଏଣ୍ଡୁରୀ ପିଠା ଖାଇବାର ସୁଯୋଗ ଆଣି ଦେଉଥିବା ଏହି ଲୋକପ୍ରିୟ ଓଡ଼ିଆ ପର୍ବ ବାସ୍ତବରେ ନିଆରା

ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




ସବୁବେଳେ ମନଖୁସିରେ ରହିବାକୁ ଚାହାଁନ୍ତି । ତା'ହେଲେ ମାଇଣ୍ଡଫୁଲ୍‌ନେସ ଆପଣାନ୍ତୁ । ଜାଣିବାକୁ ଚାହାଁନ୍ତି କି ମାଇଣ୍ଡଫୁଲ୍‌ନେସ୍ କ'ଣ? ଏହା ଆପଣଙ୍କୁ କେମିତି ଖୁସିରେ ରଖିବ? ପ୍ରକୃତରେ ମାଇଣ୍ଡଫୁଲ୍‌ନେସ୍ ଏକ ଥେରାପି ବା ଚିକିତ୍ସା ଯାହାଦ୍ୱାରା ଆମେ ନିଜ ଭିତରେ ଆମ ଆଖପାଖରେ ହେଉଥିବା ଘଟଣା ବା ପରିସ୍ଥିତି ପ୍ରତି ସଚେତନତା ସୃଷ୍ଟି କରିପାରିବେ । ଏହା ଏକପ୍ରକାର ଧ୍ୟାନ । ତେବେ କେବଳ ଫରକ ଏତିକି ଯେ ଏକ ନିର୍ଦ୍ଦିଷ୍ଟ ଅଲଗା ସମୟରେ ଧ୍ୟାନ କରିବାକୁ ଚେଷ୍ଟା କରିବା ବଦଳରେ ମାଇଣ୍ଡଫୁଲ୍‌ନେସ୍‌ରେ ଆମେ ଯେଉଁ ମୁହୂର୍ତ୍ତରେ ଯେଉଁଠି ଥାଏ ସେଠାରେ ପୂରା ଧ୍ୟାନ କରିବାକୁ ହୁଏ ଏବଂ ସେହି ମୁହୂର୍ତ୍ତକୁ ସମ୍ପୂର୍ଣ୍ଣ ଭାବରେ ଅନୁଭବ କରିବା ଓ ସେହି ମୁହୂର୍ତ୍ତରେ ବଞ୍ଚିବା ହୋଇଥାଏ ।



# ଅଭ୍ୟାସ ଦ୍ୱାରା ପାଇହେବ ଖୁସୀ



### ଏଥିରେ ଖୁସି ବଢ଼େ

ବିଶ୍ୱାସ କରାଯାଏ ମାଇଣ୍ଡଫୁଲନେସ୍ ଉପାୟ ନିୟମିତ ଭାବରେ ଅଭ୍ୟାସ କରି ଆମେ ଖୁସିରେ ରଖିବା ଶିଖିଯାଏ । ପ୍ରକୃତରେ ଏହା ଦ୍ୱାରା ଆମେ ବର୍ତ୍ତମାନ ମୁହୂର୍ତ୍ତରେ ଜଡ଼ିତ ହୋଇଯାଏ ଏବଂ ଏହାକୁ ସ୍ୱୀକାର କରିନିଏ । ଫଳରେ ଯଦି ଏମିତି ହୋଇଥାନ୍ତା, ସେମିତି ହୋଇଥାନ୍ତା ଇତ୍ୟାଦିର ଭୟ ଶେଷ ହୋଇଯାଏ ବା ଆମେ ଯେମିତି ଚାହିଁଥିଲେ ସେମିତି ହେଲାନି ବୋଲି ଚିନ୍ତା ମଧ୍ୟ ମନକୁ ଆସିଯାଏ । ଯେତେବେଳେ ଆମେ ସତ୍ୟକୁ ସ୍ୱୀକାର କରିନିଏ ସେତେବେଳେ ଖରାପ ପରିସ୍ଥିତି ମଧ୍ୟ ଆମକୁ ବିବ୍ରତ କରେ ନାହିଁ । ଆମେ ଗ୍ରହଣ କରିନିଏ ଯେ ଆମେ ଏହି ସ୍ଥିତିକୁ ବଦଳାଇ ପାରିବା ନାହିଁ କିନ୍ତୁ ନିଜର ପ୍ରତିକ୍ରିୟାକୁ ନିଶ୍ଚୟ ବଦଳାଇ ପାରିବା । ଏହାଦ୍ୱାରା ଧୀରେଧୀରେ ଆମେ ସବୁ ସ୍ଥିତିକୁ ସ୍ୱୀକାର କରିବା ଏବଂ ଏଥିରେ ଖୁସି ରହିବା ଶିଖିଯାଏ ।

### ମାଇଣ୍ଡଫୁଲନେସ୍‌ର ଉପାୟ

- ଶ୍ୱାସ ଉପରେ ଧ୍ୟାନଦେବା
- ଧ୍ୟାନ ଦେଇ ଶୁଣିବା
- ଧ୍ୟାନ ଦେଇ ଦେଖିବା
- ବିଚାର ଉପରେ ଧ୍ୟାନ ଦେବା
- ଶରୀରର ଅଳସ ଭାଙ୍ଗିବା ଉପରେ ଧ୍ୟାନ ଦେବା

### ମାଇଣ୍ଡଫୁଲ୍‌ନେସ୍‌ର ଲାଭ

- ଚାପରୁ ମୁକ୍ତି
- ସ୍ମରଣ ଶକ୍ତି ବୃଦ୍ଧି
- ଏକାଗ୍ରତା ବୃଦ୍ଧି
- ଭାବନାତ୍ମକ ସ୍ଥିରତା ବୃଦ୍ଧି
- ଶାନ୍ତି ଏବଂ ଖୁସିର ଅନୁଭବ ବଢ଼ିବା
- ହାଇପର-ଆକ୍ଟିଭିଟି (ଅତି ସକ୍ରିୟତା) କମ୍ ହେବା
- କ୍ରୋଧ କମ୍ ହେବା
- ପରସ୍ପରକୁ ବୁଝିବାର କ୍ଷମତା ବଢ଼ିବା
- ନିଷ୍ପତ୍ତି ନେବାର କ୍ଷମତା ବଢ଼ିବା
- ନିଦ ଭଲ ହେବା

### କେମିତି କରିବେ

ମାଇଣ୍ଡଫୁଲ୍‌ନେସ୍ ଥେରାପି ଅଭ୍ୟାସ କରିବା ଖୁବ୍ ସହଜ। ଆପଣ ଯେଉଁ ସମୟରେ ଯେଉଁଠି ଅଛନ୍ତି, ନିଜ ଧ୍ୟାନ ସଂପୂର୍ଣ୍ଣ ଭାବରେ ତାହାକୁ ହିଁ ଦିଅନ୍ତୁ । ତେବେ ଏହା ଜୀବନଶୈଳୀରେ ସାମିଲ କରିବା ପାଇଁ କିଛିଦିନ ଆପଣଙ୍କୁ ଔପଚାରିକ ଭାବରେ ଏହା ଅଭ୍ୟାସ କରିବାକୁ ହେବ ।



### ଶ୍ୱାସ ଉପରେ ଧ୍ୟାନ ଦେବା

ନିଜର ଧ୍ୟାନ ଶ୍ୱାସ ଉପରେ କେନ୍ଦ୍ରିତ କରନ୍ତୁ । ନିଜ ଭିତରକୁ ଯାଉଥିବା ଓ ଭିତରୁ ବାହାରକୁ ଯାଉଥିବା ଶ୍ୱାସକୁ ସହଜ ଭାବରେ ଅନୁଭବ କରନ୍ତୁ । ଶ୍ୱାସର ବଢ଼ିବା ଓ କମିବାକୁ ଅନୁଭବ କରନ୍ତୁ ଗୋଟିଏ ହାତ ପେଟ ଉପରେ ରଖନ୍ତୁ ଓ ଅନୁଭବ କରନ୍ତୁ ଯେତେବେଳେ ଶ୍ୱାସ ନେଉଛନ୍ତି ପେଟ ବାହାରକୁ ଆସୁଛି ଓ ଯେତେବେଳେ ଛାଡୁଛନ୍ତି ପେଟ ଭିତରକୁ ଯାଉଛି । ଏକଥା ମଧ୍ୟ ଲକ୍ଷ୍ୟ କରନ୍ତି ଶ୍ୱାସ ଗରମ ନା ଥଣ୍ଡା । ଯେତେବେଳେ ଶ୍ୱାସ ଉପରୁ ଧ୍ୟାନ ହଟୁଛି, ବିବ୍ରତ ହୁଅନ୍ତୁ ନାହିଁ, ଏହା ସମସ୍ତଙ୍କ ସହ ହୁଏ । ଆମ ମନ ଖୁବ୍ ଚଞ୍ଚଳ, ଗୋଟିଏ ସ୍ଥାନରେ ସ୍ଥିର ରୁହେନି । ମନ ଏପଟ ସେପଟ ହେବା ପରେ ପୁଣି ମନକୁ ଶ୍ୱାସ ଉପରେ କେନ୍ଦ୍ରିତ କରନ୍ତୁ । ନିଜ ଶ୍ୱାସ ପ୍ରତି ସଜାଗ ରୁହନ୍ତୁ ଏବଂ ଯେତେବେଳେ ବି ମନ ଏପଟ ସେପଟ ହେଉଛି ପୁଣି ଏହାକୁ ଶ୍ୱାସ ପାଖକୁ ଫେରାଇ ନିଅନ୍ତୁ । ଏମିତି କରିବା ସମୟରେ ସ୍ୱାଭାବିକ ଭାବରେ ଶ୍ୱାସ ନିଅନ୍ତୁ । ଗଭୀର ଶ୍ୱାସ ନୁହେଁ । ନାକ ତଳେ ଅଙ୍ଗୁଳି ରଖି ଶ୍ୱାସ ଶୀତଳ ନା ଉଷ୍ମ ଅନୁଭବ କରନ୍ତୁ । ଯଦି ଅନୁଭବ କରି ନପାରୁଛନ୍ତି ତେବେ ନିଜ ଉପରେ ଚାପ ଦିଅନ୍ତୁ ନାହିଁ । ପୁଣି ନିଜ ମନକୁ ଶ୍ୱାସ ଆଡକୁ ଫେରାନ୍ତୁ । ଧୀରେ ଧୀରେ ଶ୍ୱାସ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଶିଖିଯିବେ । ଏହା ଦ୍ୱାରା ଆମେ ନିଜ ମନକୁ ସ୍ଥିର କରିପାରିବା । ଏହାର ନିରନ୍ତର ଅଭ୍ୟାସ ଦ୍ୱାରା ନିଜର ଭାବନା ଓ ବିଚାର ମଧ୍ୟରେ ସନ୍ତୁଳନ ରକ୍ଷା କରିପାରିବା ଓ ଭାବନାତ୍ମକ ଭାବରେ ଦୃଢ଼ ହୋଇପାରିବା । ପ୍ରଥମେ ଦୈନିକ ୧୦ ମିନିଟ୍ ଏହି ଅଭ୍ୟାସ କରିନେବା ଦ୍ୱାରା କ୍ରମେ ଏହା ଆମ ଜୀବନଧାରାରେ ସାମିଲ ହୋଇଯିବ ।

### ଧ୍ୟାନ ଦେଇ ଶୁଣିବା

ଏହି ପ୍ରକ୍ରିୟା ସମୟ ନିଜର ଧ୍ୟାନ ନିଜ ଆଖପାଖରୁ ଆସୁଥିବା ଶବ୍ଦ ପ୍ରତି ନିଅନ୍ତୁ, ଯେପରିକି ପଙ୍ଖାର ଶବ୍ଦ, ଟ୍ରାଫିକ୍‌ର ଶବ୍ଦ, କେହି କଥାବାର୍ତ୍ତା କରୁଥିବାର ଶବ୍ଦ କିମ୍ବା ନିଜ ଆଖପାଖର କୌଣସି ଶବ୍ଦ । ଦେଖନ୍ତୁ କି କି ପ୍ରକାର ଶବ୍ଦ ଆସୁଛି । କେଉଁଟା ଜୋର୍ କେଉଁଟା ଧିମା । କେଉଁ ଶବ୍ଦ କେଉଁ ଦିଗରୁ ଆସୁଛି? କେଉଁ ଶବ୍ଦ ନିରନ୍ତର ଆସୁଛି, କେଉଁଟି ରହି ରହି ଆସୁଛି ଇତ୍ୟାଦି । ଏହି ଅଭ୍ୟାସ କରିବା ସମୟରେ ମନରେ କୌଣସି ପୂର୍ବଧାରଣା ରଖନ୍ତୁ ନାହିଁ କିମ୍ବା କୌଣସି ପ୍ରକାର ରାୟ ରଖନ୍ତୁ ନାହିଁ । ଏହା ଚିନ୍ତା କରନ୍ତୁ ନାହିଁ ଯେ ଏ ଶବ୍ଦ ନଥିଲେ କେତେ ଭଲ ହୋଇଥାନ୍ତା । ସବୁପ୍ରକାର ଶବ୍ଦକୁ ସ୍ୱୀକାର କରନ୍ତୁ । କେବଳ ଶବ୍ଦ ଉପରେ ହିଁ ଧ୍ୟାନ କେନ୍ଦ୍ରିତ କରନ୍ତୁ । ଏହି ଅଭ୍ୟାସ କରିବା ସମୟରେ ମନ ବିଚଳିତ ହେଲେ ଏହାକୁ ପୁଣି ଶବ୍ଦ ଶୁଣିବା ପାଇଁ ଫେରାଇ ଆଣନ୍ତୁ ।

ଯଦି ମନ ବାରମ୍ବାର ଭିନ୍ନ ଭିନ୍ନ ଶବ୍ଦ ଆଡକୁ ଯାଉଛି ତେବେ ବ୍ୟସ୍ତ ହୁଅନ୍ତୁନି, କିମ୍ବା ନିଜକୁ କୌଣସି ନିର୍ଦ୍ଦିଷ୍ଟ ଶବ୍ଦରେ ବାନ୍ଧିବାକୁ ଚେଷ୍ଟା କରନ୍ତୁ ନାହିଁ । ଏଥିରୁ ଏହି ଲାଭ ହେବ ଯେ ଆମେ ଆଖପାଖର ଶବ୍ଦ ଉପରେ ଧ୍ୟାନ ଦେଲେ ବର୍ତ୍ତମାନର ସ୍ଥିତି ପ୍ରତି ସଜାଗ ହୋଇଯିବା ଏବଂ ନିରନ୍ତର ଏହି ଅଭ୍ୟାସ କରିବା ଦ୍ୱାରା ନିଜ ମସ୍ତିଷ୍କର ଏକାଗ୍ରତା ସୃଷ୍ଟିକାରୀ ଅଂଶକୁ ମଧ୍ୟ ତାଲିମ ଦେଇପାରିବା । ଏହା ଯେକୌଣସି କାମକୁ ଉନ୍ନତ ଭାବରେ କରିବା ପାଇଁ ଆମେ ଦକ୍ଷ ହୋଇପାରିବା । ଉନ୍ନତ କାମ ଆମକୁ ସମାଲୋଚନା ଦୁଃଖରୁ ରକ୍ଷା କରେ, ସନ୍ତୋଷ ଓ ଖୁସି ଦିଏ ।



### ଧ୍ୟାନ ଦେଇ ଦେଖନ୍ତୁ

ଏହାର ଅର୍ଥ ଆମେ ଯାହା ଦେଖୁ ତା'ର ଅସଲ ରୂପ ଦେଖିବା । ନିଜ ଆଖପାଖରେ ଦେଖନ୍ତୁ, କ'ଣ କ'ଣ ଦେଖାଯାଉଛି । ଗୋଟିକ ପରେ ଗୋଟିଏ ଜିନିଷକୁ ଧ୍ୟାନ ଦେଇ ଦେଖନ୍ତୁ । ଜିନିଷର ରଙ୍ଗ ଓ ଆକାର ଦେଖନ୍ତୁ । ତାହା କୋମଳ ନା ଟାଣ, ଖଦଡ଼ା ନା ଚିକ୍କଣ ଦେଖନ୍ତୁ । ସାଧାରଣତଃ ଆମେ ଯାହା ଦେଖୁ ସେ ନେଇ ଆମ ମନରେ ପୂର୍ବ ଧାରଣା ଥାଏ ଓ ଦେଖିବା ମାତ୍ରେ ଭୁଲ୍ ଓ ଠିକ୍‌ର ନିଷ୍ପତ୍ତି ନେଉ । କିନ୍ତୁ ଏପରି କରନ୍ତୁ ନାହିଁ । ଭଲ ମନ୍ଦ ବିଚାର ନକରି ସହଜ ଭାବରେ ଏହା ଦେଖନ୍ତୁ । ଅଧିକାଂଶ ସମୟରେ କୌଣସି ଜିନିଷର ଆମେ କୌଣସି ଜିନିଷର ସବୁ ପକ୍ଷକୁ ଦେଖି ହୁଏନି କିନ୍ତୁ ଧ୍ୟାନ ଦେଇ ଦେଖିଲେ ଏହାର ସବୁ ପକ୍ଷକୁ ଦେଖିପାରେ । ନିଜ ମନକୁ ଜବରଦସ୍ତି କୌଣସି ଜିନିଷ ଉପରେ କେନ୍ଦ୍ରିତ କରନ୍ତୁ ନାହିଁ । ସହଜରେ ଯାହା ଦେଖିପାରନ୍ତି ତାହା ଦେଖନ୍ତୁ । ଯେତେବେଳେ ଆମେ କୌଣସି ଜିନିଷର ସବୁ ପକ୍ଷକୁ ଦେଖିବା ସେତେବେଳେ ଆମେ ଅଜାଣତରେ ହେଉଥିବା ଭୁଲ୍‌ରୁ ରକ୍ଷା ପାଇଥାଏ । ଯେତେବେଳେ ଆମେ କୌଣସି ସମସ୍ୟାକୁ ସମଗ୍ର ଭାବରେ ଦେଖେ ସେତେବେଳେ ସମାଧାନର ରାସ୍ତା ବି ବାହାରେ ଏହା ଆମକୁ ଖୁସି ଦିଏ ।



### ବିଚାର ଉପରେ ଧ୍ୟାନ ଦେବା

ଆମ ମନ ଖୁବ୍ ଚଞ୍ଚଳ । ଏହାକୁ ଗୋଟିଏ ସ୍ଥାନରେ ସ୍ଥିର କରି ରଖିବା କଷ୍ଟକର । କିନ୍ତୁ ଆପଣଙ୍କୁ ଏହାହିଁ କରିବାକୁ ହେବ । ନିଜ ମନରେ ଆସୁଥିବା ବିଭିନ୍ନ ବିଚାର ଉପରେ ଧ୍ୟାନ ଦିଅନ୍ତୁ । ଏହି ଅଭ୍ୟାସ ସମୟରେ ଆମେ ଅନୁଭବ କରିବା ଯେ ଆମ ମନ ଗୋଟିଏ ମୁହୂର୍ତ୍ତ ବି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରୁହେନାହିଁ ଏବଂ ପ୍ରତି ମୁହୂର୍ତ୍ତରେ ନାନାପ୍ରକାର ବିଚାର ଆସେ । ମନରେ ଆସୁଥିବା ବିଚାରକୁ ଆସିବାକୁ ଏବଂ ଯିବାକୁ ଦିଅନ୍ତୁ । ଏହାକୁ ଜବରଦସ୍ତି ଅଟକାନ୍ତୁ ନାହିଁ କିମ୍ବା ମନରେ ଭୁଲ୍‌ଠିକ୍‌ର ଭାବନା ରଖନ୍ତୁ ନାହିଁ । ଯଦି ମନ ଏସବୁ ମଧ୍ୟରେ ଲାଗିରହେ ତେବେ ପୁନଶ୍ଚ ନିଜର ଧ୍ୟାନ ଶ୍ୱାସ ଉପରେ ଲଗାନ୍ତୁ । ମନ ଉପରେ ଜବରଦସ୍ତି କୌଣସି ବିଚାର ଲଦନ୍ତୁ ନାହିଁ ଏବଂ ଏ ନେଇ କୌଣସି ମତାମତ ରଖନ୍ତୁ ନାହିଁ, ସକାରାତ୍ମକ ବିଚାର ମଧ୍ୟ ନୁହେଁ । ଲଗାତାର ଏହି ଅଭ୍ୟାସ କରିବା ଦ୍ୱାରା ମନରେ ଆସୁଥିବା ବିଚାର କିଛି ସମୟ ଭିତରେ ମନରେ ହିଁ ସ୍ଥିର ହୋଇଯିବ । ଏହାଦ୍ୱାରା ଆପଣ ନକାରାତ୍ମକ ଚିନ୍ତାଧାରାରୁ ଦୂରରେ ରହିବାରେ ସଫଳ ହେବେ ଏବଂ ଆପଣଙ୍କୁ



ଖୁସି ମିଳିବ ।

### ଅଳସ ଭାଙ୍ଗନ୍ତୁ

ଛିଡ଼ା ହୋଇ ହାତକୁ ଉପର ଆଡ଼କୁ ଟାଣନ୍ତୁ । ଯଦି ଚେୟାରରେ ବସିଛନ୍ତି ତେବେ ସେହି ବସିବା ଅବସ୍ଥାରେ ହିଁ ହାତ ଟେକି ଟାଣି ହୁଅନ୍ତୁ । ଆଙ୍ଗୁଠିରୁ କାନ୍ଧ ପର୍ଯ୍ୟନ୍ତ କ୍ରମଶଃ ଧ୍ୟାନ ଦିଅନ୍ତୁ । ଏହାପରେ ଚଟାଣରେ ବସି ଗୋଡ଼କୁ ସାମ୍ନା ଆଡକୁ ଲମ୍ବାନ୍ତୁ । ଏହାପରେ ଗୋଡ଼ର ପଞ୍ଝାକୁ ଟାଣନ୍ତୁ ଏବଂ ସମୁଦାୟ ପାଦ ଉପରେ ଧ୍ୟାନ ଦିଅନ୍ତୁ ।

ଏହି ଅଭ୍ୟାସ ତରବରିଆ ଭାବରେ କରନ୍ତୁ ନାହିଁ । ଗୋଟିଏ ପରେ ଗୋଟିଏ ହାତ ଓ ଗୋଡ଼ ଉପରେ ଧ୍ୟାନ ଦିଅନ୍ତି । ହାତ ଓ ପାଦକୁ ଟାଣି ଲମ୍ବା କରିବା ଦ୍ୱାରା ଶରୀର ସ୍ଫୂର୍ତ୍ତି ଅନୁଭବ କରେ । ଶରୀରର ସ୍ଫୂର୍ତ୍ତି ଓ ସ୍ଥିର ମନ ସଫଳତା ଦେବାରେ ସହାଯ୍ୟ କରିବ । ଏଥିରେ ଜୀବନରେ ଖୁସି ଆସିବ ।




ଏ ସବୁ ଅଭ୍ୟାସ ପାଇଁ ଅତି କମ୍‌ରେ ୧୦ ମିନିଟ୍ ଲେଖାଏଁ ସମୟ ଦିଅନ୍ତୁ । ଶେଷରେ ଦୁଇ ମିନିଟ୍ ପର୍ଯ୍ୟନ୍ତ କେବଳ ଶାନ୍ତ ଭାବରେ ବସନ୍ତୁ । ଯେମିତି ଚାହାନ୍ତି ଆଖି ଖୋଲା କିମ୍ବା ବନ୍ଦ ରଖନ୍ତୁ । ଆଖି ଖୋଲା ରଖି ତଳକୁ ମଧ୍ୟ ଦେଖିପାରିବେ । ଏ ସମୟରେ କିଛି ଚିନ୍ତା କରନ୍ତୁ ନାହିଁ । ଶ୍ୱାସ ମଧ୍ୟ ଏକଦମ୍ ସ୍ୱାଭାବିକ ରଖନ୍ତୁ । ଏହି ଅବଧି ଆପଣଙ୍କୁ ସ୍ୱାଭାବିକ ସ୍ଥିତିକୁ ଫେରାଇବାରେ ସାହାଯ୍ୟ କରିବ । ଯଦି ସମୟ ନାହିଁ ତେବେ ଏ ମଧ୍ୟରୁ ଯେକୌଣସିଟି ମଧ୍ୟ କିଛି ସମୟ ପାଇଁ କରିପାରିବେ ।

ମାଇଣ୍ଡଫୁଲ୍‌ନେସ୍‌ର ଏହି ଅବଧାରଣା ଆସିଛି ବୌଦ୍ଧ ଦର୍ଶନରୁ । ଜେନ୍ ବୌଦ୍ଧ ଦର୍ଶନର ଅନ୍ୟତମ ଯୋଗୀ ବୌଦ୍ଧ ସନ୍ନ୍ୟାସୀ ଥିଚ୍ ନାତ ହାନ୍ ଏହି ମାନସିକ ଚିକିତ୍ସା ପଦ୍ଧତିର ଜନକ । ଭିଏତ୍‌ନାମର ଏହି ବୌଦ୍ଧ ସନ୍ନ୍ୟାସୀ ମାଇଣ୍ଡଫୁଲ୍‌ନେସ୍‌କୁ ପାଶ୍ଚାତ୍ୟ ଦେଶରେ ଲୋକପ୍ରିୟ କରାଇଥିଲେ । ୧୯୭୦ ମଧ୍ୟଭାଗରେ ସେ ମାଇଣ୍ଡଫୁଲ୍‌ନେସ୍ ଶିକ୍ଷା ଆରମ୍ଭ କଲେ । ଏହା ସାରା ବିଶ୍ୱରେ ବିଶେଷ କରି ପାଶ୍ଚାତ୍ୟ ଦେଶରେ ଲୋକପ୍ରିୟ ହେବାର ମୁଖ୍ୟ କାରକ ଥିଲା ତାଙ୍କ ଲିଖିତ ପୁସ୍ତକ ଦି' ମିରାକିଲ୍ ଅଫ୍ ମାଇଣ୍ଡଫୁଲ୍‌ନେସ୍ । ତାଙ୍କ ଶିକ୍ଷା ଅନୁଯାୟୀ ମାଇଣ୍ଡଫୁଲନେସ୍ ପାଇଁ କୌଣସି ବିଶେଷ କାର୍ଯ୍ୟ କରିବାକୁ ହେବ ନାହିଁ । ସାଧାରଣ ଜୀବନରେ ମଧ୍ୟ ଆମେ ଏହା ହାସଲ କରିପାରିବା । ଆମେ ଯେଉଁ କାମ ଯେଉଁ ସମୟରେ କରୁଛୁ କେବଳ ତାହାରି ଉପରେ ହିଁ ଧ୍ୟାନ କେନ୍ଦ୍ରିତ କରିବା । ଏହା ଶାନ୍ତି, ଖୁସି, ଆନନ୍ଦ ଏବଂ ପ୍ରକୃତ ପ୍ରେମ ଦେବ । ପ୍ରତ୍ୟେକ ମୁହୂର୍ତ୍ତରେ ହିଁ ବଞ୍ଚିବା ମଣିଷକୁ ପ୍ରକୃତ ଖୁସି ଦେଇପାରିବ । ହାନ୍‌ଙ୍କ ମାଇଣ୍ଡଫୁଲ୍‌ନେସ୍ ଥେରାପି ସଂସାରରୁ ଅଲଗା ହେବା ପାଇଁ ଶିକ୍ଷା ଦିଏ ନାହିଁ । ତାଙ୍କର ମତ ଏହି ଅଭ୍ୟାସ ଜଣକୁ ସହୃଦୟତାରେ ଭରପୂର କରିଦେବ । ଏକଦା ଆମେରିକାରେ ଗୋଟିଏ ଛୋଟ ଝିଅ ତାଙ୍କୁ ପଚାରିଥିଲା ଖୁବ୍ ନିକଟରେ ମୁଁ ମୋର ଏକମାତ୍ର ବନ୍ଧୁ ପୋଷାକୁକୁରକୁ ହରାଇଛି । ସେ ଦୁଃଖରୁ ମୁଁ କେମିତି ମୁକ୍ତ ହୋଇପାରିବି । ହାନ୍ ଉପଦେଶ ଦେଇଥିଲେ– ଆକାଶ ଆଡକୁ ଦେଖ, ଗୋଟିଏ ମେଘ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ତାକୁ ଲକ୍ଷ୍ୟ କର । ଏହି ମେଘ ମୃତ୍ୟୁବରଣ କରିନି ଏହା କେଉଁଠି ବର୍ଷା ହୋଇ ଝରିଛି । ସେମିତି କୁକୁରଟି ମଧ୍ୟ ଏ ଦୁନିଆରେ ଆଉ ଏକ ରୂପରେ ରହିଛି ।



---

**ମୋ**ବାଇଲ ଜନିତ ରେଡ଼ିଏସନ (ଇଏମ୍‌ଆର)ରୁ ଶ୍ରବଣ ସମସ୍ୟା ସମ୍ବନ୍ଧରେ ଆମେ ସମସ୍ତେ ଊଣାଅଧିକେ ଜାଣିଛନ୍ତି । ଏହାଛଡ଼ା ଇୟର ଫୋନ ଦେଇ ଲମ୍ବା ସମୟ ଧରି ଗୀତ ଶୁଣିବାର କାନ ଉପରେ ଖରାପ ପ୍ରଭାବ ବିଷୟରେ ଆମେ ମଧ୍ୟ ଜାଣନ୍ତି । ଫଳରେ ତା'ପାଇଁ ଆମେ ଯଥା ସମ୍ଭବ ଯତ୍ନବାନ ଅଛନ୍ତି । କିଛିଦିନ ତଳେ ମୋତେ ଜଣେ ଭଦ୍ରଲୋକ ଇୟର ବର୍ଡର ଅପକାରିତା ବିଷୟରେ ମୋତେ ପ୍ରଶ୍ନ କଲେ । ତା'ର ଉତ୍ତର ହେଲା କାନରେ ମୋବାଇଲ ଲଗାଇ କଥା ହେବା ଯାହା ଇୟର ବର୍ଡ ଲଗାଇ କଥା ହେବା ତାହା । ଅର୍ଥାତ୍ ଇୟର ବଡ୍ ଏକ ବ୍ଲୁଟୁଥ୍ ଡିଭାଇସ ହୋଇଥିବାରୁ ରେଡ଼ିଓ ଫ୍ରିକ୍ୟୁଏନ୍ସି ମାଧ୍ୟମରେ ଏହା ସଙ୍କେତ ପ୍ରେରଣ କରିଥାଏ। ଫଳରେ ମଣିଷ ଶରୀରର ମୁଖ୍ୟତଃ କାନ ଉପରେ ଏହାର କୁପ୍ରଭାବ ପଡ଼ିଥାଏ। ଆଗରୁ ଏକ ଧାରଣା ଥିଲା ଯେ ଇୟର ଫୋନ ମାଧ୍ୟମରେ କଥା ହେଲେ କୌଣସି ଅସୁବିଧା ହୁଏନାହିଁ। ମାତ୍ର ଆଜିକାଲି ତାହା ଭୁଲ ପ୍ରମାଣିତ ହୋଇସାରିଛି। ନ୍ୟୁରୋ ଫିଜିଓଲୋଜିକାଲ ଗବେଷଣାରୁ ପ୍ରମାଣିତ ହୋଇସାରିଲାଣି ଯେ ଇୟର ଫୋନ ଦ୍ୱାରା କଥା ହେଲେ ସାଧାରଣତଃ ତିନିଗୁଣ ଅଧିକ ପ୍ରଭାବ କାନ ଏବଂ ଶରୀର ଉପରେ ପଡ଼ିଥାଏ। କାରଣ ମୋବାଇଲ ଆମ ଅଣ୍ଟା ବା ପକେଟ୍‌ରେ ଥିବାବେଳେ ତାର ବା କର୍ଡ଼ ଆମ ଦେହରେ ଲାଗିକରି ଥାଏ ଏବଂ ସ୍ପିକର କାନରେ ଲାଗିଥାଏ। ଫଳରେ ସମ୍ପୂର୍ଣ୍ଣ ଶରୀର ଉପରେ ଏହାର ପ୍ରଭାବ ପଡ଼ିଥାଏ। ତେଣୁ ଆମେ ମନେରଖିବା ଉଚିତ ଯେ ମୋବାଇଲର ଯେ କୌଣସି ଅଂଶ ବିଶେଷର ଶରୀର ଉପରେ ପ୍ରଭାବ ଅଛି। ମାତ୍ର ଏହା ଅନୁଭୂତ ନ ହେବାର କାରଣ ହେଲା ବ୍ୟବହୃତ ସମୟର ମାତ୍ରା। ପରୀକ୍ଷାରୁ ଜଣାପଡ଼ିଛି ଯେ ୩୦ମିନିଟରୁ ଅଧିକ ସମୟ



# ମୋବାଇଲଜନିତ ଶ୍ରବଣ ହାନୀ

ମୋବାଇଲରେ କଥା ହେଲେ ଅନ୍ତଃକର୍ଣ୍ଣ ପ୍ରଭାବିତ ହୋଇଥାଏ। ଦିନକୁ ଥରେ ୩୦ ମିନିଟ ବ୍ୟବହାର କଲେ ମଧ୍ୟ ଅସୁବିଧା ହୁଏ। ମହିଳା ଏବଂ ପିଲାମାନେ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି। ଏହି ତରଙ୍ଗ ବା ରେଡ଼ିଏସନ୍ ହାଡ଼ ଅପେକ୍ଷା ମାଂସପେଶୀଙ୍କୁ ଅଧିକ ପ୍ରଭାବିତ କରିଥାଏ। ଏହାଛଡ଼ା ରେଡ଼ିଏସନର ତୀବ୍ରତା ଅନ୍ତର୍ଜାତୀୟ ମାନକ ଠାରୁ ଅଧିକ ହେଲେ ମଧ୍ୟ ଅସୁବିଧା ହୁଏ। ନବେ ଦଶକରେ ଏହି ମାନକ କିଲୋଗ୍ରାମ ପ୍ରତି ୧.୬ୱାଟ୍ ମଧ୍ୟରେ ରହିବା ଉଚିତ ବୋଲି ଧାର୍ଯ୍ୟ କରାଯାଇଥିଲେ ବି କେତେକ କମ୍ପାନୀ ଏହି ମାନକ ଠାରୁ ଅଧିକ ମାତ୍ରାର ତରଙ୍ଗ ବ୍ୟବହାର କରିଥାନ୍ତି । ତେଣୁ ମୋବାଇଲ କିଣିଲା ବେଳେ ବୁଝି ବିଚାରି କିଣିବା ଉଚିତ।

ଥରେ ମୋ ପାଖକୁ ଜଣେ ଭଦ୍ର ମହିଳା କାନ ପରୀକ୍ଷା କରିବାକୁ ଆସିଲେ। ପରୀକ୍ଷାରୁ ଜଣାପଡ଼ିଲା ତାଙ୍କର କାନ ରେଡ଼ିଓ ଫ୍ରିକ୍ୟୁଏନ୍ସି ବା ମୋବାଇଲର ପ୍ରଭାବରୁ କ୍ଷତିଗ୍ରସ୍ତ ହୋଇଛି ବୋଲି। ଘରେ ତାଙ୍କର ଗୋଟିଏ ମୋବାଇଲ, ଯାହା ତାଙ୍କ ସ୍ୱାମୀ ବ୍ୟବହାର କରନ୍ତି। ପଚାରିବାରୁ ଜଣାପଡ଼ିଲା ସ୍ୱାମୀ କାମରୁ ଫେରିଲା ପରେ ତାଙ୍କୁ ଖାଇବାକୁ ଦେଇସାରି ମହିଳା ଜଣଙ୍କ ତାଙ୍କ ମାଆ ସହ ଅଧଘଣ୍ଟାରୁ ଅଧିକ ସମୟ ମୋବାଇଲରେ କଥା ହେବା ଦ୍ୱାରା କାନର ସ୍ନାୟୁ ଦୁର୍ବଳ ହୋଇଯାଇଛି। ଆଉଥରେ ଜଣେ ପଚାଶ ବର୍ଷୀୟ ଭଦ୍ରଲୋକ ପ୍ରାୟ ୭୫ପ୍ରତିଶତ ସ୍ନାୟୁଗତ ଶ୍ରବଣ ଶକ୍ତି ହରାଇ ହସ୍ପିଟାଲରେ ପହଞ୍ଚିଲେ। ଶ୍ରବଣ ପରୀକ୍ଷା କରାଇ ପଚାରିବାରୁ ଜଣାପଡ଼ିଲା ପୂର୍ବରାତିରେ ସେ ଉଭୟ କାନରେ ଇୟର ଫୋନ ଦେଇ ଗୀତ



ଶୁଣୁଥିବାବେଳେ ଶୋଇପଡ଼ିଥିଲେ। ଫଳରେ ଏହି ଦଶା। ଅବଶ୍ୟ ଚିକିତ୍ସା ଦ୍ୱାରା ତାଙ୍କର ଶ୍ରବଣ ଶକ୍ତି ସେ ଫେରିପାଇଲେ। ଆଉ ଏକ ଉଦାହରଣ ଦେଇ ମୁଁ କହିବାକୁ ଚାହିଁବି ଯେ ବାରମ୍ବାର ବ୍ୟବହାର ଦ୍ୱାରା ମଧ୍ୟ ଶ୍ରବଣ ସ୍ନାୟୁ କ୍ଷତିଗ୍ରସ୍ତ ହୋଇଥାଏ। ଏହାର ଏକ ନିଚ୍ଛକ ଉଦାହରଣ ହେଉଛି ଆଜିର ଯୁବପିଢ଼ିମାନଙ୍କର ସ୍ମୃତିଶକ୍ତି। ପାଞ୍ଚବର୍ଷ ପୂର୍ବରୁ ଯେଉଁ ଯୁବକମାନେ ଚାକିରୀ ବା ପାଠପଢ଼ିବା ଉଦ୍ଦେଶ୍ୟରେ କାନର ଫିଟନେସ ପାଇଁ ମୋ ହସ୍ପିଟାଲକୁ ଆସୁଥିଲେ ପ୍ରାୟ ସେ ସମସ୍ତଙ୍କର ଶ୍ରବଣ ଶକ୍ତି ଠିକ ରହୁଥିଲା। ମାତ୍ର ଗତ ପାଞ୍ଚ ବର୍ଷ ଭିତରେ ଯେଉଁମାନେ ଫିଟ୍‌ନେସ ପାଇଁ ଆସିଛନ୍ତି ତାଙ୍କର ଶୁଣିବାରେ ପ୍ରାୟ କିଛି ନା କିଛି ବ୍ୟତିକ୍ରମ ରହୁଛି। ଏହାର କାରଣ ବାରମ୍ବାର ମୋବାଇଲ ବ୍ୟବହାର ବ୍ୟତୀତ ଆଉ କିଛି ନୁହେଁ। ଏହି ଯୁବକମାନେ ଆସନ୍ତା ବର୍ଷ ମାନଙ୍କରେ ଅଧିକରୁ ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି।



ଏଥର ଆସନ୍ତୁ ନିସ୍ତାର ପାଇବା ପାଇଁ କିଛି ନିୟମ ଅନୁସରଣ କରିବା। ପ୍ରଥମତଃ ମୋବାଇଲ କିଣିଲା ବେଳେ ଭଲ ଓ ଉତ୍କୃଷ୍ଟ ମାନକ ଥିବା କମ୍ପାନୀର ମୋବାଇଲ କିଣିବେ। ଶୁଣିବା ବେଳେ ଆମ ଶରୀର ଠାରୁ ମୋବାଇଲର ଦୂରତା ଅତିକମ୍‌ରେ ୧୦ଇଞ୍ଚ ରହିବା ଉଚିତ। ସ୍ପିକର ଫୋନ ଦେଇ ଶୁଣିଲେ ଭଲ। ଆଜିକାଲି ଏକ ପାଇପ ଇୟର ଫୋନ ବଜାରକୁ ଆସିଲାଣି ଯାହାଦ୍ୱାରା ରିଡ଼ିଏସନ ହୁଏନାହିଁ। ଏଠାରେ ମୋବାଇଲ ସିଗ୍‌ନାଲ୍ ଏକ ତାର ଦେଇ ରିସିଭରକୁ ଯାଏ। ସେଠାରୁ ରିସିଭରର ଶବ୍ଦ ତରଙ୍ଗ ଦୁଇଟି ସିଲିକନ ଟ୍ୟୁବ୍ ବା ପାଇପ ଦେଇ ଦୁଇକାନକୁ ଯାଇଥାଏ। ଆମ ଶ୍ରବଣ ଶକ୍ତିର ଅବକ୍ଷୟ ରୋକିବା ପାଇଁ ଏହାକୁ ବ୍ୟବହାର କରିବା ସଙ୍ଗେ ସଙ୍ଗେ ଅଧିକ ସମୟ ଧରି ଏହାକୁ ନଲଗାଇ ୬୦ ଡେସିବେଲ ମଧ୍ୟରେ ଭଲ୍ୟୁମ ରଖି ଅତି ହେଲେ ୬୦ ମିନିଟ ପର୍ଯ୍ୟନ୍ତ ଶୁଣିଲେ କୌଣସି କ୍ଷତି ହୁଏନାହିଁ। ତେଣୁ ଉପରୋକ୍ତ ବିଚାର ଆଲୋଚନାରୁ ଆମେ ଏହି ସିଦ୍ଧାନ୍ତରେ ପହଞ୍ଚିପାରିବା ଯେ ଯେତେ ଦୂର ସମ୍ଭବ ମୋବାଇଲ ବାର୍ତ୍ତାଳାପ ଠାରୁ ଆମେ ନିଜକୁ ଦୂରେଇ ରଖିବା ଆମ ପାଇଁ ତାହା ସେତେ ଭଲ।


**ନାରାୟଣ ଚନ୍ଦ୍ର ବିଶ୍ୱାଳ**
*ମୋ. ୯୪୩୮୨୭୬୭୬୦*






ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୨ ନଭେମ୍ବର ୨୦୨୫ । ବୁଧବାର

## ପ୍ରଥମ ମହିଳା ତହସିଲଦାରଙ୍କ ଯୋଗଦାନ

**ଆଳି,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ତହସିଲରେ ସୋମବାର ନୂତନ ତହସିଲଦାର ଯୋଗ ଦେଇଛନ୍ତି । ଅକ୍ଟୋବର ମାସରୁ ଆଳି ତହସିଲଦାରଙ୍କ ବଦଳି ହୋଇଯାଇଥିଲେ ମଧ୍ୟ ଆଳିର ବିଡ଼ିଓ ଅତିରିକ୍ତ ଦାୟିତ୍ୱରେ ଥିଲେ ମଧ୍ୟ ଅତିରିକ୍ତ ତହସିଲଦାର ମାନସ କୁମାର ସ୍ୱାଇଁ କାର୍ଯ୍ୟ ତୁଲାଉ ଥିଲେ। ସୋମବାର ଆଳିରେ ନୂତନ ମହିଳା ତହସିଲଦାର ଯୋଗଦାନ କରିଛନ୍ତି। ଆଳିର ପୂର୍ବତନ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କ ବଦଳି ପରେ ଖାଲି ପଡ଼ିଥିବା ପଦବୀରେ ସୋମବାର ଅପରାହ୍ନରେ ଜଣେ ନୂତନ ମହିଳା ତହସିଲଦାର କାର୍ଯ୍ୟରେ ଯୋଗଦେଇଛନ୍ତି। ଭଞ୍ଜନଗର ଜିଲ୍ଲା ମୁଖ୍ୟାଳୟରେ ଡେପୁଟି କଲେକ୍ଟର ଦାୟିତ୍ୱରେ ଥିବା ସୁମନ ଘୋଷଙ୍କୁ ଆଳି ତହସିଲଦାର ଭାବେ ଅବସ୍ଥାପିତ କରାଯାଇଛି। ଆଳିର ପ୍ରଥମ ମହିଳା ତହସିଲଦାର ଭାବେ ସୁମନ ଘୋଷ ଆଳି ତହସିଲ କାର୍ଯ୍ୟାଳୟରେ ଦାୟିତ୍ୱ ଭାର ଗ୍ରହଣ କଲା ପରେ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଆଳି ବାର ଆସୋସିଏସନର କର୍ମକର୍ତ୍ତାମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ ୨୦୨୨ ବ୍ୟାଚର ଟେନିଂ ଭାବରେ ସାଧାରଣ ନିର୍ବାଚନରେ ସେ କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟ କରିଥିଲେ।

## ସାଂସଦଙ୍କ ଓକିଲ ସଂଘ କାର୍ଯ୍ୟାଳୟ ପରିଦର୍ଶନ

**କେନ୍ଦ୍ରାପଡା,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସାଂସଦଙ୍କୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲା ଓକିଲ ସଂଘର ସଭାପତି ଗୋବର୍ଦ୍ଧନ ରାଉତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଓକିଲ ସଂଘର ପକ୍ଷରୁ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା । ଏକ ସଦୃଶ୍ୟ କନ୍‌ଫରେନସ୍ ହଲ୍ ଓ ଇ-ଲାଇବ୍ରେରୀ, ପୁରୁଣା କୋର୍ଟରେ କାର୍ଯ୍ୟରତ ମୋହରି ଓକିଲ ଓ ମହକିଲଙ୍କ ପାଇଁ ପାନୀୟ ଜଳ, ପରିସ୍ରାଗାରା, ଶୌଚାଳୟ, ଏକ ଜେନେରେଟର ପାଇଁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଥିଲା । ଏଥିସହିତ କେନ୍ଦ୍ରାପଡା ଜନସାଧାରଣଙ୍କୁ ଦୃଷ୍ଟିରେ ରଖି ଜିଲ୍ଲା ଓକିଲ ସଂଘ କେନ୍ଦ୍ରାପଡା ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ସାଂସଦ ଶ୍ରୀପଣ୍ଡା ସହୃଦୟତାର ସହିତ ଏଦିଗରେ ଦ୍ରୁତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ରଖିଥିଲେ। ଉକ୍ତ ସଭାରେ ଓକିଲ ସଂଘର ସଂପାଦକ ନୃସିଂହ ଚରଣ ରାଉତ, ସହସମ୍ପାଦକ ବିନୋଦ କୁମାର ବେହେରା, ଉପସଭାପତି ହାଡିବନ୍ଧୁ ସିଂହ, କୋଷାଧ୍ୟକ୍ଷ ବିଭୂତିଭୂଷଣ କର, ହରି ପ୍ରସାଦ କର, ରେଣୁବାଳା ସାମଲ, ମମତାମୟୀ ସାମଲ, ବରିଷ୍ଠ ଆଇନଜୀବୀ ଧ୍ରୁବଚରଣ ଜେନା, ଭୀମସେନ ଭୂୟାଁ, ସରୋଜରାଜ ସିଂହ, ଆଶୁତୋଷ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଆଇନଜୀବୀ ଦୁର୍ଯ୍ୟୋଧନ ସାହୁ, ନେହେରୁ କୁମାର ସାହୁ, ଭାବଗ୍ରାହୀ ପତି, ଗୌରପ୍ରସାଦ ପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଶାନ୍ତିସ୍ୱରୂପ ଭୂୟାଁ ସମେତ ଆଇନଜୀବୀ ମତ ରଖିଥିଲେ । ସାଂସଦଙ୍କ ସହିତ ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର କୁମାର ପଣ୍ଡା, ସେକ୍ ସଲିମ, ପ୍ରତାପ ଚନ୍ଦ୍ର ଦାସ, ସଂଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ବର୍ଣ୍ଣବୋଧ ବଣ୍ଟନ

**ରାଜନଗର,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ବନ୍ଧପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡ ଫିରିକଦାଣ୍ଡି ପ୍ରାଥମିକ ବିଦ୍ୟାଳୟ ଓ ଫିରିକଦାଣ୍ଡି ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ତରଫରୁ ବର୍ଣ୍ଣବୋଧ ବଣ୍ଟନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ରଙ୍ଗାଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନଗରର ପ୍ରାକ୍ତନ ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ ମଧୁସୂଦନ ରାଓଙ୍କ ଲିଖିତ ଏ ବର୍ଣ୍ଣବୋଧକୁ ମୋର ପୂଜ୍ୟ ପିତା ପଢିଥିଲେ, ମୁଁ ମଧ୍ୟ ପଢିଛି ଆଉ ଆମର ପରବର୍ତ୍ତୀ ପିଢ଼ି ମଧ୍ୟ ଏ ବର୍ଣ୍ଣବୋଧକୁ ପଢିବା ଉଚିତ ବୋଲି କହିବା ସହିତ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ବର୍ଣ୍ଣବୋଧକୁ ପ୍ରଚଳନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡେରା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ଜେନା, ସାହିତ୍ୟ ସଂସଦର ସଭାପତି ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ, ଫିରିକଦାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେଶ କୁମାର ପାତ୍ର, ସହକାରୀ ଶିକ୍ଷୟିତ୍ରୀ ତିଳୋତ୍ତମା ନାୟକ ଓ ସୁଶିଳା ସାମଲ, ବଡ ଫିରିକଦାଣ୍ଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ କୈଳାସୀ ଦାସ ଓ ସହକାରୀ ଶିକ୍ଷୟତ୍ରୀ ଭାନୁମତି ଖଟୁଆ, କଣଷରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଆଲୋକ ମଞ୍ଜରୀ ରାଉତ, ଶିକ୍ଷାବିତ ସରୋଜ କୁମାର ଆର୍ଯ୍ୟ ଉପସ୍ଥିତ ଥିଲେ। ପିଲାମାନଙ୍କୁ ର୍ଣ୍ଣୋଧ ବଣ୍ଟନ କରାଯାଇଥିଲା। ଶେଷରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ପ୍ରତିଷ୍ଠାତା ସୁଶ୍ରୀକାନ୍ତ ପରିଡା ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଆଧାତ୍ମିକ ସାଂସ୍କୃତିକ ଚେତନାର ବାର୍ତ୍ତାବହ ଥିଲେ କନିନନା

**ଡ଼େରାବିଶ,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଡେରାବିଶ ବ୍ଲକ ଅଞ୍ଚଳର ପରମ ଆରାଧ୍ୟ ଶ୍ରୀ ଦଧିବାମନଜୀଉଙ୍କ ପରମ ସେବକ ତଥା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ କରୁଣାକର କର (କନିନନା)ଙ୍କ ଦ୍ୱାଦଶାହ ଅବସରରେ ବ୍ଲକ ଅଧିନସ୍ଥ ଦୁମୁକାହାଟ ଠାରେ ସୋମବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସମାଜିକ କର୍ମୀ ତଥା ସାମ୍ବାଦିକ ବେବର୍ତ୍ତା ଅଜୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମହନ୍ତ ଡ. ନାମାନନ୍ଦ ଦାଶ, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପାଟକୁରାର ବରିଷ୍ଠ କଂଗ୍ରେସ ନେତା ଡ.ରତିକାନ୍ତ କାନୁନଗୋ, ମାହାଙ୍ଗା କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ, ବରିଷ୍ଠ ବିଜେଡି ନେତା ରବି ସାମଲ, ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଭାଜପା ନେତ୍ରୀ ମନିଷା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ କରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଆଧ୍ୟାତ୍ମିକ ସାଂସ୍କୃତିକ ଚେତନାର କନିନନା ବାର୍ତ୍ତାବହ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ପରେଶ ଦାସ, ଜଗନ୍ନାଥ ଧଳ, ଗଣେଶଚନ୍ଦ୍ର ସାମଲ, ଚିତ୍ତରଞ୍ଜନ ଦାସ, ରାଜେଶ ବେହେରା, ଲକ୍ଷ୍ମୀକାନ୍ତ ନାୟକ, ଭକ୍ତଚରଣ ସାହୁ, ପ୍ରଦୀପ କୁମାର ପୃଷ୍ଟି, ଦୈତାରୀ ଜେନା, ଶିବାଶିଷ ମହାନ୍ତି, ପ୍ରଭାତ କୁମାର ପରିଡା, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ଉପାଧ୍ୟକ୍ଷ ବଙ୍କକୃଷ୍ଣ ସାମଲ, ବିଡିଓ ନମିତା ବାରିକ, ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂହ ଓ ତ୍ରିଲୋଚନ ରାଉତ, ସମିତିସଭ୍ୟ ନିରଞ୍ଜନ କର, ଫନିନ୍ଦ୍ର ବେହେରା, ଆନନ୍ତ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ କରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅପରପକ୍ଷରେ ସମବାୟବିତ ପ୍ରଶାନ୍ତ କୁମାର ଦାସ, ଜୟଦେବ ପରିଡା, ବିପିନ ବିହାରୀ ସାହୁ, ସରୋଜକାନ୍ତ ନାୟକ, ହରେକୃଷ୍ଣ ସ୍ୱାଇଁ, ସାହାଜାନ ଖାନ ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିଲେ। ପ୍ରଥମେ କନିନନାଙ୍କ ଉଦ୍ଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା ପରେ ରାମଧୁନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଖବରଦାତା ସନ୍ତୋଷ ପଣ୍ଡା, ଖୁରସିଦ ଆଲମ ଖାନ, ଧରଣୀଧର ପ୍ରଧାନ ଓ ସତ୍ୟଜିତ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

# ୧୭ରୁ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ

**ଖୋର୍ଦ୍ଧା,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**




ଆଜି ପୂର୍ବାହ୍ନରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ନଭେମ୍ବର ୧୭ରୁ ୩୦ ତାରିଖ ପର୍ଯ୍ୟନ୍ତ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୨୫ ଉପଲକ୍ଷେ ବିଭିନ୍ନ କାର୍ଯ୍ୟ ସମ୍ପାଦନ ବିଭାଗ ଅଧିକାରୀମାନଙ୍କୁ ନେଇ ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ କୁଷ୍ଠ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। କୁଷ୍ଠ ରୋଗୀର ନାକରୁ ଜୀବାଣୁ ବାହାରି ବାୟୁ ମଣ୍ଡଳରେ ଘୁରି ବୁଲନ୍ତି। ରୋଗୀ ନିକଟରେ ଚଳପ୍ରଚଳ କରୁଥିବା ପରିବାର ଲୋକ ପ୍ରଶ୍ୱାସରେ କୁଷ୍ଠ ଜୀବାଣୁ ଶରୀର ମଧ୍ୟକୁ ପ୍ରବେଶ କରି ବହୁ ବର୍ଷ ପରେ କୁଷ୍ଠ ରୋଗର ଲକ୍ଷଣ ଜାଣି ହୁଏ। ଯେଉଁ ବ୍ୟକ୍ତିଙ୍କୁ କୁଷ୍ଠ ରୋଗ ହୋଇଛି ତାଙ୍କ ପରିବାର ବର୍ଗ ଏମଡିଟି ବଟିକା ଥରେ ଖାଇଲେ ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇଥାଏ ଏବଂ ଶତକଡା ୯୯ ଭାଗ ଜୀବାଣୁ ମରିଯାଆନ୍ତି। ଯଦ୍ୱାରା କୁଷ୍ଠ ରୋଗ ହେବାର ସମ୍ଭାବନାକୁ ସମ୍ପୂର୍ଣ୍ଣ ମାତ୍ରାରେ ଏଡ଼ାଇ ଦିଆଯାଇପାରିବ। ଏହି ରୋଗ ବଂଶଗତ ନୁହେଁ, ଏହା ଏକ ବାୟୁ ବାହିତ ଜୀବାଣୁ ସଂକ୍ରମଣ ରୋଗ। ବ୍ୟକ୍ତି କୁଷ୍ଠ ରୋଗରେ ସଂକ୍ରମିତ ହେଲେ ଏମଡିଟି ଔଷଧ ଖାଇବା ଓ ଡ଼ାକ୍ତରୀ ପରାମର୍ଶ ନେବା ବାଞ୍ଛନୀୟ। ରୋଗୀ ଯଦି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ନ କରନ୍ତି ତେବେ ଧୀରେ ଧୀରେ ଆଙ୍ଗୁଠି ବଙ୍କା ହୋଇ ଛିଡି ପଡେ, ମୁହଁ ଅସୁନ୍ଦର ଦେଖାଯାଏ। ଯଦି ଔଷଧ ଠିକ୍ ସମୟରେ ନ ଖାଆନ୍ତି ତେବେ ବ୍ୟକ୍ତିଙ୍କୁ ଏହି ରୋଗ ମାଡ଼ିମାଡ଼ି ଚାଲିଥାଏ। ଜିଲ୍ଲା କୁଷ୍ଠ ରୋଗ ପରାମର୍ଶଦାତା ଡାକ୍ତର ସୌମ୍ୟକାନ୍ତ ସତ୍ୟସୁନ୍ଦର କୁଷ୍ଠ ରୋଗର ସଂକ୍ରମଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରକାଶ କରିବା ସହ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା କୁଷ୍ଠ ସେବା ସ୍ୱାସ୍ଥ୍ୟ ନିରୀକ୍ଷକ ସୁନୀଲ ଦତ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ କାର୍ଯ୍ୟାନ୍ୱୟନ ବିଭାଗୀୟ ଅଧିକାରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଭାଗର ବରିଷ୍ଠ ଡ଼ାକ୍ତରୀ ବିଶେଷଜ୍ଞ, ସମସ୍ତ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର, ଆଶା କର୍ମୀ ଓ ଅଙ୍ଗନ ୱାଡ଼ି କର୍ମୀ, ପରିଦର୍ଶିକା ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

## ମେଡିକାଲ କ୍ୟାଣ୍ଟିନ ଚଳାଇ ସ୍ୱାବଲମ୍ବୀ ହେଲେ ମିଶନଶକ୍ତି ମହିଳା

**କେନ୍ଦ୍ରାପଡ଼ା,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମିଶନ ଶକ୍ତି ମେଡିକାଲ କ୍ୟାଣ୍ଟିନ ଚଳାଇ ସ୍ୱାବଲମ୍ବୀ ହୋଇଛନ୍ତି ପଲ୍ଲୀ ପ୍ରଦ୍ୟୋତ ଏସଏଚଜି ଗ୍ରୁପର ଦଶ ମହିଳା। ହସ ଖୁସିରେ ଚାଲିଛି ପରିବାର। ରୋଗୀମାନଙ୍କୁ ଦେଉଛନ୍ତି ସେବା। ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ମିଶନ ଶକ୍ତି ମେଡିକାଲ କ୍ୟାଣ୍ଟିନ ଚଳାଇ ସ୍ୱାବଲମ୍ବୀ ହୋଇପାରିଛନ୍ତି ଗଞ୍ଜା ଗାଁର ପଲ୍ଲୀ ପ୍ରଦ୍ୟୋତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ। ୨୦୨୨ ମସିହାରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମେଡିକାଲ କ୍ୟାଣ୍ଟିନକୁ ନିଜ ଦାୟିତ୍ୱରେ ନେଇଥିଲେ। ସେବେଠାରୁ ଏହି ମହିଳାମାନେ କ୍ୟାଣ୍ଟିନ ଚଲାଇ ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ପରିବାରକୁ ହସ ଖୁସିରେ ଚଳାଉଛନ୍ତି। ପିଲାମାନଙ୍କ ପାଠପଢା ସହ କିଛି କିଛି ଟଙ୍କା ମଧ୍ୟ ସଞ୍ଚୟ କରୁଥିବା କହିଛନ୍ତି ସେହି ଗୋଷ୍ଠୀର ଜଣେ ମହିଳା। ପ୍ରତିଦିନ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବ୍ଲକର ୨୯ ପଞ୍ଚାୟତର ଶହ ଶହ ରୋଗୀମାନଙ୍କୁ ସାହାଯ୍ୟ ସହଯୋଗ କରିବା ସହ ଗରିବ ରୋଗୀମାନଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ବବିତା ମହାରଣା ଓ ସମ୍ପାଦିକା ରଞ୍ଜିତା ମଞ୍ଜରୀ ପ୍ରଧାନ କହିଛନ୍ତି। ଏହି ମହିଳାମାନଙ୍କର ଆଗରୁ ବହୁ ଅସୁବିଧାରେ ପରିବାର ଚାଲୁଥିଲା। ପିଲାମାନଙ୍କୁ ଠିକ୍ ଭାବରେ ପାଠ ପଢାଇ ପାରୁ ନଥିଲେ। ହେଲେ ତିନି ବର୍ଷ ହେବ ପାଳି କରି ପ୍ରତ୍ୟକ ଦିନ ତିନି ଜଣ ମହିଳା ନିଜ ଘର କାମ ସାରି ସକାଳୁ କ୍ୟାଣ୍ଟିନକୁ ଆସିଥାନ୍ତି। ବଜାରରୁ ପନିପରିବା କିଣିବା ସହ ସଉଦାପତ୍ର କରି କ୍ୟାଣ୍ଟିନରେ ଘରୋଇ ସ୍ୱାଦିଷ୍ଟ ଖାଦ୍ୟ ରୋଷେଇ କରି ଖାଇବାକୁ ଆସୁଥିବା ଲୋକମାନଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ଦେଇଥାନ୍ତି। ଜଣେ ମହିଳା ଆସୁଥିବା ଅସହାୟ ରୋଗୀମାନଙ୍କୁ ସାହାଯ୍ୟ ସହଯୋଗ ଲାଗି ଦାୟିତ୍ୱରେ ରହିଥାନ୍ତି। ଜିଲ୍ଲାରେ ଅନେକ ମିଶନ ଶକ୍ତି କ୍ୟାଣ୍ଟିନ ବନ୍ଦ ହୋଇଯାଇଥିବା ବେଳେ ଏହି କ୍ୟାଣ୍ଟିନ ଚଲାଇ ହସ ଖୁସିରେ ଚାଲୁଛନ୍ତି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ। ଏହି କ୍ୟାଣ୍ଟିନକୁ ବୁଲି ଦେଖିବାକୁ ବାହାର ଜିଲ୍ଲାର ମହିଳା ଓ ମିଶନ ଶକ୍ତି ବିଭାଗର ଅଧିକାରୀମାନେ ବିଭିନ୍ନ ସମୟରେ ଆସିଛନ୍ତି। ପୂର୍ବତନ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏହି କ୍ୟାଣ୍ଟିନକୁ ପରିଦର୍ଶନ କରି ମହିଳାମାନଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ। ଯଦି ସରକାରଙ୍କ ପକ୍ଷରୁ ଏହି କ୍ୟାଣ୍ଟିନରେ ଥିବା ଶୌଚାଳୟ ସମସ୍ୟାର ସମାଧାନ ସହ ବଡ଼ ଘର ଯୋଗାଇ ଦିଆଯାଏ ତେବେ ଆହୁରି ଆଗକୁ ଯାଇ ପାରିବେ ବୋଲି ଏହି ଗୋଷ୍ଠୀର ମହିଳାମାନେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ନିବେଦନ କରି କହିଛନ୍ତି।

## ଶମ୍ଭୁ ମେମୋରିଆଲ ଦିବାରାତ୍ର ଅନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା ଆରମ୍ଭ

**ଭବାନୀପାଟଣା,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସହରର ପ୍ରତିଷ୍ଠିତ କ୍ରିକେଟ କ୍ଲବ 'ଅଲ ଷ୍ଟାର କ୍ରିକେଟ କ୍ଲବ' ପକ୍ଷରୁ ଆୟୋଜିତ ପ୍ରଥମ ଶମ୍ଭୁ ମେମୋରିଆଲ ଦିବାରାତ୍ର ଅନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା ଭବାନୀପାଟଣା ସହର ସ୍ଥିତସ ଲାଲ ବହାଦୁର ଶାସ୍ତ୍ରୀ ଖେଳ ପଡିଆ ଠାରେ ଉଦଘାଟିତ ହୋଇଯାଇଅଛି। ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରାରେ ଘୁମୁରା ଏବଂ ପ୍ରତିଯୋଗିତାର ବିଜେତା ଓ ଉପବିଜେତା କପ ରଖାଯାଇଥିବା ଏକ ସୁସଜ୍ଜିତ ଅଟୋ କାର ସହ ଆୟୋଜକ ଦଳର ସମସ୍ତ କର୍ମକର୍ତ୍ତାଙ୍କ ସହ ମା ମାଣିକେଶ୍ୱରୀଙ୍କ ମନ୍ଦିରରୁ ମଶାଲ ସୋଭାଯାତ୍ରା ବାହାରି ଷ୍ଟାଚୁ ଛକ, ମାଣିକେଶ୍ୱରୀ ଛକ ଦେଇ ଲାଲ ବହାଦୁର ଶାସ୍ତ୍ରୀ ଖେଳ ପଡିଆ ଠାରେ ପହଂଚିଥିଲେ। ଏହି ରାଲିରେ ଆୟୋଜକ ଦଳର ସଭାପତି କୁନାଲ ବେହେରା, ସମ୍ପାଦକ ପ୍ରଶାନ୍ତ ମିଶ୍ର, ଉପସଭାପତି ନିହାର ମିଶ୍ର, କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସ, ଯୁବ ସମାଜସେବୀ ଚିତ୍ତରଞ୍ଜନ ପାତ୍ର ଏବଂ ଶୈଳେଶ କୁମାରଙ୍କ ସମେତ ଆୟୋଜକ ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହାପରେ ପ୍ରତିଯୋଗିତାର ଉଦଘାଟନୀ ପର୍ବ ଆରମ୍ଭ ହୋଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ଉପସ୍ଥିତ ରହିଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ପ୍ରଗତି ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ୍ୟ ଅଜୟ ପଣ୍ଡା ଏବଂ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସ ମଂଚାସୀନ ରହିଥିଲେ। ଆୟୋଜକ ଦଳର ସଭାପତି କୁନାଲ ବେହେରା, ଉପସଭାପତି ନିହାର ରଞ୍ଜନ ମିଶ୍ର ମଧ୍ୟ ମଂଚାସୀନ ରହିଥିବାବେଳେ ସୁଧାଂଶୁ ନାଏକ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ପ୍ରଥମେ ସମସ୍ତ ଅତିଥିମାନଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ କଲାପରେ ସ୍ୱର୍ଗତ ଶମ୍ଭୁ ଚନ୍ଦନଙ୍କ ଧର୍ମପତ୍ନୀଙ୍କ ଦ୍ୱାରା ମୁଖ୍ୟଅତିଥି କଳାହାଣ୍ଡି ମହାରାଜାଙ୍କ ଅନୁମୋଦନ କ୍ରମେ ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ରିବନ କାଟି ପ୍ରତିଯୋଗିତାଟିକୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା। ମଞ୍ଚରେ ଉପସ୍ଥିତି ସମସ୍ତ ଅତିଥି ସ୍ୱର୍ଗତ ଶମ୍ଭୁ ଚନ୍ଦନଙ୍କ ଅମର ଆତ୍ମା ପାଇଁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞ୍ୟାପନ କରିବା ସହ ଆୟୋଜକ ଦଳ ତଥା ଉଦଘାଟନୀ ମ୍ୟାଚ୍‌ର ଦୁଇଟି ଦଳର ସମସ୍ତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇ ଉତ୍ସାହିତ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




**ହିଞ୍ଜିଳିକାଟୁ/ବ୍ରହ୍ମପୁର,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେଡି ସୁପ୍ରିମ ତଥା ହିଞ୍ଜିଳି ବିଧାୟକଙ୍କ ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀରେ ବିଶାଳ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହିଞ୍ଜିଳି ବିଧାୟକଙ୍କ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱ ହିଞ୍ଜିଳିକାଟୁ ମିନି ଷ୍ଟାଡିୟମ ଠାରୁ ପଦଯାତ୍ରା ବହାରି ପାଟଣା ସାହି, ଥାନା ସାହି, ରଙ୍ଗୁଣି ସାହି, ରାଜା ସାହି ହୋଇ ବିଜୁ ପଟ୍ଟନାୟକ ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ହିଞ୍ଜିଳିକାଟୁ ବସଷ୍ଟାଣ୍ଡ ଠାରେ ଏକ ସାଧାରଣ ସଭାର ଅନୁଷ୍ଠିତ ହେଇଥିଲା। ଏହି ସାଧାରଣ ସଭାରେ ନଗର ବିଜେଡ଼ି ସଭାପତି ହୃଦୟାନନ୍ଦ ମହାପାତ୍ର, ଉପଦେଷ୍ଟା ସୁରେନ୍ଦ୍ର ପ୍ରଧାନ, ବ୍ଲକ ସଭାପତି ଦୁର୍ଗାମାଧବ ମହାନ୍ତି, ଶେରଗଡ଼ ବ୍ଲକ ସଭାପତି ଶରତ ପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ନେତାମାନେ ସାମିଲ ହୋଇଥିଲେ। ପଦଯାତ୍ରାରେ ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ହଜାର ହଜାର ବିଜୁ ପ୍ରେମୀ, କର୍ମୀ ଓ ମହିଳା ସମର୍ଥକମାନେ ଯୋଗଦେଇଥିଲେ। ଏହି ଜନ ସଂପର୍କ ପଦଯାତ୍ରା ବିଜେଡି ସରକାରଙ୍କ ଦୀର୍ଘ ୨୪ ବର୍ଷ ଶାସନରେ ଯେଉଁ ସବୁ ଯୋଜନା ହୋଇଥିଲା ଓଡ଼ିଶାର ବିକାଶ ପାଇଁ ଯେଉଁ ସବୁ ଯୋଜନା କରାଯାଇଥିଲା ତାହା ଲୋକଙ୍କୁ ଅବଗତ କରାଇଥିଲେ। ବିଜେଡି ନେତାମାନେ ବିଜେପି ସରକାରଙ୍କ ଦୁର୍ନୀତିକୁ ବିରୋଧ କରି ସାଧାରଣ ସଭାରେ ବର୍ଷିଥିଲେ।

# ବେଟି ବଚାଓ, ବେଟି ପଢାଅ କାର୍ଯ୍ୟକ୍ରମ

**ଶେରଗଡ,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**




ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶେରଗଡ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଶେରଗଡ ପଞ୍ଚାୟତ ସମିତି ସଭାଗୃହରେ ବେଟି ବଚ୍ଚାଓ, ବେଟି ପଢାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶେରଗଡ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ମମତାଞ୍ଜଳି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣ ଜିଲ୍ଲା ସଂଯୋଜିକା ଗୀତାଞ୍ଜଳି ମହାରଣା ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରି ରାଜ୍ୟ ତଥା ଦେଶରେ ଏବଂ କନ୍ୟା ସନ୍ତାନଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଉଦବେଗ ପ୍ରକାଶ କରିଥିଲେ। ଝିଅମାନେ ପୁଅମାନଙ୍କ ଠାରୁ କୌଣସି ଗୁଣରେ କମ ନଥିବାରୁ କନ୍ୟା ସନ୍ତାନଙ୍କ ପ୍ରତି ଥିବା ବୈମାତୃକ ମନୋଭାବ ପରିହାର କରିବା ସହ ମାତୃ ଗର୍ଭରୁ କନ୍ୟାଙ୍କୁ ହତ୍ୟା ନକରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡଃ ରାଜ କୁମାର ସୁବୁଦ୍ଧି ଯୋଗଦେଇ ଜିଲ୍ଲାରେ ଦିନକୁ ଦିନ କନ୍ୟା ସଂଖ୍ୟା ହ୍ରାସ ପାଉଥିବାରୁ ଏଥିପାଇଁ ସଚେତନ ହେବା ଜରୁରୀ ଏବଂ କନ୍ୟା ସନ୍ତାନ ଆମର ଅମୂଲ୍ୟ ସମ୍ପଦ, ସେମାନଙ୍କୁ ପଢାନ୍ତୁ ଏବଂ ବଢାନ୍ତୁ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ରଶ୍ମିତା ଶବର, ଉଦ୍ୟାନ କୃଷି ଅଧିକାରୀ ମିସ ଅଳକା ବିଷୋୟୀ, ଏବିଇଓ ଶୈଳେନ୍ଦ୍ରୀ ଦଳେଇ ପ୍ରମୁଖ ଯୋଗଦେଇ ସରକାରଙ୍କ ଏହି ମହତ କାର୍ଯ୍ୟକ୍ରମ ବେଟି ବଚ୍ଚାଓ, ବେଟି ପଢାଅ ଉପରେ ଆଲୋକପାତ କରିବା ସହ କନ୍ୟା ଭ୍ରୁଣ ହତ୍ୟା ରୋକିବା, ଯୌତୁକ ଜନିତ ହତ୍ୟାକୁ ରୋକିବା ଉପରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକରେ କାର୍ଯ୍ୟରତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଉପସ୍ଥିତ ଥିବା ବେଳେ ଶିଶୁ ବିକାଶ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୧୪ରେ ନିଖିଳ ଭାରତ ସମବାୟ ସପ୍ତାହ

**ଭୁବନେଶ୍ୱର,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

୭୨ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ପାଳନ ଉପଲକ୍ଷେ ଆସନ୍ତା ୧୪ ତାରିଖ ଶୁକ୍ରବାର ପ୍ରାତଃ ୭ ଘଟିକା ସମୟରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ଏବଂ ସମବାୟ ବିଭାଗ, ଓଡ଼ିଶାଙ୍କ ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ହାଉସିଂବୋର୍ଡ ଛକ ନିକଟସ୍ଥ ବୁଦ୍ଧ ମନ୍ଦିର ଠାରୁ ସମବାୟ ଭବନ ପର୍ଯ୍ୟନ୍ତ ଗଣଦୌଡର ଆୟୋଜନ କରାଯାଇଛି। ଉକ୍ତ ଗଣଦୌଡ଼କୁ ରାଜ୍ୟ ସରକାରଙ୍କ ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦିପ ବଳସାମନ୍ତ ପତାକା ଦେଖାଇ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସମବାୟ ବିଭାଗର ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ଏଏସ, ନିବନ୍ଧକ, ସମବାୟ ସମିତି ସମୂହ, ଓଡ଼ିଶା, ମହାସମୀକ୍ଷକ, ସମବାୟ ସମିତି ସମୂହ, ଓଡିଶା, ରାଜ୍ୟ ଆଇଏଏସ, ସମବାୟ ୟୁନିୟନର ସଭାପତି ସୁଶ୍ରୀ ପ୍ରବାସିନୀ ଷଡଙ୍ଗୀ, ବିଭାଗୀୟ ପଦାଧିକାରୀ, କର୍ମଚାରୀ ଓ ରାଜ୍ୟର ଶୀର୍ଷ ସମବାୟ ଅନୁଷ୍ଠାନର ସଭାପତି ଓ ପରିଚାଳନା ନିର୍ଦ୍ଦେଶକ ତଥା ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଓ ପରିଚାଳନା ନିର୍ଦ୍ଦେଶକ ଓ ପରିଚାଳନା ପରିଷଦର ସଦସ୍ୟ/ସଦସ୍ୟା, ୟୁନିୟନର ସମ୍ପାଦକ ବ୍ରହ୍ମାନନ୍ଦ ପରିଡା ଏବଂ ସମବାୟ ବିଭାଗର କର୍ମଚାରୀମାନେ ଯୋଗଦେବା ସହିତ ଭୁବନେଶ୍ୱର ମହାନଗରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରରେ ସମବାୟ ସପ୍ତାହ ଅବସରରେ ଦୀର୍ଘ ୧ ମାସ ଧରି ଚାଲିଥିବା ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗୀତାର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ସମବାୟ ୟୁନିୟନର ଏଡିଟର ଧର୍ମେନ୍ଦ୍ର କୁମାର ସାବତ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି

**ଭଦ୍ରକ,୧୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାନ୍ଦବାଲି ଠାରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଦିଲିପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚାନ୍ଦବାଲି ସଞ୍ଜୀବ ମହାପାତ୍ର, ତହସିଲଦାର ଚାନ୍ଦବାଲି ଭବତୋଷ ମଲିକ ଓ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୨୦୪ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୬୮ଟି ବ୍ୟକ୍ତିଗତ ଥିଲାବେଳେ, ୩୬ଟି ସାମୁହିକ ଥିଲା। ୩୮ଟିର ସମାଧାନ ତତକ୍ଷଣାତ୍ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨ ଜଣଙ୍କୁ ଓ ରେଡକ୍ରସରୁ ୩ ଜଣଙ୍କୁ ମୋଟ ୩୭,୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣିରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପିଏମ ଆବାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା ସଂପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା

## ଆନ୍ତର୍ଜାତୀୟ ଚିତ୍ର କର୍ମଶାଳାରେ ଚିତ୍ରଶିଳ୍ପୀ ସମ୍ବର୍ଦ୍ଧିତ

**କେନ୍ଦ୍ରାପଡା,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅନ୍ତର୍ଜାତୀୟ ଚିତ୍ରକର୍ମଶାଳା ପଡୋଶୀ ଦେଶ ନେପାଳରେ ଆୟୋଜିତ ଡ୍ରିମସ୍କେପ ନେପାଳ-୨୦୨୫ କାଠମାଣ୍ଡୁ ସ୍ଥିତ ନେପାଳ ଆର୍ଟ କାଉନସିଲ ନେପାଳ ଆର୍ଟ ଗ୍ୟାଲେରୀଠାରେ ଚଳିତ ମାସ ୦୪ତାରିଖରୁ ୦୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସେଠାରେ ଆକାର ଡ୍ରେକୋର ସଂସ୍ଥା ଦ୍ୱାରା ଭାରତ, ନେପାଳ, ବାଙ୍ଗଲାଦେଶ ଓ ମରିସସରୁ ମନୋନୀତ ୧୦୦ ଜଣ ଚିତ୍ରଶିଳ୍ପୀ ମଧ୍ୟରେ କେନ୍ଦ୍ରାପଡ଼ାର କ୍ରୀଷ୍ଣା ଏକାଡେମୀ ଅଫ ଆର୍ଟ ଆଣ୍ଡ କଲ୍ଚରର ପ୍ରତିଷ୍ଠାତା ତଥା ମହୀପାଳ ହାଇସ୍କୁଲ୍‌ର କଳା ଶିକ୍ଷକ ସୋମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଭାରତୀୟ କଳା ସଂସ୍କୃତି ଓ ପ୍ରକୃତି ସୁରକ୍ଷା ବସ୍ତୁକୁ ନେଇ ଅଙ୍କିତ ଚିତ୍ର ଅତିଥିମାନେ ବହୁତ ପ୍ରଶଂସା କରିବା ସହିତ ନେପାଳର ଚିତ୍ର କର୍ମଶାଳାରେ ଉପସ୍ଥିତ ଥିବା ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ, ରୁଦ୍ରାକ୍ଷ୍ୟା ମାଳ ଓ ମାନପତ୍ର ସ୍ମୃତିଫଳକ ଦେଇ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସମ୍ମାନରେ ସମ୍ମାନିତ କରିଥିଲେ । ସୂଚନା ଯୋଗ୍ୟ ସୋମ୍ୟରଞ୍ଜନ ଏହା ପୁର୍ବରୁ ଇରାନ, ଜାପାନ, ଇଂଲଣ୍ଡ, ୟୁଏଇ, ନେପାଳରେ ଚିତ୍ର ପ୍ରଦର୍ଶନୀ କରି ଦେଶ ଓ ବିଦେଶରେ (୫୦୦) ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଥର ବିଭିନ୍ନ ମଞ୍ଚରେ ସମ୍ମାନିତ ହୋଇ ନିଜ ପାଇଁ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହ କେନ୍ଦ୍ରାପଡା ପାଇଁ କଳା କ୍ଷେତ୍ରରେ ଗୌରବ ଆଣିଛନ୍ତି। ଓଡ଼ିଶା ଓ ଭାରତର କୋଣ ଅନୁକୋଣରେ ଥିବା ବୁଦ୍ଧିଜିବୀମାନେ ସୌମ୍ୟ ରଂଜନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/84 ତା.10.11.2025ରିଖ

ଟେଣ୍ଡର ସଂ. e-tenderNorthkur-283-2025 ତା.05.11.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର କେନ୍ଦୁଝରଗଡ଼ ରେଳ ଷ୍ଟେସନର ଉନ୍ନତିକରଣ ପାଇଁ ବଳକା କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 261.71 ଲକ୍ଷ, **EMD :** ₹ 2,80,900.00, **ଶେଷ ହେବା ଅବଧି :** 10 (ଦଶ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.11.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-790/Q/25-26

## ଦିଲ୍ଲୀପ ଘୋଷଙ୍କ କବିତା ଗୁଚ୍ଛ 'କୁହୁଡି' ଉନ୍ମୋଚିତ

**ଜଳେଶ୍ୱର,୧୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସୃଜନର ଦୃଷ୍ଟି ଭଙ୍ଗୀ ବ୍ୟାପକ ଓ ଗମ୍ଭୀର। ଗଭୀର ଚିନ୍ତା ଚେତନା କବିତ୍ୱକୁ ଉର୍ଦ୍ଧ୍ୱ ମୁଖୀ କରିଥାଏ। ସାରସ୍ୱତ ସାଧନା କ୍ଷେତ୍ରରେ ନିରବ ସାଧକ, ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ୩ୟ ସର୍ଜନା, ବାଲେଶ୍ୱର ସୁବର୍ଣ୍ଣ ଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ 'କୁହୁଡି' କବିତା ଗୁଚ୍ଛ ସଙ୍କଳନ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ସଭାପତିତ୍ୱ କରି ସ୍ରଷ୍ଟାଙ୍କ ଅନବଦ୍ୟ କବିତା ଗୁଚ୍ଛ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ଡଃ ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦେଇ କବି ଯୁଗ ଯନ୍ତ୍ରଣାର ରୂପକାର ବୋଲି କହିବା ସହିତ ସୃଜନାତ୍ମକ ଶବ୍ଦ ସମ୍ଭାର ପାଇଁ କବିଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ମାନୀତ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ସାହିତ୍ୟ ସୃଷ୍ଟି ସମାଜର ହିତସାଧନ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଭ୍ୟ ବିଶିଷ୍ଟ କବି କାଳିପଦ ପଣ୍ଡା ଯୋଗଦେଇ ଉତ୍କୃଷ୍ଟ ଧରଣର ସାହିତ୍ୟ ସୃଷ୍ଟି ଲାଗି ଅତି ମାନବ ଶକ୍ତିର ଚେତନା ଆବଶ୍ୟକ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଆଇନଜୀବି ଚିନ୍ମୟ ଦାସ ଯୋଗ ଦେଇ, ସାହିତ୍ୟ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିଥାଏ ବୋଲି କହିଥିଲେ। ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ମଞ୍ଚ ଆହ୍ୱାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**OFFICE OF THE NOTIFIED AREA COUNCIL, CHATRAPUR.**

Letter No. 3002 Date. 10.11.25

**"e" Procurement Notice**

**Tender Reference No. – CTP – NAC - 03/2025 - 26**

Bid documents consisting of work Estimated cost, Cost of Tender Paper EMD, Time of completion, Class of contractor and the set of term and conditions of contract and other necessary documents can be seen in Govt. website, i.e.www.tendersorissa.gov.in .

| | |
|---|---|
| 1. Name of the Work | Civil work mentioned in DTCN |
| 2. No of Work | 15 |
| 3. Estimated cost | Rs 8.17 Lakhs to Rs 14.82 lakhhs |
| 4. Date & time of availability Of bid document in the portal | From 11.00 am of 12.11.2025 to 23.11.2025 up to 4.00 pm |
| 5. Last date / Time for receipt of Bids in the portal | 23.11.2025 up to 4.00 pm |
| 6. Bids received online shall be Opened on | 24.11.2025 at 11.00 am |

Further details can be seen from the e-procurement portal https://tendersorissa.gov.in

Executive officer,
NAC Chatrapur

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୨ ନଭେମ୍ବର ୨୦୨୫ ● ବୁଧବାର


## ହାଇକୋର୍ଟରେ ଅବଦୁଲ ରେହେମାନର ଜାମିନ ଖାରଜ

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ଅବଦୁର ରେହେମାନର ଜାମିନ ଖାରଜ କଲେ ହାଇକୋର୍ଟ । ଆତଙ୍କୀ କାର୍ଯ୍ୟକଳାପରେ ସଂପୃକ୍ତ ଅଭିଯୋଗରେ ହାଇକୋର୍ଟ ଅବଦୁର ରହେମାନର ଜାମିନ ଆବେଦନ ଆଜି ଖାରଜ କରିଦେଇଛନ୍ତି । କଟକ ସାଲେପୁର ପଶ୍ଚିମକଚ୍ଛରୁ ରେହେମାନ ଗିରଫ ହୋଇଥିଲା । ୨୦୧୫ ମସିହା ଡିସେମ୍ବର ମାସରୁ ଅବଦୁର ଗିରଫ ହୋଇ ଜେଲରେ ଅଛି । ଆତଙ୍କବାଦୀ ସଂଗଠନ ଅଲକାଏଦା ଲିଙ୍କରେ ଅବଦୁରକୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା । ସୂଚନାଯୋଗ୍ୟ, ୨୦୧୫ ମସିହା ଡିସେମ୍ବର ୧୬ ତାରିଖରେ ଜଗତପୁର ପଶ୍ଚିମକଚ୍ଛ ଗାଁରୁ ଅବଦୁର ରେହେମାନ ଗିରଫ ହୋଇଥିଲା । କମିଶନରେଟ ପୋଲିସ ସହାୟତାରେ ଏନଆଇଏ ଅବଦୁରକୁ ଗିରଫ କରିଥିଲା । ତଦନ୍ତ ବେଳେ ଅବଦୁରର ଅନ୍ତର୍ଜାତୀୟ ଆତଙ୍କବାଦୀ ଲିଙ୍କ ନେଇ ଦିଲ୍ଲୀ ପୋଲିସ ସୁରାକ ପାଇଥିଲା । ଅବଦୁର ଅନେକଥର ପାକିସ୍ଥାନ ଯାଇଥିବା ମଧ୍ୟ ଜଣାପଡ଼ିଥିଲା । ସେଠାରେ ସେ ୨୬/୧୧ ମୁମ୍ବାଇ ଆକ୍ରମଣର ଜାକିଉର ରେହେମାନ ଓ ସାଜିଦ୍‌କୁ ଭେଟିଥିଲା । ଅଲକାଏଦା ଆତଙ୍କବାଦୀ ସଂଗଠନରେ ମିଶିବା ସହ ସେଠାରେ ଟ୍ରେନିଂ ମଧ୍ୟ ନେଇଥିବା ଜଣାପଡ଼ିଥିଲା । ଅବଦୁର ନାଁରେ ଦେଶଦ୍ରୋହ ନେଇ ଅନେକ ଅଭିଯୋଗ ମଧ୍ୟ ରହିଥିଲା । ଏପରିକି ବେଆଇନ ମଦ୍‌ରସା ଚଳାଇବା, ଅସ୍ତ୍ରଶସ୍ତ୍ର ତାଲିମ ଦେବା ଓ ଉତ୍ତେଜନା ପ୍ରବଣ ଭାଷଣ ଦେବା ନେଇ ପ୍ରମାଣ ଏନଆଇଏ ହାତରେ ଲାଗିଥିଲା ।

## ମା ଶାରଳା ଦେବୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାଯଜ୍ଞ

ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍

କଟକ ସଦର ଥାନା ଅନ୍ତର୍ଗତ ଉତ୍ତର ଉଷୁମା ସ୍ଥିତ ମା ସାରଳା ଦେବୀ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମହାଯଜ୍ଞ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୋଇ ଦୀର୍ଘ ପାଞ୍ଚଦିନ ଧରି ଏହି କାର୍ଯ୍ୟକ୍ରମ ଚାଲୁ ରହିଥିଲା । ପୂର୍ଣ୍ଣାହୂତି ଦିବସରେ ପାଖାପାଖି ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ମାଙ୍କୁ ଦର୍ଶନ କରି ଆଶିର୍ବାଦ କାମନା କରିଛନ୍ତି । ମନ୍ଦିରର ମୁଖ୍ୟ ପୂଜକ ସଚ୍ଚିଦାନନ୍ଦ ପତି, ମୁଖ୍ୟ କର୍ତ୍ତା ନାରାୟଣ ସ୍ୱାଇଁ, କର୍ତ୍ତୀ ଚପଳା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜା ନୀତି ସମ୍ପୂର୍ଣ୍ଣ ହୋଇ ଯାଇଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ କରାଯାଇଥାଏ । ଏହି ଅବସରରେ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଟକ ସଦର ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ, ସାମ୍ବାଦିକ ଧୀରେନ୍ଦ୍ର ସାହୁ, ସତ୍ୟରଞ୍ଜନ ଦାସ ମହାପାତ୍ର, ଅମିତ କୁମାର ପରିଜା, ଚିନ୍ମୟ ମହାରଣା, ଶଶିଭୂଷଣ ଦାଶ, ପ୍ରକାଶ କୁମାର ଭୋଇ ଓ ବୁଲୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ମନ୍ଦିରର ସଦସ୍ୟ ଶୁଭେନ୍ଦୁ ପତି, ପ୍ରକାଶ ଚନ୍ଦ୍ର ପଣ୍ଡା, ରାକେଶ କୁମାର ଦାସ, ରିତାରାଣୀ ପ୍ରଧାନ, କୁନ୍ତଳା ସାହୁ, ସୁମିତ୍ରା ପାତ୍ର, କୁନି ବୈଠାଳୁ, ବିଚିତ୍ରାନନ୍ଦ ସ୍ୱାଇଁ, ମାନସ ରଞ୍ଜନ ନାୟକଙ୍କ ସମେତ ଉଷୁମା ଗ୍ରାମବାସୀଙ୍କ ଦ୍ୱାରା ଏହି କାର୍ଯ୍ୟ ସମାପନ ହୋଇଯାଇଛି ।

## ସଫଳତା ଓ ଶାନ୍ତି ପାଇଁ ଆଧ୍ୟାତ୍ମିକ ଜୀବନ ଲୋଡ଼ା



କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍

ଜୀବନରେ ସଫଳତା, ଆନନ୍ଦ ଶାନ୍ତି ପାଇଁ ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ, କଠିନ ପରିଶ୍ରମ ଓ ସର୍ବୋପରି ଆଧ୍ୟାତ୍ମିକ ଜୀବନ ଲୋଡ଼ା ବୋଲି ଇନ୍ଦାଳୋ ପଞ୍ଚାୟତ ସାରଦା ଏକାଡେମୀ ଉଚ୍ଚବିଦ୍ୟାଳୟ ଛକ ନା ସଭାଗୃହରେ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୂଜ୍ୟ ପୂଜା, ଓଡ଼ିଶା, ଭୁବନେଶ୍ୱର ପକ୍ଷରୁ ବିଦ୍ୟାଳୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା ସମାଜସେବୀ ସୁକାନ୍ତ ପ୍ରଧାନ ଯୋଗଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ଏହା ମତବ୍ୟକ୍ତ କରିଥିଲେ । ବକ୍ତା ଓ ଆଲୋଚକ ଭାବେ ପୂଜ୍ୟପୂଜା, ଓଡ଼ିଶାର ସଂପାଦକ ତଥା ବିଶିଷ୍ଟ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର କହିଲେ ଯେ, ପୂଜ୍ୟପୂଜା ଆମ ପରମ୍ପରାରେ ପାତାଳଭେଦୀ ସଂସ୍କୃତି ଯେଉଁଥିପାଇଁ ଆମେ ବାପା ମାଆ, ଗୁରୁ, ଅତିଥିଙ୍କୁ ଭଗବାନ ଭାବେ ଗ୍ରହଣ କରିବାକୁ ଆମ ଶାସ୍ତ୍ର ଶିକ୍ଷା ଦିଏ । ଏହି ଅବସରରେ ଆଦିକବି ସାରଳା ଦାସ, ଜଗନ୍ନାଥ ଦାସ, ସ୍ୱଭାବକବି ଗଙ୍ଗାଧର, ଉତ୍କଳମଣି ଗୋପବନ୍ଧୁ, ମଧୁବାବୁ, ଜୀବନ ଦର୍ଶନ ଉପରେ ଆଲୋକ ପାତ କରି ସେହି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଭାଗବତ, ଗୀତା ଉପରେ ଆଲୋଚନା କରାଯାଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିଥିଲେ । ମହାତ୍ମା ଗାନ୍ଧୀ, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ଘ୍ୟ ପ୍ରଦାନ କରାଯାଇଥିଲା । ଇଂ ଅମ୍ବର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଝାରସୁଗୁଡାରେ ଉନ୍ନୟନ କାର୍ଯ୍ୟ ପାଇଁ ୫.୯୯ କୋଟିର ବୁଝାମଣାପତ୍ର




ସମ୍ବଲପୁର:ଏକ୍ସପ୍ରେସ୍ ନ୍ୟୁଜ୍

ଜିଲ୍ଲାରେ ଶିକ୍ଷାଗତ ସୁବିଧାର ଉନ୍ନତି, ଡିଜିଟାଲ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସାମୁଦାୟିକ ସ୍ଥାନ ବିକାଶ ପାଇଁ ପ୍ରମୁଖ ସିଏସଆର ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ଝାରସୁଗୁଡା ଜିଲ୍ଲା ପ୍ରଶାସନ ସହିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ପ୍ରଥମ ବୁଝାମଣାପତ୍ର ଅନୁଯାୟୀ, ଏମସିଏଲ ୪.୫୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ, ଯେଉଁଥିରେ ବ୍ରଜରାଜନଗର କଲେଜରେ ବିଦ୍ୟୁତ୍ ସଜ୍ଜିତ ଶ୍ରେଣୀଗୃହ ନିର୍ମାଣ ଏବଂ ଖଲିଆକାନି ପୋଖରୀର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପରେ ଖଲିଆକାନି ପୋଖରୀରେ ଏକ ଜେଟି ନିର୍ମାଣ, ପଥ ବିକାଶ ଏବଂ ଭୂଦୃଶ୍ୟକରଣ, ପୋଖରୀର ପରିବେଶଗତ ମୂଲ୍ୟ ପୁନରୁଦ୍ଧାର ଏବଂ ଏହାକୁ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ସୁସଜ୍ଜିତ ସାର୍ବଜନୀନ ସ୍ଥାନରେ ବିକଶିତ କରିବା ଅନ୍ତର୍ଭୁକ୍ତ ହେବ । ଦ୍ୱିତୀୟ ବୁଝାମଣାପତ୍ର ଅନୁଯାୟୀ, ଝାରସୁଗୁଡା ଜିଲ୍ଲାର ୧୩୦ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଇସିଟି ଲ୍ୟାବ ପ୍ରତିଷ୍ଠା କରିବା ପାଇଁ ୧.୪୯ କୋଟି ଯୋଗାଇବ । ଏହି ପଦକ୍ଷେପ ଦ୍ୱାରା ପ୍ରତ୍ୟେକ ସ୍କୁଲରେ ସମ୍ପୂର୍ଣ୍ଣ ସୁସଜ୍ଜିତ ପରୀକ୍ଷାଗାର ପ୍ରତିଷ୍ଠା କରାଯିବ, ଯାହା ଜିଲ୍ଲାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିଜିଟାଲ୍ ସାକ୍ଷରତାକୁ ପ୍ରୋତ୍ସାହିତ କରିବ ଏବଂ ଅନ୍ତର୍ଭୁକ୍ତ, ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷାକୁ ସୁନିଶ୍ଚିତ କରିବ । ଏହି ଅର୍ଥପୂର୍ଣ୍ଣ ପଦକ୍ଷେପଗୁଡ଼ିକ ମାଧ୍ୟମରେ, ଏମସିଏଲ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ଶିକ୍ଷାଗତ ଏବଂ ସାର୍ବଜନୀନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ସମ୍ପ୍ରଦାୟ ବିକାଶରେ ଯୋଗଦାନ ଦେବା ପାଇଁ ଏହାର ନିରନ୍ତର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି ।

## ସତ୍ୟବାଦୀ ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର



ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ସତ୍ୟବାଦୀ ଯୁଗର ମନୀଷୀମାନଙ୍କ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା ଅତ୍ୟନ୍ତ ଜୀବନ୍ତ ଭାବେ ପ୍ରତିଫଳିତ ହୋଇଛି ବୋଲି ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟାରେ ବକ୍ତାମାନେ ପ୍ରତିପାଦନ କରିଥିଲେ । ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ନ୍ୟାସୀ ମଣ୍ଡଳ ସଭା ଗୃହରେ ଅନୁଷ୍ଠିତ ବୈଠକରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଶରତ ଚନ୍ଦ୍ର ରଥ, ଅନ୍ୟତମ ବକ୍ତା ଭାବେ ପର୍ଶୁରାମ ଦ୍ୱିବେଦୀ ଓ ବିଜୟ କୁମାର ମହାନ୍ତି ଯୋଗ ଦେଇ ଉତ୍କଳମଣି ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ ଓ ସତ୍ୟବାଦୀ ଗୋଷ୍ଠୀର ଅନ୍ୟାନ୍ୟ ସାହିତ୍ୟିକମାନଙ୍କ ରଚନାରେ ଶ୍ରୀଜଗନ୍ନାଥଙ୍କୁ କିପରି ଗୁରୁତ୍ୱ ଦିଆଯାଇଛି ତାହା ଉପସ୍ଥାପନ କରିଥିଲେ । ଆଲୋଚନାରେ ମନୋଜ କୁମାର ଜେନା, ବିରଜା ପ୍ରସାଦ ଶତପଥୀ, କୈଳାଶ ଚନ୍ଦ୍ର ରଥ, ବାସନ୍ତୀ ତ୍ରିପାଠୀ, ବିରଞ୍ଚି ନାରାୟଣ ଶତପଥୀ ଓ ସୁନିଲ କୁମାର ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସମ୍ପାଦକ ରାମ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଏସ୍‌ଏଚ୍‌ଜି ସଭ୍ୟାଙ୍କ ଅଗୋଚରରେ ଟଙ୍କା ଉଠାଣ ଅଭିଯୋଗ

ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସରପାଗ୍ରାମର ଏକ ସ୍ୱୟଂସହାୟିକା ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକାଙ୍କ ନାମରେ ଅନିୟମିତତା ପାଇଁ ସେହି ଗୋଷ୍ଠୀର ଜଣେ ସଭ୍ୟା ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଖବରରୁ ପ୍ରକାଶ କଣ୍ଟାବଣିଆ ଥାନା ସରପାଗ୍ରାମର 'ଓଁମା ମହାଲକ୍ଷ୍ମୀ ଏସଏସଜି'ର ସଦସ୍ୟା ସୁଜାତା ବେହେରାଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ସେ ଦୀର୍ଘ ୧୦ବର୍ଷ ଧରି ଗ୍ରୁପର ସଦସ୍ୟା । ସମସ୍ତ ଦେୟ ମାସକୁ ମାସ ପ୍ରଦାନ କରନ୍ତି ଏବଂ ୨୦/୯/୨୫ରେ ବକେୟା ୧୨ ହଜାର ଟଙ୍କା ମଧ୍ୟ ପ୍ରଦାନ କରିଥିଲେ । ସଠିକ କଥା, ସଠିକ ହିସାବପତ୍ର ମାଗି ସଦସ୍ୟାମାନଙ୍କୁ ସତ୍ୟକଥା କହୁଥିବାରୁ ମିଥ୍ୟାରୋପ କରି ସୁଜାତାଙ୍କ ନାମ ତାଙ୍କ ଅଜାଣତରେ ସଦସ୍ୟାରୁ କାଟିଦେବା ସହ ସଭାନେତ୍ରୀ ଗୀତାଞ୍ଜଳି ସେନାପତି ଓ ସମ୍ପାଦିକା ପଦ୍ମିନୀ ସେନାପତି କଣ୍ଟାବଣିଆସ୍ଥିତ ଷ୍ଟେଟବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଋଣ ଆଣିଥିଲେ ଯାହାକି ଅଧିକାଂଶ ସଦସ୍ୟାଙ୍କ ଅଜାଣତରେ । ବ୍ୟାଙ୍କ ମ୍ୟାନେଜରଙ୍କୁ ପଚାରିବାରେ ସୁଜାତାଙ୍କ ନାମ ସଭ୍ୟାପଦରୁ କାଟିଦେଇଥିବା ଏବଂ ତାଙ୍କ ନାମ ସୁଜାତା ବେହେରା ବଦଳରେ ସୁଜାତା ସେନାପତି ନାମରେ ଜାଲ୍ ଦସ୍ତଖତ କରାଯାଇଥିବା ଜାଣିବାକୁ ପାଇଥିଲେ । ଏକଥା ସଭାନେତ୍ରୀ, ସମ୍ପାଦିକାଙ୍କୁ ପଚାରିବାରେ ସେମାନେ ନୀରବ ରହିଥିଲେ । ସେଥିପାଇଁ ତାଙ୍କପ୍ରତି ହୋଇଥିବା ଏହି ଅନ୍ୟାୟ, ଅନିୟମିତତାର ଉପଯୁକ୍ତ ତଦନ୍ତ କରି ନ୍ୟାୟ ପାଇଁ ସୁଜାତା ବେହେରା ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବାସହ ବିଡ଼ିଓ, ସିଡିପିଓ, କଣ୍ଟାବଣିଆ ଥାନା ଅଧିକାରୀ, ଭିଜିଲାନ୍ସ ଏସପି, ସମାଜମଙ୍ଗଳ କମିଶନର, ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଛନ୍ତି । ଯଦି ତାଙ୍କ ନାମ ବାଦ ଦିଆଗଲା ତେବେ ଆଜି ପର୍ଯ୍ୟନ୍ତ ସେ ଦେଇଆସିଥିବା ସଭ୍ୟା ଦେୟ ତାଙ୍କୁ ଫେରସ୍ତ ଦେବାପାଇଁ ଦାବି କରିଛନ୍ତି । ତେବେ ଏ ସମ୍ପର୍କରେ ହିନ୍ଦୋଳ ବ୍ଲକ ସିଡିପିଓ ଓ ସୁପରଭାଇଜରଙ୍କୁ ସେ ପଚାରିବାରେ କୁହନ୍ତି ଅଭିଯୋଗ ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆମେ ତଦନ୍ତ କରିବାକୁ ଯାଇଥିଲୁ ଆମେ ଉପଜିଲ୍ଲାପାଳଙ୍କୁ ରିପୋର୍ଟ କରିବୁ ଓ ଆମେ କିଛି କରିପାରିବୁ ନାହିଁ । ତେବେ ନିର୍ଯାତିତା ସଭ୍ୟା ସୁଜାତାଙ୍କ ଅଭିଯୋଗକୁ ଉପଯୁକ୍ତ ତଦନ୍ତ କରାଯାଇ ଅଭିଯୋଗର ସତ୍ୟାସତ୍ୟ ଅନୁଯାଇ ପଦକ୍ଷେପ ନିଆଯିବା ସହ ତାଙ୍କ ପ୍ରତି ନ୍ୟାୟ ପ୍ରଦାନ ପାଇଁ ପରିବାର ବର୍ଗ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ୨୨ ମହିଳାଙ୍କୁ କୌଶଳଭିତ୍ତିକ ନିଯୁକ୍ତି



କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍

କୌଶଳଭିତ୍ତିକ ନିଯୁକ୍ତି ମାଧ୍ୟମରେ ଗ୍ରାମୀଣ ଯୁବକଯୁବତୀମାନଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କେନ୍ଦୁଝର କେନ୍ଦ୍ରର ୨୨ଜଣ ପ୍ରାର୍ଥୀ ଭାରତ ସରକାରଙ୍କ ପ୍ଲେସମେଣ୍ଟ ଲିଙ୍କ୍ଡ ଟ୍ରେନିଂ ପ୍ରୋଗ୍ରାମ୍ ଅଧୀନରେ ହାଇଦ୍ରାବାଦ ଏବଂ ତିରୁଚିରାପାଲିରେ ଚାକିରି ସୁଯୋଗ ପାଇଛନ୍ତି ।

ଏହି ପ୍ରାର୍ଥୀମାନଙ୍କୁ କେନ୍ଦୁଝର ମାଇନିଂ ରୋଡସ୍ଥିତ ଦକ୍ଷତା ବିକାଶ ଏବଂ ସମ୍ପ୍ରସାରଣ କେନ୍ଦ୍ରରେ ତାଲିମ ଦିଆଯାଇଥିଲା ଏବଂ ସଫଳତାର ସହ ତାଲିମ ସମାପ୍ତ କରିବା ପରେ ସେମାନେ ପ୍ରତିଷ୍ଠିତ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି । ଏହି ତାଲିମ କେନ୍ଦ୍ରକୁ ଡାଲମିଆ ଭାରତ ଫାଉଣ୍ଡେସନ ଦ୍ୱାରା ପରିଚାଳନା କରାଯାଉଛି ।

ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ଟ୍ରେଡ୍ ଅଧୀନରେ ମୋଟ ୧୬ଜଣ ପ୍ରାର୍ଥୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତାଲିମ ନେଇଥିଲେ । ସେମାନଙ୍କ ମଧ୍ୟରୁ ୧୨ଜଣ ପ୍ରାର୍ଥୀଙ୍କୁ ଲା ମ୍ୟାକଲିନ୍ ଇଣ୍ଡିଆ ଲିମିଟେଡ୍, ହାଇଦ୍ରାବାଦରେ ନର୍ସିଂ ଆସିଷ୍ଟାଣ୍ଟ ଭାବରେ ନିଯୁକ୍ତି ମିଳିଛି । ଏବେ ସେମାନେ ହାଇଦ୍ରାବାଦର ଏଆଇଜି ହସ୍ପିଟାଲରେ କାର୍ଯ୍ୟ କରିପାରିବେ । ସେହିପରି ସିଲାଇ ମେସିନ୍ ଅପରେଟର୍ ଟ୍ରେଡ୍‌ରେ, ୧୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ଶ୍ରୀ ସରଭାନା ମିଲ୍ସ ପ୍ରାଇଭେଟ୍ ଲିମିଟେଡ୍ ତିରୁଚିରାପାଲି ତାମିଲନାଡୁର ଏକ ୟୁନିଟ୍ କଲର୍ ଜର୍ସି ସଂସ୍ଥାରେ ନିଯୁକ୍ତି ମିଳିଛି ।

ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ଡିଏମଏଫ କେନ୍ଦୁଝରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ରିନା ପ୍ରଧାନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ କୁମାର ନାଗଭୂଷଣ ସମ୍ମାନିତ କରିଛନ୍ତି । ସଫଳ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇ ଡ. ପ୍ରଧାନ ସେମାନଙ୍କୁ ନିଜନିଜ କର୍ମକ୍ଷେତ୍ରରେ ରହିବା, ମୂଲ୍ୟବାନ ଅଭିଜ୍ଞତା ଏବଂ ଦକ୍ଷତା ହାସଲ କରିବା ଏବଂ ପରେ ନୂତନ ଉଦ୍ୟୋଗ ଆରମ୍ଭ କରିବା ପାଇଁ ନିଜ ଜନ୍ମସ୍ଥାନକୁ ଫେରି ଆସିବାକୁ ପରାମର୍ଶ ଦେଇଥିଲେ । ଫଳରେ ଜିଲ୍ଲାର ଆର୍ଥିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତାରେ ଯୋଗଦାନ ମିଳିବ । ଗ୍ରାମୀଣ ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ ଏବଂ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ପାଇଁ ତାଲିମ ଅଂଶୀଦାରମାନଙ୍କ ପ୍ରୟାସକୁ ଶ୍ରୀ ନାଗଭୂଷଣ ପ୍ରଶଂସା କରିଥିଲେ ।

ନିଯୁକ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଚାହିଦା ଅନୁଯାୟୀ ବୃତ୍ତିଗତ ତାଲିମ ଏବଂ ସଂଗଠିତ କ୍ଷେତ୍ରରେ ନିଶ୍ଚିତ ନିଯୁକ୍ତି ମାଧ୍ୟମରେ ନିଯୁକ୍ତି କ୍ଷମତା ବୃଦ୍ଧି କରିବା । ଏହା ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପମୁଖୀ ତାଲିମ ଏବଂ ନିଶ୍ଚିତ ନିଯୁକ୍ତି ସୁଯୋଗ ପ୍ରଦାନ କରିବା, ଖଣି ପ୍ରଭାବିତ ଅଞ୍ଚଳରେ ସ୍ଥାୟୀ ଜୀବିକା ସୃଷ୍ଟି ଏବଂ ଅନ୍ତର୍ଭୁକ୍ତ ବିକାଶ ସୁନିଶ୍ଚିତ କରିବା । ସମ୍ମାନ ସମାରୋହରେ ପବନ କୁମାର, ଶିକ୍ଷାନବୀଶ ଆଇଏଏସ୍ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଗଣେଶ୍ୱର ନାୟକ ଓ କେନ୍ଦ୍ର ପରିଚାଳକ ନିମାଇଁ ନାୟକ ଉପସ୍ଥିତ ଥିଲେ ।

## ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ଡିଏଲସି ଅଭିଯାନ

ଖୋର୍ଦ୍ଧା ରୋଡ଼:ଏକ୍ସପ୍ରେସ୍ ନ୍ୟୁଜ୍

ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ କରାଇବା କ୍ଷେତ୍ରରେ ସହଜ ସେବା ଉପଲବ୍ଧ କରାଇବା ପାଇଁ ରେଳ ମନ୍ତ୍ରଣାଳୟର ପରାମର୍ଶ ଅନୁଯାୟୀ ଦେଶବ୍ୟାପୀ ଡିଜିଟାଲ୍ ଜୀବନ ପ୍ରମାଣପତ୍ର (ଡିଏଲସି) ଅଭିଯାନ ୪.୦ ନଭେମ୍ବର ମାସ ପହିଲା ଠାରୁ ୩୦ ନଭେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେଉଛି । ଏହି ଅନୁଯାୟୀ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀଙ୍କୁ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ କରିବାରେ ଅସୁବିଧାମୁକ୍ତ କରିବା ପାଇଁ ପ୍ରମୁଖ ଷ୍ଟେସନ ଏବଂ ସ୍ଥାନଗୁଡ଼ିକରେ ମେଗା ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଶିବିର ଆୟୋଜନ କରୁଛି ।

ହିତାଧିକାରୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୁନିଶ୍ଚିତ କରିବା ପାଇଁ, ରେଳମଣ୍ଡଳ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନଗୁଡ଼ିକରେ ବ୍ୟାନର ଏବଂ ସୂଚନା ପ୍ରଦର୍ଶନ ମାଧ୍ୟମରେ ପ୍ରଚାର କାର୍ଯ୍ୟକ୍ରମ ଗ୍ରହଣ କରିଥିଲାବେଳେ ସେମାନଙ୍କ ସୂଚନା ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରିଥିଲା । ପଲାସା, ବ୍ରହ୍ମପୁର, ବାଲୁଗାଁ ଏବଂ ପୁରୀରେ ଚାରିଟି ଡିଏଲସି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇସାରିଛି ।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଆଗାମୀ ମେଗା ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ (ଡିଏଲସି) ଶିବିରଗୁଡ଼ିକ ମଧ୍ୟରେ ୧୩ ନଭେମ୍ବରରେ ଖୋର୍ଦ୍ଧା ରୋଡ୍ ମୁଖ୍ୟାଳୟ (ଟ୍ରାଫିକ୍ କଲୋନି କଲ୍ୟାଣ ମଣ୍ଡପ) ଠାରେ ସ୍ୱାସ୍ଥ୍ୟ ଶିବିର ସହିତ ଆୟୋଜିତ ହେବାକୁ ଥିବାବେଳେ ୧୫ ନଭେମ୍ବରରେ ଭୁବନେଶ୍ୱର (ଷ୍ଟେସନ), ୧୭ ନଭେମ୍ବରରେ କଟକ ରେଳ ଇନଷ୍ଟିଚ୍ୟୁଟ, ୧୯ରେ କେନ୍ଦୁଝରଗଡ଼ ରେଳ ଷ୍ଟେସନ, ୨୦ରେ ଅନୁଗୁଳ (ଇଲେକ୍ଟ୍ରିକ୍ ଲୋକୋ ସେଡ୍ ମିଟିଂ ହଲ୍), ୨୪ରେ ତାଳଚେର ରେଳ ଷ୍ଟେସନ, ୨୭ରେ ଭଦ୍ରକ ରେଳ ଷ୍ଟେସନ ଏବଂ ୨୮ ନଭେମ୍ବରରେ ପାରାଦୀପ (ଏରିଆ ମ୍ୟାନେଜର ବିଲଡିଂ)ରେ ଏହି ମେଗା ଶିବିର ଆୟୋଜନ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି ।

ସମସ୍ତ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀଙ୍କୁ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସୁଗମ ଭାବରେ ଦାଖଲ କରିବା ପାଇଁ ନିକଟତମ ଶିବିରରେ ଯୋଗଦେବାକୁ ଅନୁରୋଧ କରାଯାଇଛି । ସେମାନଙ୍କୁ ସେମାନଙ୍କର ଆଧାର କାର୍ଡ, ପେନସନ ପେ ଅର୍ଡର (ପିପିଓ) ନମ୍ବର, ପେନସନ ଆକାଉଣ୍ଟ ନମ୍ବର ଏବଂ ଆଧାର ସହିତ ଲିଙ୍କ୍ ଥିବା ପଞ୍ଜିକୃତ ମୋବାଇଲ୍ ନମ୍ବର/ଫୋନ ଆଣିବାକୁ ପରାମର୍ଶ ଦିଆଯାଇଛି ।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମସ୍ତ ସମ୍ପୃକ୍ତ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀଙ୍କୁ ଅନୁରୋଧ କରୁଛି ଯେ ସେମାନେ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସମୟସୀମାରେ ଦାଖଲ କରିବା ପାଇଁ ଏହି ଶିବିରଗୁଡ଼ିକର ସୁବିଧା ନିଅନ୍ତୁ ଯାହା ଦ୍ୱାରା ନିରବଚ୍ଛିନ୍ନ ପେନସନ ବଣ୍ଟନ ସୁନିଶ୍ଚିତ ହୋଇପାରିବ ।

## ଜିଲ୍ଲା ଦୌରା ଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟ ସରକାରଙ୍କ ଆଇନ ବିଭାଗର ପ୍ରମୁଖ ସଚିବ ଭାବରେ ବଲାଙ୍ଗୀର ଜିଲ୍ଲା ଦୌରା ଜଜ୍ ଡ. ପବିତ୍ର ମୋହନ ସାମଲ ନିଯୁକ୍ତି ପାଇଛନ୍ତି । ଏହି ଖବର ପ୍ରଚାର ହେବା ପରେ ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଶ୍ରୀ ସାମଲଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଏହି ନୂତନ ଦାୟିତ୍ୱକୁ ସେ ସଫଳତାର ନିର୍ବାହ କରିବେ ବୋଲି କାମନା କରାଯାଇଛି । ତେବେ ଆଜି ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ପକ୍ଷରୁ ବଲାଙ୍ଗୀର ଜିଲ୍ଲା ଦୌରା ଜଜ୍ ଡ. ପବିତ୍ର ମୋହନ ସାମଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଛି । ଗତ ୨୦୨୪ ଜାନୁୟାରୀ ୦୨ ତାରିଖରେ ଶ୍ରୀ ସାମଲ ବଲାଙ୍ଗୀର ସିଭିଲ୍ କୋର୍ଟରେ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନସ୍ ଜଜ୍ ଭାବରେ ଦାୟିତ୍ୱ ତୁଲାଇଥିଲେ । ଏହି ୧ବର୍ଷ ୦୯ ମାସର କାର୍ଯ୍ୟକାଳ ମଧ୍ୟରେ ଦୌରା ଜଜ୍ ଶ୍ରୀ ସାମଲ ନିଜ ଆମାୟିକ ବ୍ୟବହାର ଓ ବଲାଙ୍ଗୀରର କାର୍ଯ୍ୟରତ ଓକିଲମାନଙ୍କ ମଧ୍ୟରେ ସୁସଂପର୍କ ସ୍ଥାପନ କରି ସମସ୍ତଙ୍କ ପ୍ରଶଂସାଭାଜନ ହୋଇ ପାରିଥିଲେ । ବିଭିନ୍ନ ମାମଲାର ଫଇସଲା କରିବା ଦିଗରେ ତଥା ମହକିଲମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ଜିଲ୍ଲା ଦୌରା ଜଜ୍‌ଙ୍କ କାର୍ଯ୍ୟଶୈଳୀ ଓ ଦକ୍ଷତା ପ୍ରକୃତରେ ପ୍ରଶଂସନୀୟ ଥିଲା ବୋଲି ଜିଲ୍ଲା ଓକିଲ ସଂଘ ପକ୍ଷରୁ କୁହାଯାଇଛି । ଜିଲ୍ଲା ଓକିଲ ସଂଘର ସଭାପତି ବାସୁଦେବ ରଥଙ୍କ ଆବାହକତ୍ୱରେ ଆୟୋଜିତ ଆଜିର ସମ୍ବର୍ଦ୍ଧନା ସଭାରେ କିଛି ସମୟ ପାଇଁ ବିଦାୟୀ ଜିଲ୍ଲା ଦୌରା ଜଜ୍ ଶ୍ରୀ ସାମଲଙ୍କ ସହ ଭାବବିନିମୟ ହେବା ସହ ତାଙ୍କ ବୃତ୍ତିଗତ ଜୀବନ ଆହୁରି ସୁନ୍ଦର ଓ ସୁଗମ ହେଉ ବୋଲି କାମନା କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ସଂଘର ସଂପାଦକ ସଂଜୟ ବଗର୍ତ୍ତି, ଉପସଭାପତି ସୁଧାଂଶୁ ଦେଓ, କୋଷାଧ୍ୟକ୍ଷ ସମୀର ମିଶ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ମଳୟ ଗଡତ୍ୟା, ସରୋଜ ଗୁପ୍ତା, ଦିପ୍ତୀ ଶର୍ମାଙ୍କ ସମେତ ବରିଷ୍ଠ ସଦସ୍ୟ ଆନନ୍ଦ ପାଣିଗ୍ରାହୀ, ପ୍ରମୋଦ ତ୍ରିପାଠୀ, ଅମରେନ୍ଦ୍ର ମିଶ୍ର, ବିଜୟ ମିଶ୍ର ଗୋପାଳ ପାଣିଗ୍ରାହୀ, ରାଧାକାନ୍ତ ମହାକୁଡ, ଚନ୍ଦ୍ରଶେଖର ମିଶ୍ର ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## ସୋଆ ଆଇଏଏସ୍‌ରେ ମାଣ୍ଡିଆ ଦିବସ




ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ରେ ସୋମବାର ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ (ଏକସଟେନସନ) ଡକ୍ଟର ଚକ୍ରଧର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସ୍ୱନାମଧନ୍ୟ କ୍ଷେତ୍ରବିଜ୍ଞାନୀ ବିଦ୍ୟାଧର ମହାରଣା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଡକ୍ଟର ଜିତେନ୍ଦ୍ର କୁମାର ନାୟକ ଲଘୁ ଶସ୍ୟ ଗବେଷଣାରେ ସୋଆ ବିଶ୍ୱବିଦ୍ୟାଳୟର ଅଗ୍ରଗତି ଓ କୁମାର ସମ୍ଭବ ଗିରି ମାଣ୍ଡିଆରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ଦ୍ରବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ଅଧକ୍ଷତା କରିଥିଲେ ।

ମାଣ୍ଡିଆ ଫସଲର ପୋଷକ ଗୁଣ, ଚାଷ ପ୍ରଣାଳୀ, ଆର୍ଥିକ ଲାଭ ଓ ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଅନୁକୂଳ ପ୍ରଭାବ ସମ୍ବନ୍ଧରେ ଆଲୋଚନା କରିବା ସହିତ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଏହି ଅବସରରେ କ୍ଷେତ୍ର ବିଜ୍ଞାନ ବିଭାଗର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତିକା 'ବୈଜ୍ଞାନିକ ପ୍ରଣାଳୀରେ ଲଘୁଶସ୍ୟ ଚାଷ' ଉନ୍ମୋଚିତ ହୋଇଥିଲା । ମୁଖ୍ୟବକ୍ତା ଶ୍ରୀ ବିଦ୍ୟାଧର ମହାରଣା ଜଳବାୟୁ ସହନଶୀଳତା, ଖାଦ୍ୟ, ପୋଷଣ ଓ ଆର୍ଥିକ ସୁରକ୍ଷା ପାଇଁ ଲଘୁ ଶସ୍ୟ ଚାଷ ସଂପର୍କରେ ଆଲୋଚନା କରିଥିଲେ ।

ଏହି ସଭାରେ ଡକ୍ଟର ଶ୍ୱେତା ରଥ ମଂଚ ସଂଚାଳନ କରିଥିବାବେଳେ ଡକ୍ଟର ସରୋଜ କୁମାର ମହାନ୍ତି , ଡକ୍ଟର ଶୁଭପ୍ରଦ ଦାଶ, ଡକ୍ଟର ଗାୟତ୍ରୀ ମିଶ୍ର, ଡକ୍ଟର ବିଷ୍ଣୁପ୍ରିୟା ପାତ୍ର, ଡକ୍ଟର ସ୍ମୃତିଦେବପ୍ରିୟା ବେହେରା, ଡକ୍ଟର କୌଶିକାସ ଏବଂ ଡକ୍ଟର ରିତନ ଚୌଧୁରୀ ସଭା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ମୁଖ୍ୟ, ପ୍ରଫେସର, ପ୍ରାଧ୍ୟାପକ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଏହି ସଭାରେ କ୍ଷେତ୍ର ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ବାସୁଦେବ ବେହେରା ଅତିଥିମାନଙ୍କୁ ସ୍ୱାଗତ ଦେଇଥିବାବେଳେ ପ୍ରଫେସର ଡକ୍ଟର ମନମୋହନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ରକ୍ତଦାନ ଶିବିରରୁ ୧୬୦ ୟୁନିଟ୍ ସଂଗୃହୀତ




ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ବର୍ତ୍ତମାନ ବିଭିନ୍ନ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହୋଇଛି । ଏହି ଅଭାବକୁ ପୂରଣ କରିବା ପାଇଁ ନାଳନ୍ଦା ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଏବଂ ମିଶନ ରକ୍ତଦାନ ଓ ଏଚଡିଏଫସିର ମିଳିତ ଆନୁକୂଲ୍ୟରେ ଏନଆଇଟି ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରକୁ ଏନଆଇଟିର ଅଧ୍ୟକ୍ଷ ଲାଡି ଗୋପାଳ ରାଓ, ଉପାଧ୍ୟକ୍ଷ ମଳୟ କୁମାର ପାଢ଼ୀ ଉଦ୍‌ଘାଟନ କରିଥିଲେ । ରାଜ୍ୟ ରକ୍ତ ନିରାପତ୍ତା ସହ-ନିର୍ଦ୍ଦେଶକ ଡା. ଦେବାଶିଷ ମିଶ୍ର ଯୋଗଦେଇ ରକ୍ତଦାନର ଉପକାରିତା ସଂପର୍କରେ ଆଲୋକପାତ କରିଥିଲେ । ଏନଆଇଟିର ପ୍ରିନ୍ସିପାଲ ଡ. ପ୍ରଭାତ କୁମାର ସୁବୁଦ୍ଧି, ପ୍ରଶାସନିକ ଅଧିକାରୀ ଧିରେନ୍ ଚନ୍ଦ୍ର ରାଉତ, ଡ. ଅର୍ଜୁନ କୁମାର ପାଲ୍, ବିପିନ ବିହାରୀ ଭୋଇ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରୁ ୧୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ମିଶନ ରକ୍ତଦାନ ତରଫରୁ ବିଭୂତି ଭୂଷଣ ସାହୁ, ଗୁନୁ ଆଚାର୍ଯ୍ୟ, ଶଶିକାନ୍ତ ବେହେରା ଏବଂ ପ୍ରଯକ୍ତା ଦାସ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଦଶପଲ୍ଲାରେ ସାଇବର ସଚେତନତା କାର୍ଯ୍ୟକ୍ରମ

ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍

ମଙ୍ଗଳବାର ଦିନ ଦଶପଲ୍ଲା ପୋଲିସ ଦ୍ୱାରା ଆୟୋଜିତ ସାଇବର ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ତ୍ରିନାଥ ବଜାର ନିକଟସ୍ଥ ମେଳିଆ ଟୋଟା ଠାରେ ଅନୁଷ୍ଠିତ ହୋଇଯାଇଛି । ମୋବାଇଲ ଏବଂ କମ୍ପ୍ୟୁଟର ଦ୍ୱାରା ଠକାମିର ଶିକାର ହେଉଥିବା ଜନ ସାଧାରଣଙ୍କୁ ସଚେତନ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ବିଭିନ୍ନ ବକ୍ତା ମତ ପ୍ରକାଶ କରିଥିଲେ । ଏଥିସହିତ ଫେକ ଆଇଡି ଖୋଲି ସେଥିରେ ଅର୍ଥ ଲାଭର ଲୋଭନୀୟ ପ୍ରଚାର କରି ଅନ୍ୟକୁ ଲୁଟ କରିବାର ଯେଉଁ ଉପାୟ ଚାଲିଛି ତାକୁ ଜାଣିବା ଏବଂ ପ୍ରତିହତ କରିବା ହେଉଛି ଏହି କାର୍ଯ୍ୟକ୍ରମର ଉଦେଶ୍ୟ । କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ପଣ୍ଡା, ଏସଡ଼ିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣ କୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ହୋଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଦଶପଲ୍ଲା ଆଇଆଇସି ବିନୟ ରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଓଟିଇଟି ପାଇଁ ଆବେଦନ

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ୨୦୨୫ର ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଆବେଦନ ଆହ୍ୱାନ କରାଯାଇଛି । ଡବ୍ଲୁଡବ୍ଲୁଡବ୍ଲୁ ବିଏସଇଓଡ଼ିଶା. ଏସି.ଇନ ୱେବସାଇଟରେ ଅନଲାଇନ ମୋଡ୍ ମାଧ୍ୟମରେ ଆବେଦନ ଗ୍ରହଣ କରାଯିବ । ଅନଲାଇନ ଲିଙ୍କ ନଭେମ୍ବର ୧୨ରୁ ୨୫ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଉପଲବ୍ଧ ରହିବ । ଫି ଦେୟ ଓ ଫର୍ମ ଦାଖଲ ନଭେମ୍ବର ୨୬ ରାତି ୧୧ଟା ୪୫ ସୁଦ୍ଧା ଅନଲାଇନ ମୋଡ଼ ମାଧ୍ୟମରେ କରାଯିବ । ଡିସେମ୍ବର ୧୭ରେ ପେପର ୱାନ ପରୀକ୍ଷା ସକାଳ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସେହିପରି ପେପର-୨ ପରୀକ୍ଷା ଅପରାହ୍ନ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପ୍ରବେଶପତ୍ର ଡିସେମ୍ବର ୧୨ରୁ ଉପଲବ୍ଧ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି । କୌଣସି ପରିସ୍ଥିତିରେ ଆବେଦନ ଫର୍ମ ଦାଖଲର ଶେଷ ତାରିଖ ବୃଦ୍ଧି କରାଯିବ ନାହିଁ ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି ।

## ଘରୋଇ ସ୍କୁଲ ଫି ନିର୍ଦ୍ଧାରଣ କମିଟି ରିପୋର୍ଟ ତୁରନ୍ତ ଲାଗୁ କରିବାକୁ ଗଣଶିକ୍ଷା ସଚିବଙ୍କୁ ମାନବାଧିକାର ଆୟୋଗଙ୍କ ନୋଟିସ୍

ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ବେସରକାରୀ ବିଦ୍ୟାଳୟ ଫି ନିର୍ଦ୍ଧାରଣ କମିଟି ରିପୋର୍ଟ ତୁରନ୍ତ ଲାଗୁ କରିବା ନିମନ୍ତେ ଶିକ୍ଷା ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏହାକୁ ନେଇ ନ୍ୟାସନାଲ ପ୍ୟାରେଣ୍ଟ ଫେଡେରେସନ୍‌ର ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହାର ପ୍ରାଥମିକ ଶୁଣାଣି କରି ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ପୁଜାହାରି ଗଣଶିକ୍ଷା ବିଭାଗର ସଚିବଙ୍କୁ ଉପଯୁକ୍ତ ତଥ୍ୟ ପ୍ରଦାନ କରିବାକୁ ନୋଟିସ୍ ଜାରି କରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ବେସରକାରୀ ବିଦ୍ୟାଳୟରେ ଫି ନିର୍ଦ୍ଧାରଣକୁ ନେଇ ଓଡ଼ିଶା ଶିକ୍ଷା ଆଇନ୍-୧୯୬୯ ଏବଂ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅଧିନିୟମ ନଂ- ୩୦୭୨୦ ୨୩ ସେପ୍ଟେମ୍ବର ୧୯୯୬ ଅନୁଯାୟୀ ପ୍ରାବଧାନ ଅଛି । କିନ୍ତୁ ଏହାକୁ ପ୍ରକୃତ ଅର୍ଥରେ ପାଳନ କରାଯାଉନାହିଁ । ଫଳରେ ବିଭିନ୍ନ ସମୟରେ ଅଭିଭାବକମାନଙ୍କ ଧାରଣା, ଧର୍ମଘଟ ଏବଂ ଆମରଣ ଅନଶନ ଭଳି କାର୍ଯ୍ୟକ୍ରମ ଚାଲୁଛି ଏବଂ ଫି ସମସ୍ୟାକୁ ନେଇ ଛାତ୍ରଛାତ୍ରୀଙ୍କ ଉପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆକ୍ରୋଶମୂଳକ ଆଚରଣ ଏବଂ ଆତ୍ମହତ୍ୟା ଭଳି ଦୁଃଖଦ ଘଟଣା ମଧ୍ୟ ସାମ୍ନାକୁ ଆସିଛି । ଏ ସବୁକୁ ଦୃଷ୍ଟିରେ ରଖି ତତ୍କାଳୀନ ସରକାରଙ୍କ ଆଦେଶ ଅନୁଯାୟୀ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶାନୁସାରେ ୨୦୧୮ ମସିହାରେ ଏକ ଫି ନିର୍ଦ୍ଧାରଣ କମିଟି ଗଠନ କରାଯାଇଥିଲା ଯେଉଁଥିରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଅଧ୍ୟକ୍ଷ ଥିଲେ ଏବଂ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ବେସରକାରୀ ବିଦ୍ୟାଳୟର ଅଧ୍ୟକ୍ଷ, ପୃଷ୍ଠପୋଷକ, ଅଭିଭାବକ ସଂଘ, ଅଭିଭାବକ, ଆଇନ୍ ବିଭାଗ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ସଦସ୍ୟ ଥିଲେ । ବିଭିନ୍ନ ପର୍ଯ୍ୟାୟରେ ବହୁ ବୈଠକ ଓ ବହୁ ଆଲୋଚନା ପରେ ସମସ୍ତଙ୍କ ସହମତିରେ ଏକ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇ ଫାଇଲ୍ ନମ୍ବର ଏସ୍‌ଏମ୍‌ଇ-ଏସ୍‌ପିଏଲ୍‌ଇଡିଏନ୍-୦୦୯-୨୦୧୮ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ ନିମନ୍ତେ ପଠାଯାଇଥିଲା । ୨୦୧୯ ମସିହାରେ କମିଟି ଅଧ୍ୟକ୍ଷ ତତ୍କାଳୀନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିର୍ଦ୍ଦେଶନାମା ନଂ-୧୫୩୬୨ ତା- ୧୧/୦୪/୨୦୧୯ରେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସେଣ୍ଟ ଜାଭିୟର୍ସ ଖଣ୍ଡଗିରୀକୁ ନିର୍ଦ୍ଦେଶ ଦେଇଥିଲେ ଯାହାକି କାର୍ଯ୍ୟକାରୀ ମଧ୍ୟ ହୋଇଥିଲା । ଏହି ନିର୍ଦ୍ଦେଶନାମାକୁ ସାର୍ବଜନୀନ କରି ଲାଗୁ କରିବାପାଇଁ ପ୍ରଚେଷ୍ଟା ଚାଲିଥିବା ସମୟରେ ପରବର୍ତ୍ତୀ ଅବସ୍ଥାରେ କୋଭିଡ୍ ମହାମାରୀ ଯୋଗୁଁ ଦୀର୍ଘ ଦୁଇବର୍ଷ ଏହା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଲା । କୋଭିଡ ମହାମାରୀ ଉପରାନ୍ତେ ତତ୍କାଳିନ ଶିକ୍ଷାମନ୍ତ୍ରୀ, ଗଣଶିକ୍ଷା ସଚିବ ଏବଂ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେଇଥିଲା ଯେଉଁଥିରେ କି ପ୍ରତିଶ୍ରୁତି ଦିଆଗଲା ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ତୁରନ୍ତ ବ୍ୟବସ୍ଥା କରାଯିବ । ଏ ସମ୍ବନ୍ଧରେ ବିଧାନସଭାରେ ପଚରାଯାଇଥିବା ପ୍ରଶ୍ନରେ ଶିକ୍ଷାମନ୍ତ୍ରୀ ଉତ୍ତର ରଖିଥିଲେ କି ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବ । ପରବର୍ତ୍ତୀ ଅବସ୍ଥାରେ ୨୦୨୪ ମସିହାରେ ଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ସଚିବ, ଓସେପା ନିର୍ଦ୍ଦେଶକ, ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତିରେ ହୋଇଥିବା ବୈଠକରେ ନିଷ୍ପତି ନିଆଗଲା ତୁରନ୍ତ ଏହାକୁ କିଛି ସଂଶୋଧନ କରି କାର୍ଯ୍ୟକାରୀ କରାଯିବ । କିନ୍ତୁ ସାଧାରଣ ନିର୍ବାଚନ ନିମନ୍ତେ ଆଚରଣବିଧି ଲାଗୁ ହେବା ଯୋଗୁଁ ଏହା ସ୍ଥଗିତ ରହିଥିଲା, କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇନପାରିବା ଯୋଗୁଁ ଲକ୍ଷାଧିକ ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ତୁରନ୍ତ ଲାଗୁ କରିବା ନିମନ୍ତେ ଫେଡେରେସନ୍ ତରଫରୁ ଆୟୋଗଙ୍କ ନିକଟରେ ଅଭିଯୋଗ କରାଯାଇଥିଲା ।

ଏଠାରେ ଉଲ୍ଲେଖଯୋଗ୍ୟ ଦେଶର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ରାଜ୍ୟରେ ବେସରକାରୀ ବିଦ୍ୟାଳୟ ଫି ନିର୍ଦ୍ଧାରଣ ଏବଂ ନିୟନ୍ତ୍ରଣାଧୀନ ଆଇନ୍ ଲାଗୁ ହୋଇଛି । ଆଜିର ଏହି ପ୍ରତିନିଧି ମଣ୍ଡଳୀରେ ଫେଡେରେସନ୍ ଉପଦେଷ୍ଟା ନାଗାର୍ଜୁନ ସେଠୀ, ସ୍ୱପ୍ନେନ୍ଦୁ ସାମନ୍ତରାୟ, ରମେଶ ଭାରତୀ, ନିର୍ମଳ ରାଉତ ଏବଂ ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।


**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.4248, date- 27-10- 2025. I Pareswar Pradhan,S/O- Murali Pradhan ,Vill-Kusunpur, Post.- Bhitargarh, P.S.- Rajnagar, Dist- Kendrapara, State- Odisha, pin-754225, declare that, I have changed my name from Gandharba Pradhan to Pareswar Pradhan. Henceforth, I shall be known as Pareswar Pradhan for all purposes.

**S/d- Pareswar Pradhan.**

